
‘ବଟ୍‌ୱାରା ୧୯୪୭’ ପାଇଁ ୬୦ କୋଟି
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-49 ◆WEDNESDAY ◆12 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୪୯ ◆ବୁଧବାର ◆୧୨ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଇରାନ ଭୟରେ ଲୁଚିଲେ ଟ୍ରମ୍ପ





■ ୱାସିଂଟନ, ୧୧।୮ (ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ପରେ ରକ୍ତମୁଖା ହୋଇଛି ଇରାନ। ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ହତ୍ୟାର ପ୍ରତିଶୋଧ ନେବାଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ କରିଛି ଇରାନ। ତାଙ୍କୁ ହତ୍ୟା କରିବା ଲାଗି ଇରାନ ଯୋଜନା କରିଥିବା ନିଜେ ଟ୍ରମ୍ପ କହିଛନ୍ତି। ଇରାନର ସମ୍ଭାବ୍ୟ ଆକ୍ରମଣରୁ ବର୍ତ୍ତିବା ଲାଗି ଟ୍ରମ୍ପ ତାଙ୍କର ଗସ୍ତ କାର୍ଯ୍ୟକ୍ରମକୁ ଗୁପ୍ତ ରଖୁଛନ୍ତି। ଗତମାସ ନାଟୋ ସମ୍ମିଳନୀରେ ଯୋଗଦେବାଲାଗି ତୁର୍କି ଯାଇଥିବା ବେଳେ ଶତ୍ରୁଙ୍କୁ ଭ୍ରମିତ କରିବା ଲାଗି ବିମାନଘାଟୀରେ ଟ୍ରମ୍ପ କିପରି ଏକ ଟ୍ରକର ସାହାରା ନେଇଥିଲେ ସେସଂପର୍କରେ ଏକ ଚାଞ୍ଚଲ୍ୟକର ତଥ୍ୟ ଏବେ ପ୍ରକାଶ ପାଇଛି।

ୱାସିଂଟନ ପୋଷ୍ଟ ରିପୋର୍ଟ ଅନୁସାରେ, ଜୁଲାଇ ୮ ତାରିଖରେ ନାଟୋ ସମ୍ମିଳନୀରେ ଯୋଗ ଦେବା ପାଇଁ ଟ୍ରମ୍ପ ତୁର୍କୀ ରାଜଧାନୀ ଆଙ୍କାରା ଯାଇଥିଲେ। ସେଠାରୁ ଫେରିବା ସମୟରେ ସେ ଭିନ୍ନ କୌଶଳ ଅବଲମ୍ବନ କରିଥିଲେ। ଏୟାରଫୋର୍ସ ୱାନ ବିମାନରେ ରାଷ୍ଟ୍ରପତି ବିଦେଶ ଗସ୍ତ

## ଏ-ୱାନରୁ ଓହ୍ଲାଇ ଟ୍ରକରେ ବସିଲେ
## ସାମରିକ ବିମାନରେ ବ୍ରିଟେନ ଗଲେ

କରନ୍ତି। ତାଙ୍କୁ ନେଇ ଏହି ବିମାନ ବ୍ରିଟେନ ଦେଇ ୱାସିଂଟନ ଫେରିବାର କାର୍ଯ୍ୟକ୍ରମ ଥିଲା। ଟ୍ରମ୍ପ କ୍ୟାମେରା ସମ୍ମୁଖରେ ପୁରୁଣା ଏୟାରଫୋର୍ସ ୱାନ ବିମାନରେ ଚଢ଼ୁଥିବାର ଦେଖାଯାଇଥିଲା। କିନ୍ତୁ ବିମାନ ଭିତରକୁ ଯିବା ପରେ ତାଙ୍କୁ ଗୁପ୍ତ ଭାବେ ଏକ ଖାଦ୍ୟ ଓ ସାମଗ୍ରୀ ଯୋଗାଣ ଗାଡ଼ିରେ ବସାଇ ଅନ୍ୟ ଏକ ଛୋଟ ସାମରିକ ବିମାନ ସି-୩୨ଏକୁ ନିଆଯାଇଥିଲା। ୱାସିଂଟନ ପୋଷ୍ଟ ଦ୍ୱାରା ପ୍ରସାରିତ ଏକ ଭିଡିଓରେ ଏହି ଖାଦ୍ୟ ଯୋଗାଣ ଗାଡ଼ିଟି ଏୟାରଫୋର୍ସ ୱାନରୁ ବାହାରି ଛୋଟ ବିମାନ ଆଡ଼କୁ ଯାଉଥିବା ଦେଖିବାକୁ ମିଳିଛି। ଏହି ଅପରେସନକୁ ସମ୍ପୂର୍ଣ୍ଣ ରୂପେ ଗୁପ୍ତ ରଖାଯାଇଥିଲା। ଏପରିକି ଏୟାରଫୋର୍ସ ୱାନରେ ଥିବା ସାମ୍ବାଦିକ ଏବଂ କିଛି ହ୍ୱାଇଟ ହାଉସ କର୍ମଚାରୀ ମଧ୍ୟ ଜାଣିପାରିନଥିଲେ ଯେ ଟ୍ରମ୍ପ ସେମାନଙ୍କ ସହ ନାହାନ୍ତି। ସୁରକ୍ଷା ଦୃଷ୍ଟିରୁ ସାମ୍ବାଦିକମାନଙ୍କୁ ବିମାନର ଝରକା ପରଦା ବନ୍ଦ ରଖିବାକୁ କୁହାଯାଇଥିଲା। ▶ପୃଷ୍ଠା-୭

### ଶାସକ-ବିରୋଧୀଙ୍କ ମୁହାଁମୁହିଁ ପ୍ରତିବାଦ
# ସଂସଦ ପରିସର ପାଲଟିଲା ଯନ୍ତରମନ୍ତର






■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ସଂସଦର ଚଳିତ ମୌସୁମୀ ଅଧିବେଶନ ସରିବାକୁ ଆଉ ମାତ୍ର ଦୁଇ ଦିନ ବାକିଥିବା ବେଳେ ସରକାରଙ୍କ ଜିଦ୍ ଓ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଅଚଳାବସ୍ଥା ଜାରି ରହିଛି। ତେବେ ଏହାକୁ ଦୂର କରିବା ଲାଗି ଶେଷ ମୁହୂର୍ତ୍ତରେ ସରକାର ଆଗେଇ ଆସିଥିବା ବେଳେ ଦିଲ୍ଲୀରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଆଲୋଚନା ପାଇଁ କିଛି ସର୍ତ୍ତ ରଖିଛନ୍ତି। କିନ୍ତୁ ବିରୋଧୀ ଦଳ ବିନା ସର୍ତ୍ତରେ ଆଲୋଚନା କରିବାକୁ ଜିଦରେ ଅଟଳ ରହିଥିବାରୁ ବର୍ତ୍ତମାନ ସୁଦ୍ଧା ସମାଧାନର କୌଣସି ବାଟ ଫିଟିପାରି ନାହିଁ।

## ପୁଲିସ ବର୍ବରତା, ରାମ ମନ୍ଦିର ଆଲୋଚନା ପାଇଁ ସରକାରଙ୍କ ସର୍ତ୍ତକୁ ବିରୋଧୀଙ୍କ ପ୍ରତ୍ୟାଖ୍ୟାନ
## ଲୋକସଭାରେ କେରଳମ୍, ରାଜ୍ୟସଭାରେ ଟ୍ରିବ୍ୟୁନାଲ ବିଲ୍ ପାରିତ

ସଂସଦ ଭିତରେ ହଟ୍ଟଗୋଳ ଜାରି ରହିଥିବା ବେଳେ ସଂସଦ ପରିସରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସଂସଦର ବାହାରେ ବିରୋଧୀ ଦଳର ସାଂସଦ ଏବଂ ଶାସକ ଏନଡିଏର ସାଂସଦମାନେ ମୁହାଁମୁହିଁ ହୋଇଛନ୍ତି। ମାତ୍ର କିଛି ମିଟର ଦୂରତାରେ ପରସ୍ପର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସୁରକ୍ଷା କର୍ମୀମାନେ ପରସ୍ପରର ହାତ ▶ପୃଷ୍ଠା-୭

# ସୁପ୍ରିମ୍‌କୋର୍ଟରେ ‘ଡିଜି’ ବିବାଦ
## କନିଷ୍ଠ ଅଧିକାରୀଙ୍କ ସମ୍ଭାବ୍ୟ ନିଯୁକ୍ତି ଆଶଙ୍କାରେ ଜନସ୍ୱାର୍ଥ ମାମଲା; ଶୁଣାଣି ଆଜି

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୮ (ସମିସ): ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ହେଉଥିବା ଓ ଜଣେ କନିଷ୍ଠ ଅଧିକାରୀଙ୍କ ନାମକୁ ଡିଜିପି ପଦ ପାଇଁ ସୁପାରିସକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀ ପିନାକପାଣି ମହାନ୍ତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ମାମଲାର ଜରୁରୀ ଶୁଣାଣି ନିମନ୍ତେ ଆବେଦନ କରିଛନ୍ତି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଆସନ୍ତାକାଲି ଏହାର ଜରୁରୀ ଶୁଣାଣି କରିବେ ବୋଲି ସୂଚନା ମିଳିଛି।

ବିଭିନ୍ନ ରାଜ୍ୟରେ ଡ଼ିଜି ନିଯୁକ୍ତି ସମୟରେ ସୁପ୍ରିମକୋର୍ଟଙ୍କ କେନ୍ଦ୍ର ସରକାର ବନାମ ପ୍ରକାଶ ସିଂହ ମାମଲାର ରାୟକୁ ଆଧାର ରୂପେ ଗ୍ରହଣ କରାଯାଇଥାଏ। ରାଜ୍ୟରେ ପୁଲିସ ମୁଖ୍ୟ ମନୋନୟନରେ ରାଜନୈତିକ ପ୍ରଭାବ ହ୍ରାସ କରି ଯୋଗ୍ୟତା, ବରିଷ୍ଠତା, ସେବା ରେକର୍ଡ ଓ ଅଭିଜ୍ଞତାକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ। ଜଣେ ଅଧିକାରୀଙ୍କ ନାମକୁ ବିଚାର ଯୋଗ୍ୟ କରାଯିବା ନିମନ୍ତେ ଆକସ୍ମିକ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଡିଜିପି ଚୟନ ଏକ ସ୍ୱଚ୍ଛ ଓ ବସ୍ତୁନିଷ୍ଠ ପ୍ରକ୍ରିୟାରେ ହେବା ଅଧିକାରୀଙ୍କର ଅତିକମରେ ୨୫ ବର୍ଷର କ୍ରମାଗତ ସେବାର ଅଭିଜ୍ଞତା ଥିବା ଆବଶ୍ୟକ। ସେହିପରି ଅବସର ଅବଧି ୬ ମାସରୁ ଊର୍ଦ୍ଧ୍ୱ ରହିଥିବା ଜରୁରୀ। ଏହାବ୍ୟତୀତ ସେବା ରେକର୍ଡ, ଦକ୍ଷତା, ପୁଲିସିଂରେ



## ଆବେଦନକାରୀଙ୍କ ପକ୍ଷରୁ ଲଢ଼ୁଛନ୍ତି ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍
## ଜରୁରୀ ଶୁଣାଣି କରିବେ ମୁଖ୍ୟ ବିଚାରପତିଙ୍କ ସହ ତିନିଜଣିଆ ଖଣ୍ଡପୀଠ
## ଆସନ୍ତା ୧୩ ତାରିଖରେ ବସିବ ୟୁପିଏସ୍‌ସିର ଡିଜି ମନୋନୟନ ବୈଠକ
## କିଏ ବହନ କରିବ ବରିଷ୍ଠ ଓକିଲ ଚିଦାମ୍ବରମ୍‌ଙ୍କ ଓକିଲାତି ବାବଦ ଫି’

ଏହି ବ୍ୟବସ୍ଥା ଆଧାରରେ ୟୁପିଏସ୍‌ସି ଏକ ପ୍ୟାନେଲ ପ୍ରସ୍ତୁତ କରିଥାଏ ଓ ରାଜ୍ୟ ସରକାର ସେହି ପ୍ୟାନେଲରୁ ଡ଼ିଜିଙ୍କୁ ନିଯୁକ୍ତି ଦେଇଥାଆନ୍ତି। ମାତ୍ର ଓଡ଼ିଶାରେ ଡିଜିପି ଚୟନରେ ଯୋଗ୍ୟତା ଓ ନିରପେକ୍ଷତା ମାନଦଣ୍ଡକୁ ଉପେକ୍ଷା କରି ଉଚିତ ଓ ସରକାର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ପୁଲିସ ପ୍ରଶାସନର ଉଚ୍ଚ ପଦରେ ଅବସ୍ଥାପିତ କରିବା ପାଇଁ ନିୟମକୁ ଉଲ୍ଲଂଘନ କରିପାରିବେ ନାହିଁ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି।

ସାଧାରଣତଃ ଡିଜି ପଦ ପାଇଁ ସମ୍ପୃକ୍ତ ପୁଲିସ ଅଭିଜ୍ଞତା ଓ ବରିଷ୍ଠତା ମଧ୍ୟ ବିଚାରକୁ ନିଆଯାଏ। ଓଡ଼ିଶା ଡିଜିପି ନିଯୁକ୍ତି ପାଇଁ ରାଜ୍ୟ ସରକାର ଏପ୍ରିଲ୍‌ରେ ୟୁପିଏସ୍‌ସିକୁ କିଛି ଅଧିକାରୀଙ୍କ ନାମ ପଠାଇଥିଲେ। ପରେ ଏହି ପ୍ୟାନେଲ୍‌କୁ ପ୍ରତ୍ୟାହାର କରାଯାଇଥିଲା ଓ ମେ’ରେ ପୁଣି ୧୧ ▶ପୃଷ୍ଠା-୭

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣିଲେନି ଅଧିକାରୀ
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୀଟନାଶକ ପିଇଦେଲେ



■ ବ୍ରହ୍ମପୁର/ଛତ୍ରପୁର, ୧୧।୮ (ସମିସ): ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବୁଗୁଡ଼ା ବ୍ଲକ ଗୌଡ଼ ସିଂଗିପୁର ଗ୍ରାମର ଜଗବନ୍ଧୁ ପ୍ରଧାନ କୀଟନାଶକ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ଅଭିଯୋଗର ସମାଧାନ ନହେବାରୁ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ଘଟଣା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲର କାଜୁଆଲିଟିରେ ଭର୍ତ୍ତି କରାଯାଇଛି। ସେଠାରେ ଜଗବନ୍ଧୁଙ୍କ ଚିକିତ୍ସା ଜାରି ରହିଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ହେବ ▶ପୃଷ୍ଠା-୭

### ଆଜି ସୃଷ୍ଟି ହେବ ଆଉ ଏକ ଲଘୁଚାପ
# ୧୫ ପର୍ଯ୍ୟନ୍ତ ବର୍ଷା

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି। ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ-ପଶ୍ଚିମବଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବୁଧବାର ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ତେବେ ଏହା ଆଗକୁ କେତେ ଘନୀଭୂତ ସେନେଇ ପାଣିପାଗ ବିଭାଗ କୌଣସି ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆକଳନ କରାଯାଇଛି।



ଲଘୁଚାପ ଯୋଗୁଁ ବୁଧବାରଠାରୁ ବର୍ଷାର ପ୍ରଭାବ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି। ବର୍ଷାର ପ୍ରଭାବ ଉତ୍ତର ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଗୁଡିକରେ ସବୁଠୁ ଅଧିକ ରହିବ। ଏହାସହ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ବୁଧବାର ଅନୁଗୁଳ ଓ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, ଢେଙ୍କାନାଳ, ▶ପୃଷ୍ଠା-୭

### ଧାନ ରୋଇବା ବେଳେ ଅଘଟଣ
# ବଜ୍ରପାତରେ ୪ ମହିଳା ମୃତ

■ ରାଉରକେଲା /ବଣାଇଁଗଡ଼, ୧୧।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଓ ବାଲିଶଙ୍କର ଅଞ୍ଚଳରେ ବଜ୍ରପାତ ଘଟି ୪ ଜଣ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ୬ ମହିଳା ଗୁରୁତର ହୋଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷାରେ ଧାନ ତଳି ରୋଉଥିବାବେଳେ ବଜ୍ରପାତ ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଜିଲ୍ଲାର ବାଲିଶଙ୍କରା ଥାନା ଅଧୀନ ଚାନ୍ଦିନିମାଲ ଗାଁରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ କିଛି ମହିଳା ଶ୍ରମିକ ଆସି ଏକ ଧାନ ବିଲରେ ଧାନ ତଳି ରୋଉଥିଲେ। ଏହି ସମୟରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ଘଟିଥିଲେ। ଏହି ବଜ୍ରପାତରେ ୨ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ମୃତକ ଦ୍ୱୟ ହେଲେ ସୁଶୀଳା ତିର୍କୀ (୭୦), ଚମ୍ପା ତିର୍କୀ(୪୯)। ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଘର ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ଆହତ ୫ ଜଣଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ ଏନ୍‌ଟିପିସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ଆହତ ୪ ଜଣଙ୍କୁ ସୁନ୍ଦରଗଡ଼ ଜିଲ୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତ ଆହତଙ୍କ ଘର ବି ▶ପୃଷ୍ଠା-୭

## ଯୁବକଙ୍କ ମୃତ୍ୟୁ, ୨ ଆହତ

■ ରାସଗୋବିନ୍ଦପୁର, ୧୧।୮ (ସମିସ): ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତ ଯୁବକ କାପୋଇ ଗ୍ରାମର ହିନ୍ଦୁ ମୁର୍ମୁଙ୍କ ପୁଅ ଶିବଶଙ୍କର ମୁର୍ମୁ (୩୫)। ଶିବଶଙ୍କର ବିଲରେ କାମ ସାରି ମଙ୍ଗଳବାର ଦିନ ପ୍ରାୟ ୨ଟା ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିବଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ▶ପୃଷ୍ଠା-୭

### ସମବାୟ ଭିତ୍ତିଭୂମି
# ଦେଶରେ ଓଡ଼ିଶା ତଳଆଡ଼ୁ ଆଗୁଆ
## ୫ ବର୍ଷରେ ଏନ୍‌ସିଡିସି ବାଣ୍ଟିଛି ୩୯୬୭୬୦ କୋଟି

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ନେଇ ରାଜ୍ୟ ସରକାର ଯୁକ୍ତି ବାଢ଼ୁଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ସହଯୋଗରେ ଚାଷୀ, ମହିଳା ଏବଂ ସାଧାରଣ ଉଦ୍ୟୋଗୀମାନେ ବିଶେଷ ଭାବରେ ଉପକୃତ ହେଉଥିବା ନେଇ ଦାବି କରାଯାଉଛି। ମାତ୍ର କେନ୍ଦ୍ର ସରକାରଙ୍କ ତଥ୍ୟ ହେଉଛି ଭିନ୍ନ। ଗତ ୫ ବର୍ଷରେ କେନ୍ଦ୍ର ସରକାରଙ୍କ କେନ୍ଦ୍ର ସମବାୟ ଉନ୍ନୟନ ନିଗମ(ଏନସିଡିସି) ଦେଶବ୍ୟାପୀ ଋଣ ଓ ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ମୋଟ ୩ ଲକ୍ଷ ୯୬ ହଜାର ୭୬୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। ଏଥିରେ ସିଂହଭାଗ ଅର୍ଥ ଋଣ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଆଉ କିଛି ଅର୍ଥ ଭିତ୍ତିଭୂମି ବିକାଶ ପାଇଁ ବ୍ୟବହାର କରାଯାଉଛି। ସମବାୟ କ୍ଷେତ୍ରର ଉନ୍ନତି ପାଇଁ ଏହି ସହାୟତା ଉଦ୍ଦିଷ୍ଟ ଥିଲା ବେଳେ ଏଥିରୁ ଓଡ଼ିଶାକୁ ମାତ୍ର ୨୩ କୋଟି ୩୬ ଲକ୍ଷ ଟଙ୍କା ମିଳିଛି। ଯାହା ମୋଟ ଅନୁଦାନର ୦.୦୦୫ ପ୍ରତିଶତ ଅଟେ। ରାଜ୍ୟର ଦୁର୍ବଳ ସମବାୟ ଭିତ୍ତିଭୂମି କାରଣରୁ ଓଡ଼ିଶାକୁ ଅତ୍ୟନ୍ତ ନଗଣ୍ୟ ପରିମାଣର ସହାୟତା ମିଳୁଥିବା ନେଇ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।


## ଓଡ଼ିଶା ଭାଗରେ ପଡ଼ିଛି ମାତ୍ର ୨୩ କୋଟି ଟଙ୍କା
## ଗତବର୍ଷ ଫିସେରୀ, ମାର୍କେଟିଂ କ୍ଷେତ୍ରରେ ମିଳିନି ଟଙ୍କାଏ

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫-୨୬ରେ ଏନସିଡିସି ପକ୍ଷରୁ ମୋଟ ୧ ଲକ୍ଷ ୨୭ ହଜାର ୫୯୫ କୋଟି ଟଙ୍କାର ବାର୍ଷିକ ଆର୍ଥିକ ସହାୟତା ଋଣ ତଥା ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ଏଥିର ଓଡ଼ିଶାର ଭାଗ ମାତ୍ର ୭ କୋଟି ୩ ଲକ୍ଷ ଟଙ୍କା ▶ପୃଷ୍ଠା-୭

# ପୋଲାଭରମ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ନାହାନ୍ତି ଓଡ଼ିଶାର ପ୍ରଭାବିତ
## ଅନ୍ଧାରରେ ମାଲକାନଗିରିର ହଜାର ହଜାର ଆଦିବାସୀଙ୍କ ଭାଗ୍ୟ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୧।୮ (ସମିସ): ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବ। ଅନେକ ଜନବସତି ପାଣି ଭିତରେ ହଜିଯିବ, ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବ। ଏ ପ୍ରସଙ୍ଗରେ ବାରମ୍ବାର କେନ୍ଦ୍ର ନିକଟରେ ଆପତ୍ତି କରିଛି ଓଡ଼ିଶା; ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରିଛି। ମାଲକାନଗିରି ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି କରିବାକୁ ଖୋଦ ସୁପ୍ରିମକୋର୍ଟ ଦେଇଥିବା ପରାମର୍ଶକୁ ଆନ୍ଧ୍ର ସରକାର ଖାତିର କରି ନାହାନ୍ତି। ଏହା ସତ୍ତ୍ୱେ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ହାତ ଖୋଲି ଅନୁଦାନ ଢ଼ାଳି ଦେଇଛନ୍ତି। ପ୍ରକଳ୍ପର ୩୦୪୩୬.୯୫ କୋଟି ସଂଶୋଧିତ ବ୍ୟୟ ଅଟକଳକୁ ଗତବର୍ଷ କେନ୍ଦ୍ର ସରକାର ମଞ୍ଜୁରି ଦେବା ସହ ୫୫୧୨.୪ କୋଟି ଅନୁଦାନ

## ୫ ବର୍ଷରେ ୧୨,୬୨୦ କୋଟି ଅନୁଦାନ ଦେଇଛି କେନ୍ଦ୍ର
## ୩୦୪୩୭ କୋଟିର ସଂଶୋଧିତ ଅଟକଳକୁ ଅନୁମୋଦନ



ଦେଇଛନ୍ତି। ଯାହାକୁ ନେଇ ମାଲକାନଗିରି ଜିଲ୍ଲାର ପ୍ରଭାବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯେଉଁ ପ୍ରକଳ୍ପ ପାଇଁ ଓଡ଼ିଶା ଚିନ୍ତାପ୍ରକଟ କରିଛି, ଯେଉଁ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଥିଲେ ହେଁ ଏହାର ପ୍ରଭାବ ଆକଳନ କରାଯାଉ ନାହିଁ। ଏପରିକି ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କ ମଧ୍ୟରେ କେବଳ ଆନ୍ଧ୍ରର ଜନସାଧାରଣ ସ୍ଥାନ ପାଇବା ମାଲକାନଗିରି ଜିଲ୍ଲାର ପ୍ରଭାବିତଙ୍କ ପ୍ରତି ଅନ୍ୟାୟ କରାଯାଇଛି।

ତେଲୁଗୁ ଦେଶମ ପାର୍ଟି ସାଂସଦ ଆର୍ କୃଷ୍ଣାୟାଙ୍କ ପ୍ରଶ୍ନରେ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ସଂସଦରେ କହିଛନ୍ତି ଯେ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨୦୨୧-୨୨ରେ ୧,୮୯୮.୮୦ କୋଟି ଟଙ୍କା, ୨୦୨୨-୨୩ରେ ୧,୬୭୧.୨୩ କୋଟି ଟଙ୍କା, ୨୦୨୩-୨୪ରେ ୭୨୭.୮୮ କୋଟି ଟଙ୍କା, ୨୦୨୪-୨୫ରେ ୫,୫୧୨.୪୦ କୋଟି ଟଙ୍କା ଏବଂ ୨୦୨୫-୨୬ରେ ୨,୮୧୦.୨୨ କୋଟି ଟଙ୍କା ଦିଆଯାଇଛି। ଏହା ସହ ପୋଲାଭରମ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୩୦,୪୩୬.୯୫ କୋଟି ଟଙ୍କାର ସଂଶୋଧିତ ଖର୍ଚ୍ଚ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପରମୁଖ୍ୟ ନିର୍ମାଣ କାମ ମଧ୍ୟ ଦ୍ରୁତ ଗତିରେ ଆଗେଇଛି। ସ୍ପିଲ୍‌ୱେର ମାଟି ▶ପୃଷ୍ଠା-୭

# କଶ୍ମୀରରେ ୪ ସନ୍ଦିଗ୍ଧ ଆତଙ୍କବାଦୀ; ବ୍ୟାପକ ସର୍ଚ୍ଚ ଅପରେସନ ଆରମ୍ଭ

ଡୋଡା/ଶ୍ରୀନଗର, ୧୧।୮ (ଏଜେନ୍ସି): ଜାମ୍ମୁ-କାଶ୍ମୀରର ଡୋଡା ଜିଲ୍ଲାରେ ୪ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ପାହାଡ଼ ଚଢୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଏହାପରେ ସେନା ଓ ସୁରକ୍ଷା ବାହିନୀ ପକ୍ଷରୁ ବଡ଼ ଧରଣର ଅପରେସନ ଆରମ୍ଭ କରାଯାଇଛି। ସୂଚନା ଅନୁସାରେ, ଡୋଡା ଜିଲ୍ଲାର ରାମତୁଣ୍ଡ ଶିଖର ନିକଟରେ ଏହି ସନ୍ଦିଗ୍ଧମାନଙ୍କୁ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳଟି ଉର୍ଦ୍ଧ୍ୱମପୁର ଜିଲ୍ଲାର ସିଓଜ ଧାର୍ ବେଲ୍ଟ ସହିତ



ଲାଗିରହିଛି। ଏହି ଦୁର୍ଗମ, ଘଞ୍ଚ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳକୁ ଆତଙ୍କବାଦୀମାନେ ପ୍ରାୟତଃ ଗୋପନୀୟ ଭାବେ ଯାତାୟାତ କରିବା ପାଇଁ କିମ୍ବା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରନ୍ତି। ଗତ ସୋମବାର ଅପରାହ୍ଣରେ କିଛି ସ୍ଥାନୀୟ ବାସିନ୍ଦା ଏହି ସନ୍ଦିଗ୍ଧମାନଙ୍କ ଗତିବିଧି ଦେଖିବାକୁ ପାଇଥିଲେ। ସେମାନେ ଭିଡିଓ କରି ସୁରକ୍ଷା ବାହିନୀକୁ ସତର୍କ କରାଇଥିଲେ। ଖବର ପାଇ ସେନା, ପୁଲିସ ଏବଂ ସିଆରପିଏଫ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ମଙ୍ଗଳବାର ସକାଳେ ଉର୍ଦ୍ଧ୍ୱମପୁରରୁ ଅତିରିକ୍ତ ସୁରକ୍ଷା ବାହିନୀ ପଠାଯାଇ ଘଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ପ୍ରାଥମିକ ତଥ୍ୟ ଅନୁଯାୟୀ, ଏହି ଆତଙ୍କବାଦୀ ଗୋଷ୍ଠୀରେ ତିନିଜଣ ବିଦେଶୀ ଏବଂ ଜଣେ ସ୍ଥାନୀୟ ଆତଙ୍କବାଦୀ ଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ କୌଣସି ସିଧାସଳଖ ଗୁଳିବିନିମୟ ବା ସଂଘର୍ଷ ହୋଇନାହିଁ।

# କଲମ୍ବିଆ ଭୂକମ୍ପ: ୨୨୪ ମୃତ, ୨୭୦୦ ନିଖୋଜ

ବୋଗୋଟା, ୧୧।୮ (ଏଜେନ୍ସି): କଲମ୍ବିଆରେ ସୋମବାର ଅନୁଭୂତ ହୋଇଥିବା ଶକ୍ତିଶାଳୀ ୭.୪ ତୀବ୍ରତାର ଭୂକମ୍ପ ଯୋଗୁଁ ବ୍ୟାପକ ଧନଜୀବନ ହାନି ଘଟିଛି। ସଦ୍ୟତମ ସୂଚନା ଅନୁଯାୟୀ, ଏହି ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୨୨୪ରେ ପହଞ୍ଚିଛି ଏବଂ ୫୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହାକୁ ଗତ ଦଶନ୍ଧି ମଧ୍ୟରେ ଦେଶର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ଭାବେ ବର୍ଣ୍ଣନା କରାଯାଉଛି। ଏହି ବିପର୍ଯ୍ୟୟରେ



ପେରେଇରା, କାଲି, କ୍ୱିବଡୋ ଏବଂ ମାନିଜାଲ୍ସ ସହର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। କାଲି ସହରରେ ୮୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୩୨ଟି ବଡ଼ କୋଠା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏପରିକି ଏକ ହସ୍ପିଟାଲର ଶିଶୁ ଓ ନବଜାତ ଶିଶୁ ବିଭାଗ ଭୁଶୁଡ଼ି ପଡ଼ିବାରୁ ଅନେକ ରୋଗୀ ଭଗ୍ନାବଶେଷ ତଳେ ଫସି ରହିଥିଲେ। ପେରେଇରାରେ ମୃତ୍ୟୁ ସଂଖ୍ୟା ୬୦ ଟପିଥିବା ବେଳେ ବିମାନ ବନ୍ଦରର ଛାତ ଭୁଶୁଡ଼ି ପଡ଼ିବା ଯୋଗୁଁ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ମାନିଜାଲ୍ସର ଐତିହାସିକ ନିଓ-ଗୋଥିକ୍ କ୍ୟାଥେଡ୍ରାଲର ଏକ ଗୋଲାକାର ସ୍ତମ୍ଭ ଭୁଶୁଡ଼ି ପଡ଼ିଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଆବେଲାର୍ଡ ଡିଲା ଏସପ୍ରିଏଲା ଦେଶରେ ଜାତୀୟ ବିପର୍ଯ୍ୟୟ ଘୋଷଣା କରିଛନ୍ତି। ସେନାବାହିନୀର ପାଞ୍ଚଟି ଉଦ୍ଧାରକାରୀ ଦଳକୁ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୭୦୦ ରୁ ଅଧିକ ଲୋକ ନିଖୋଜ ଥିବା ରିପୋର୍ଟ କରାଯାଇଛି। ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି।

# ହାତରେ ତ୍ରିରଙ୍ଗା ଧରି ମହାକାଶରୁ ଭାରତକୁ ସ୍ୱାଧୀନତା ଦିବସର ଶୁଭେଚ୍ଛା




ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସ ପୂର୍ବରୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରୁ ରୁଷୀୟ ମହାକାଶଚାରୀ ସ୍ୱତନ୍ତ୍ର ବାର୍ତ୍ତା ପଠାଇଛନ୍ତି। ରୁଷର ମହାକାଶ ଗବେଷଣା ସଂସ୍ଥା 'ରୋସକୋସମୋସ'ର ମହାକାଶଚାରୀମାନେ ହାତରେ ଭାରତୀୟ ତ୍ରିରଙ୍ଗା ଧରି ଭାରତବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଦୁଇ ଦେଶ ମଧ୍ୟରେ ଥିବା ଦୀର୍ଘ ଦଶନ୍ଧିର ମହାକାଶ ସହଯୋଗକୁ ମନେ ପକାଇଛନ୍ତି। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମହାକାଶଚାରୀ ପ୍ୟୋଟର ଦୁବ୍ରୋଭ ଭାରତବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ସ୍ୱାଧୀନତା ଦିବସର ଅଭିନନ୍ଦନ ଜଣାଇଛନ୍ତି। ସେ ମହାକାଶ ବିଜ୍ଞାନ କ୍ଷେତ୍ରରେ ମସ୍କୋ ଏବଂ ନୂଆଦିଲ୍ଲୀ ମଧ୍ୟରେ ଥିବା ସମ୍ପର୍କକୁ ଦୁଇ ଦେଶର ବନ୍ଧୁତାର ଏକ ମୁଖ୍ୟ ସ୍ତମ୍ଭ ଭାବେ ବର୍ଣ୍ଣନା କରିଛନ୍ତି। ଏହି ସନ୍ଦେଶରେ ମହାକାଶଚାରୀମାନେ ମାନବ ମହାକାଶ ଯାତ୍ରାର ପ୍ରଥମ ଅଧ୍ୟାୟର ସ୍ମୃତିଚାରଣ କରିଛନ୍ତି। ଚଳିତ ବର୍ଷ ସୋଭିଏତ୍ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ପ୍ରଥମ ମହାକାଶ ଯାତ୍ରାର ୬୫ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ୧୯୬୧ ମସିହାରେ ଗାଗାରିନ୍ ଭାରତ ଗସ୍ତ କରିଥିଲେ। ମହାକାଶରୁ ଭାରତ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଏଠାରେ ରହୁଥିବା ବନ୍ଧୁମାନଙ୍କ ପାଇଁ ପୃଥିବୀପୃଷ୍ଠରେ ଏହି ଦେଶ ଅଧିକ ସୁନ୍ଦର ବୋଲି ଗାଗାରିନ୍ କହିଥିଲେ। ସେହି କଥାକୁ ରୁଷୀୟ ମହାକାଶଚାରୀମାନେ ମନେ ପକାଇଛନ୍ତି। ମହାକାଶଚାରୀମାନେ କହିଛନ୍ତି ଯେ, ୧୯୭୫ ମସିହାରେ ସୋଭିଏତ୍ ସଂଘ ସହାୟତାରେ ଭାରତର ପ୍ରଥମ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ଉତ୍କ୍ଷେପଣ କରାଯାଇଥିଲା। ଏହାର ପ୍ରାୟ ଏକ ଦଶନ୍ଧି ପରେ ୧୯୮୪ ମସିହାରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ସୋଭିଏତ୍ ମହାକାଶଯାନ ସୋୟୁଜ୍ ଟି-୧୧ ଯୋଗେ ମହାକାଶ ଯାତ୍ରା କରିଥିଲେ। ଏହି ବନ୍ଧୁତା ଏବେ 'ଗଗନଯାନ' ମିଶନ ମାଧ୍ୟମରେ ଏକ ନୂତନ ଯୁଗରେ ପଦାର୍ପଣ କରିବ। ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ ଗଗନଯାନ ପାଇଁ ଭାରତୀୟ ମହାକାଶଚାରୀମାନେ ରୁଷର ୟୁରି ଗାଗାରିନ୍ ମହାକାଶଚାରୀ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ଗ୍ରହଣ କରିଛନ୍ତି। ଏହି ଅବସରରେ ରୋସକୋସମୋସ ଏବଂ ଇସ୍ରୋ ଦ୍ୱାରା ମିଳିତ ଭାବେ ଆୟୋଜିତ ଏକ ପ୍ରତିଯୋଗିତାର ବିଜେତାମାନଙ୍କ କୃତିକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ମହାକାଶଚାରୀ ଆନ୍ଦ୍ରେ ଫେଡିୟାଭ ଭାରତୀୟ ପତାକା ଧରି 'ଭାରତ-ରୁଷ ବନ୍ଧୁତା ଅମର ରହୁ' ବୋଲି କହିବା ସହ ଭାରତର ଉତ୍ତରୋତ୍ତର ସଫଳତା କାମନା କରିଥିଲେ।

## ନିଶା ପରୀକ୍ଷାରେ ଧରାପଡ଼ିଲେ

# ମାରିଜୁଆନା ସେବନ କରିଥିଲେ ପାଇଲଟ୍



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୨୩୭୯ରେ ଅଗଷ୍ଟ ୪ରେ ଘଟିଥିବା ବିପଜ୍ଜନକ ଦୁର୍ଘଟଣାକୁ ନେଇ ତଥ୍ୟ ସାମ୍ନାକୁ ଆସିଛି। ଦ୍ୱିତୀୟ ଥର ପାଇଁ କରାଯାଇଥିବା ଡ୍ରଗ୍ ଟେଷ୍ଟରେ ବିମାନର ପାଇଲଟ୍-ଇନ୍-କମାଣ୍ଡ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପାଇଲଟ୍ ଜଣକ ମାରିଜୁଆନା ବା ନିଶା ଦ୍ରବ୍ୟ ସେବନ କରିଥିଲେ। ଏହି ଘଟଣା ବିମାନ ଚଳାଚଳ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରିପୋର୍ଟ ଅନୁଯାୟୀ, ବିମାନଟି ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଓଡ଼ିଶା ଉପର ଦେଇ ଉଡ଼ିଥିଲା। ଭୁବନେଶ୍ୱର ଆକାଶ ମାର୍ଗରେ ହିଁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା। ଏହି ସମୟରେ ବିମାନରେ ଭୀଷଣ କମ୍ପନ ସୃଷ୍ଟି ହୋଇଥିଲା। ଏହାଯୋଗୁଁ ୨୦ ଜଣ ଯାତ୍ରୀ ଏବଂ ୪ ଜଣ କ୍ରୁ ସଦସ୍ୟଙ୍କ ସମେତ ମୋଟ ୨୪ ଜଣ ଆହତ ହୋଇଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ଅନୁଯାୟୀ, ବିମାନର ହାଇଡ୍ରୋଲିକ୍ ସିଷ୍ଟମ ତିନିଥର ବିଫଳ ହୋଇଥିଲା ଏବଂ ଅଟୋ-ପାଇଲଟ୍ ସିଷ୍ଟମ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଏହାପରେ କୋ-ପାଇଲଟ୍ ବିମାନର ନିୟନ୍ତ୍ରଣ ନିଜ ହାତକୁ ନେଇ ଏହାକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। କିନ୍ତୁ ଘଟଣା ପରେ ହୋଇଥିବା ପରୀକ୍ଷାରେ ପାଇଲଟଙ୍କ ଶରୀରରେ ନିଶାଦ୍ରବ୍ୟ ମିଳିଛି। ଫଳସ୍ୱରୂପ, ଉଭୟ ପାଇଲଟଙ୍କୁ କାର୍ଯ୍ୟରୁ ବାଦ୍ ଦିଆଯାଇଛି। ଏୟାରବସ୍ ଏ୩୨୦ ବିମାନଟି ଫ୍ରାନ୍ସର ବିଇଏ କମ୍ପାନୀ ଦ୍ୱାରା ନିର୍ମିତ। ତେଣୁ ଫ୍ରାନ୍ସର ବିଶେଷଜ୍ଞ ଦଳ ଏବଂ ଏୟାରବସ୍ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଭାରତରେ ପହଞ୍ଚି ତଦନ୍ତରେ ସହାୟତା କରୁଛନ୍ତି। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନଙ୍କୁ ଏହି ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ସମନ କରାଯାଇଛି। ଘଟଣାର ସମସ୍ତ ଦିଗ ନେଇ ବିଶେଷଜ୍ଞ ଦଳ ସହିତ ଆଲୋଚନା ହୋଇଛି। ଆଲୋଚନାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ, ବେସାମରିକ ବିମାନ ଚଳାଚଳ ସଚିବ ଏବଂ ଡିଜିସିଏର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବିମାନଟି ଏତେ ବଡ଼ ଦୁର୍ଘଟଣା ପରେ ମଧ୍ୟ କାହିଁକି ନିକଟସ୍ଥ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ ନକରି ସିଧା ଦିଲ୍ଲୀ ଯାଇଥିଲା, ସେ ନେଇ ମଧ୍ୟ ଅନୁସନ୍ଧାନ ଜାରି ରହିଛି। ତେବେ ଏୟାର ଇଣ୍ଡିଆ କହିଛି ଯେ ଦୁର୍ଘଟଣାର ତଦନ୍ତ ଜାରି ରହିଥିବାରୁ କୌଣସି ଚରମ ସିଦ୍ଧାନ୍ତ ଉପରେ ମନ୍ତବ୍ୟ ଦେଇପାରିବ ନାହିଁ।

**ଓଡ଼ିଶା ଆକାଶରେ ଉଡୁଥିଲା ଏୟାର ଇଣ୍ଡିଆ ବିମାନ ୩୦୦ ଫୁଟ୍ ତଳକୁ ଖସିଆସିଥିଲା, ୨୪ ଆହତ**

# ଯୁଦ୍ଧ ପାଇଁ ଇରାନକୁ କ୍ଷତିପୂରଣ ମାଗିଲେ ଟ୍ରମ୍ପ



ୱାଶିଂଟନ, ୧୧।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ରକ୍ତପାତ ଏବଂ ଜୀବନହାନି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧାସଳଖ ଇରାନକୁ ଦାୟୀ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଇରାନ ଠାରୁ କ୍ଷତିପୂରଣ ଦାବି କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ବିଗତ ୫୦ ବର୍ଷ ମଧ୍ୟରେ ଇରାନ ଦ୍ୱାରା ହତ୍ୟାର ଶିକାର ହୋଇଥିବା ଶହ ଶହ ନିର୍ଦ୍ଦୋଷ ପ୍ରତିବାଦକାରୀଙ୍କ ପରିବାରକୁ କ୍ଷତିପୂରଣ ମିଳିବା ଆବଶ୍ୟକ। ଏହା ବ୍ୟତୀତ ଗତ ୫ ମାସର ସଂଘର୍ଷରେ ଲେବାନନ, ସିରିଆ, ୟେମେନ ଏବଂ ଗାଜାରେ ପ୍ରାଣ ହରାଇଥିବା ପ୍ରାୟ ୫୨, ୦୦୦ ଲୋକଙ୍କ ମୃତ୍ୟୁ ପାଇଁ ସେ ଇରାନର ଶାସନକଳକୁ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ, ହର୍ମୁଜ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଇରାନ ପକ୍ଷରୁ ଏକ ସର୍ତ୍ତ ରଖାଯାଇଥିଲା। ଏହି ସଂଘର୍ଷରେ ହୋଇଥିବା କ୍ଷତି ପାଇଁ ୱାଶିଂଟନ ଅର୍ଥ ପ୍ରଦାନ କରୁ ବୋଲି ତେହେରାନ ଦାବି କରିଥିଲା। କିନ୍ତୁ କ୍ଷତିପୂରଣ ଦେବା ବଦଳରେ ଟ୍ରମ୍ପ ଓଲଟା ଇରାନ ଉପରେ କ୍ଷତିପୂରଣର ବୋଝ ଲଦିଛନ୍ତି। ଏହା ମଧ୍ୟରେ ଇସ୍ରାଏଲର ଏକ ରିପୋର୍ଟ ପରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏହି ଖବରକୁ ଖଣ୍ଡନ କରି ଖାମେନେଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ଅନ୍ୟପକ୍ଷରେ, ପଶ୍ଚିମ ଏସିଆର ଏହି ଅସ୍ଥିରତା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୭.୮୧ ଡଲାରରେ ପହଞ୍ଚିଛି। ଟ୍ରମ୍ପଙ୍କ ଏହି ନୂଆ ଆଭିମୁଖ୍ୟ ପରେ ପରିସ୍ଥିତିରେ ସୁଧାର ଆଶା କମ୍ ଦେଖାଦେଇଛି।



# ସିରିଆର ପୂର୍ବତନ ଶାସକଙ୍କୁ ମୃତ୍ୟୁଦଣ୍ଡାଦେଶ

ଦାମାସ୍କସ, ୧୧।୮ (ଏଜେନ୍ସି): ସିରିଆର ରାଜଧାନୀ ଦାମାସ୍କସର ଏକ କୋର୍ଟ ଦେଶର ପୂର୍ବତନ ଏକଛତ୍ରବାଦୀ ଶାସକ ବଶର ଅଲ୍-ଅସଦଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦେଶର ଗୃହଯୁଦ୍ଧ ସମୟରେ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧ ପାଇଁ ତାଙ୍କୁ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୨୪ ଡିସେମ୍ବରରେ ଅସଦ ସରକାରର ପତନ ହେବା ପରେ ଅହମ୍ମଦ ଅଲ-ସାରାଙ୍କ ନେତୃତ୍ୱରେ ଏକ ନୂତନ ସରକାର ଶାସନ ଭାର ଗ୍ରହଣ କରିଥିଲେ। ବିଦ୍ରୋହୀମାନେ ଦାମାସ୍କସ ନିକଟତର ହେବା ପରେ ଅସଦ ନିଜ ପରିବାର ସହ ମସ୍କୋକୁ ପଳାୟନ କରି ଆଶ୍ରୟ ନେଇଛନ୍ତି। ତାଙ୍କର ଅନୁପସ୍ଥିତିରେ ଅଦାଲତ ଏହି ଶୁଣାଣି କରିଛନ୍ତି। ଅସଦଙ୍କ ଶାସନ କାଳରେ ସାଧାରଣ ନାଗରିକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା, ନିର୍ଯାତନା, ବେଆଇନ ଗିରଫଦାରୀ ଏବଂ ସାଧାରଣ ଅଞ୍ଚଳ ଉପରେ ଆକ୍ରମଣ ଭଳି ଅନେକ ଗୁରୁତର ଅଭିଯୋଗ ରହିଛି। ଏହା ବ୍ୟତୀତ, ତାଙ୍କ ସରକାର ବିରୋଧରେ ୨୦୧୩ରେ ଘୁଟା ଅଞ୍ଚଳରେ ସାରିନ୍ ଗ୍ୟାସ ଭଳି ରାସାୟନିକ ଅସ୍ତ୍ର ବ୍ୟବହାର କରିଥିବା ଅଭିଯୋଗକୁ ମଧ୍ୟ ଜାତିସଂଘ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରମାଣିତ କରାଯାଇଛି। ଅଦାଲତ ଅସଦଙ୍କ ସମ୍ପର୍କୀୟ ଭାଇ ତଥା ପୂର୍ବତନ ସୁରକ୍ଷା ନିର୍ଦ୍ଦେଶକ ଆତିଫ ନଜିବଙ୍କୁ ମଧ୍ୟ ଯୋଜନାବଦ୍ଧ ହତ୍ୟା ଓ ନିର୍ଯାତନା ପାଇଁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ନଜିବଙ୍କୁ ପ୍ରତ୍ୟକ୍ଷ ଭାବେ କୋର୍ଟରେ ହାଜର କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୦୦ରେ ପିତା ହାଫେଜ ଅଲ-ଅସଦଙ୍କ ମୃତ୍ୟୁ ପରେ ବଶର ଅଲ୍-ଅସଦ କ୍ଷମତାକୁ ଆସିଥିଲେ। ଦୀର୍ଘ ୨୪ ବର୍ଷ ଧରି ସେ ଦେଶରେ ଏକଛତ୍ରବାଦୀ ଶାସନ ଚଳାଇଥିଲେ। ୨୦୧୧ରେ ଆରମ୍ଭ ହୋଇଥିବା ଗଣତାନ୍ତ୍ରିକ ବିକ୍ଷୋଭକୁ ଦମନ କରିବା ପାଇଁ ସେ ସାମରିକ ବଳ ପ୍ରୟୋଗ କରିଥିଲେ। ଏହା ପରବର୍ତ୍ତୀ ସମୟରେ ଭୟଙ୍କର ଗୃହଯୁଦ୍ଧର ରୂପ ନେଇଥିଲା। ଏହି ସଂଘର୍ଷରେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିବା ସହ କୋଟି କୋଟି ଲୋକ ନିଜ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଥିଲେ। ସମ୍ପ୍ରତି ସିରିଆର ନୂତନ ପ୍ରଶାସନ ପୂର୍ବତନ ଶାସନକାଳର ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଅସଦ ବର୍ତ୍ତମାନ ଦେଶ ବାହାରେ ରହିଛନ୍ତି। ତଥାପି ଏହି ରାୟକୁ ସିରିଆର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି।

## ପଶ୍ଚିମବଙ୍ଗ ଭୋଟର ତାଲିକା ସଂଶୋଧନ ମାମଲା

# ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକା ସଂଶୋଧନ ସମୟରେ ବହୁ ସଂଖ୍ୟକ ଭୋଟରଙ୍କ ନାମ କଟାଯାଇଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ କମିଶନଙ୍କ ଠାରୁ ବିସ୍ତୃତ ତଥ୍ୟ ମାଗିଛନ୍ତି। କୋର୍ଟ ଚେତାବନୀ ଦେଇଛନ୍ତି ଯେ, ମାମଲାଗୁଡ଼ିକ ଯେଉଁଭଳି ଭାବେ ଧୀର ଗତିରେ ପରିଚାଳିତ ହେଉଛି, ସେଥିରେ ସମାଧାନ ହେବା ପୂର୍ବରୁ ଆଗାମୀ ନିର୍ବାଚନ ଆସିଯିବ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍ଆଇଆର୍) ସମ୍ପର୍କିତ ବହୁ ସଂଖ୍ୟକ ମାମଲା ଆପିଲେଟ୍ ଟ୍ରିବ୍ୟୁନାଲରେ ପଡ଼ି ରହିଥିବାରୁ ଏହାର ଶୀଘ୍ର ସମାଧାନ ପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଭୋଟର ତାଲିକାରୁ ନାମ କଟାଯିବା ବିରୋଧରେ ଦାଖଲ ଅପିଲ ଗୁଡ଼ିକର ତଥ୍ୟ ମାଗିଛନ୍ତି। ଏହାସହ ତନ୍ମଧ୍ୟରୁ କେତୋଟିର ଫଇସଲା ହୋଇଛି ଏବଂ କେତୋଟି ମାମଲା ଏବେ ମଧ୍ୟ ପଡ଼ି ରହିଛି, ଆପିଲେଟ୍ ଟ୍ରିବ୍ୟୁନାଲ ଏହି ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୋର୍ଟ ତଥ୍ୟ ତଲବ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗରେ ଏସ୍ଆଇଆର୍ ଅଧୀନରେ ପ୍ରସ୍ତୁତ ଚିଠା ଭୋଟର ତାଲିକାରୁ ପ୍ରାୟ ୫୮.୨ ଲକ୍ଷ ନାମ କଟାଯାଇଛି। ପୂର୍ବରୁ ରାଜ୍ୟରେ ୭.୬୬ କୋଟି ପଞ୍ଜିକୃତ ଭୋଟର ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୭.୦୮ କୋଟିକୁ ହ୍ରାସ ପାଇଛି।

# ମୁଁ କେବଳ ଆପଣଙ୍କ ଚାପରେ ଅଛି



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ରାଜ୍ୟସଭାରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡଗେଙ୍କ ଦ୍ୱାରା ଉଠାଯାଇଥିବା ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ପ୍ରସଙ୍ଗକୁ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ ଅଗ୍ରାହ୍ୟ କରିଦେବା ପରେ ଗୃହରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟସଭା ଅଧ୍ୟକ୍ଷ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ସମ୍ପର୍କିତ ବିଷୟଗୁଡ଼ିକୁ ସଂସଦରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଖାଡଗେ ରାମ ମନ୍ଦିର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ। ଏହାର ଜବାବରେ ଅଧ୍ୟକ୍ଷ କହିଥିଲେ ଯେ ସେ ଶାସକ ଦଳକୁ ମଧ୍ୟ ଝାଡ଼ଖଣ୍ଡ ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯାଇନାହିଁ। କାରଣ ତାହା ମଧ୍ୟ ଏକ ରାଜ୍ୟ ସମ୍ପର୍କିତ ବିଷୟ।

ସୂଚନାଯୋଗ୍ୟ, ରାଞ୍ଚିରେ ସରକାରୀ ଚାକିରି ପରୀକ୍ଷାରେ ସ୍ୱଚ୍ଛତା ଦାବି କରି ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଲାଠିଚାଳନା କରିଥିବା ଘଟଣାକୁ ଶାସକ ଦଳ ଉଠାଇବାକୁ ଚାହୁଁଥିଲେ। ଅଧ୍ୟକ୍ଷ ଓ ଖାଡଗେଙ୍କ ମଧ୍ୟରେ ଯୁକ୍ତିତର୍କ ଗୃହରେ ହଟ୍ଟଗୋଳ ହୋଇଥିଲା। ଏହି ସମୟରେ ମଲ୍ଲିକାର୍ଜୁନ ଖାଡଗେ ଅଭିଯୋଗ କରିଥିଲେ ଯେ, ଅଧ୍ୟକ୍ଷ ସର୍ବଦା ସରକାରଙ୍କ ଚାପରେ ରହୁଛନ୍ତି। ଏହାର ଜବାବ ଦେଇ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ କହିଥିଲେ, 'ଖାଡଗେ ଜୀ, ଦୟାକରି ନିଜ ଆସନ ଗ୍ରହଣ କରନ୍ତୁ। ମୁଁ କେବଳ ଆପଣଙ୍କ ଚାପରେ ଅଛି। ସେମାନେ (ଶାସକ ଦଳ) ମୋ ଉପରେ କେବେ ଚାପ ପକାନ୍ତି ନାହିଁ, କିନ୍ତୁ ଆପଣ ସବୁବେଳେ ମୋ ଉପରେ ଚାପ ପକାଉଛନ୍ତି'। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିରୋଧୀ ଦଳକୁ ଅନେକ ଥର ସୁଯୋଗ ଦିଆଯାଇଛି, କିନ୍ତୁ ପ୍ରତିଦିନ ସମାନ ପ୍ରସଙ୍ଗ ଉଠାଇ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ଗୃହ ମୁଲତବୀ ବିରୋଧୀ ଦଳର ସଦସ୍ୟମାନଙ୍କ ନିରନ୍ତର ନାରାବାଜି ଏବଂ ହଟ୍ଟଗୋଳ ଯୋଗୁଁ ଗୃହର କାର୍ଯ୍ୟ ସ୍ୱାଭାବିକ ହୋଇପାରିନଥିଲା।

# ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାରୀର ପୁଅଙ୍କୁ ନିର୍ବାଚନ ଟିକଟ

ଅମୃତସର, ୧୧।୮ (ଏଜେନ୍ସି): ପଞ୍ଜାବ ବିଧାନସଭା ନିର୍ବାଚନ ୨୦୨୭ ପାଇଁ ରାଜନୈତିକ ଉଷ୍ମତା ମଧ୍ୟରେ ଶିରୋମଣି ଅକାଳୀ ଦଳ (ୱାରିସ ପଞ୍ଜାବ ଦେ) ଏହାର ପ୍ରଥମ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଦଳ କେହର ସିଂଙ୍କ ପୁଅ ସତୱନ୍ତ ସିଂଙ୍କୁ ବାସି ପଠାନା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିଛି। କେହର ସିଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପ୍ରାଣଦଣ୍ଡ ପାଇଥିଲେ। ସୂଚନାଯୋଗ୍ୟ, 'ୱାରିସ ପଞ୍ଜାବ ଦେ'ର ନେତୃତ୍ୱ ଖଲିସ୍ତାନୀ ସମର୍ଥକ ଅମୃତପାଲ ସିଂ ନେଉଛନ୍ତି। ସେ ବର୍ତ୍ତମାନ ଜାତୀୟ ସୁରକ୍ଷା ଆଇନ ଅଧୀନରେ ଜେଲରେ ଅଛନ୍ତି। ସେ ୨୦୨୪ ଲୋକସଭା ନିର୍ବାଚନରେ ଜେଲରୁ ଥାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ତାଙ୍କ ପିତା ତରସେମ ସିଂ ବର୍ତ୍ତମାନ ଦଳର ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରୁଛନ୍ତି। ଅମୃତସରରେ ସାମ୍ବାଦିକ ସମ୍ମିଳନୀରେ ତରସେମ ସିଂ ଏହି ପ୍ରାର୍ଥୀପତ୍ର ଘୋଷଣା କରିଛନ୍ତି। ଏହି ସମୟରେ ଫରିଦକୋଟ ସାଂସଦ ସରବଜିତ ସିଂ ଖାଲସା ମଧ୍ୟ ଉପସ୍ଥିତ ଥିଲେ। ସରବଜିତ ସିଂ ହେଉଛନ୍ତି ଇନ୍ଦିରା ଗାନ୍ଧୀଙ୍କୁ ଗୁଳି କରିଥିବା ଦୁଇ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ଜଣେ ବେଅନ୍ତ ସିଂଙ୍କ ପୁଅ। ସତୱନ୍ତଙ୍କ ରାଜନୈତିକ ଅଭିଜ୍ଞତା ବିଷୟରେ କୌଣସି ସୂଚନା ମିଳିନାହିଁ। ତେବେ ଦଳ ତାଙ୍କୁ ପ୍ରାର୍ଥୀ କରି ଶିଖ୍ ସମ୍ପ୍ରଦାୟ ଓ ଧାର୍ମିକ ପ୍ରସଙ୍ଗ ବା 'ପନ୍ଥିକ' ରାଜନୀତିକୁ ଗୁରୁତ୍ୱ ଦେବାକୁ ଚାହିଁଛି।

# ହିମାଚଳରେ ୧୫୭ ମୃତ, ୨୫୭ ନିଖୋଜ

ସିମଲା, ୧୧।୮ (ଏଜେନ୍ସି): ହିମାଚଳ ପ୍ରଦେଶରେ ମୌସୁମୀ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ଏକ ମାସରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ରାଜ୍ୟରେ ପ୍ରାୟ ୧୫୭ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ଜରୁରୀକାଳୀନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଜୁନ୍ ୩୦ ରୁ ଅଗଷ୍ଟ ୯ ମଧ୍ୟରେ



୬୮ ଜଣ ଭୂସ୍ଖଳନ ଓ ଆକସ୍ମିକ ବନ୍ୟା ଯୋଗୁଁ ପ୍ରାଣ ହରାଇଥିବା ବେଳେ ୮୯ ଜଣ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଏବେ ମଧ୍ୟ ପ୍ରାୟ ୨୫୭ ଜଣ ଲୋକ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୯୦୦ଟି ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ହାରାହାରି ୮୮୬ କୋଟି ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଯାତାୟାତ କ୍ଷେତ୍ରରେ ମଧ୍ୟ ଗୁରୁତର ବାଧା ସୃଷ୍ଟି ହୋଇଛି। ମାଣ୍ଡି-କୁଲୁ ଜାତୀୟ ରାଜପଥ ସମେତ ସମୁଦାୟ ୨୫୯ଟି ରାସ୍ତା ବନ୍ଦ ରହିଛି। ମାଣ୍ଡି ଜିଲ୍ଲାରେ ସର୍ବାଧିକ ୧୨୦ଟି ରାସ୍ତା ଅବରୋଧ ହୋଇଛି। କୁଲୁ ଏବଂ ମାଣ୍ଡି ଜିଲ୍ଲାରେ ବିଦ୍ୟୁତ୍ ଏବଂ ଜଳ ଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ରାଜ୍ୟରେ ପ୍ରାୟ ୧୬୧ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଥିବା ବେଳେ ମାଣ୍ଡିରେ ସର୍ବାଧିକ ୭୭ଟି ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ୫୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ ହୋଇଛି। ପଡ଼ୋଶୀ ଉତ୍ତରାଖଣ୍ଡ ରାଜ୍ୟରେ ମଧ୍ୟ ବନ୍ୟାରେ ଏକ ପୋଲ ଭାସିଯାଇଛି। ସିମଲା ପାଣିପାଗ ବିଭାଗ ପକ୍ଷରୁ କାଙ୍ଗଡ଼ା, ମାଣ୍ଡି, ହାମିରପୁର, ସିମଲା ଏବଂ ସିରମୌର ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

**ମୌସୁମୀ ତାଣ୍ଡବ; ଭୂସ୍ଖଳନରେ ୨୬୦ରୁ ଅଧିକ ରାସ୍ତା ବନ୍ଦ**

## ‘ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି’ ଯୋଜନାର ମାର୍ଗଦର୍ଶିକା ଜାରି

# ପରୀକ୍ଷା ଫି’ ଦେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୧।୮(ସମିସ): ନିୟମିତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧାରିତ ଫି’ ଦେବାକୁ ପଡ଼ିବ ନାହିଁ। ନାମଲେଖା ଓ ପୁନଃ ନାମଲେଖା ସମୟରେ ନିଆଯାଉଥିବା ଆଡମିଶନ୍ ଫି’, ଡେଭଲପମେଣ୍ଟ ଫି’ ସମେତ ଅନ୍ୟାନ୍ୟ ଫି’ ସରକାର ବହନ କରିବ। ମାତ୍ର ପରୀକ୍ଷା ଫି’ କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ତେଣୁ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଫି’ ଦେବାକୁ ପଡ଼ିବ। କେଜିରୁ ପିଜି ମାଗଣା ଶିକ୍ଷା ସମ୍ପର୍କରେ ସରକାର ଘୋଷଣା କରିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ‘ଜ୍ଞାନଦୋୟ-ଶିକ୍ଷାରୁ ସମୃଦ୍ଧି’ ସମ୍ପର୍କିତ ବିସ୍ତୃତ ମାର୍ଗଦର୍ଶିକା ବା ଏସ୍ଓପିରୁ ଏହା ସ୍ପଷ୍ଟ ହୋଇଛି।

ମାର୍ଗଦର୍ଶିକାରେ ଆହୁରି କୁହାଯାଇଛି ଯେ ନାମଲେଖା ଫି’ ବ୍ୟତୀତ ଛାତ୍ରଛାତ୍ରୀଙ୍କ ଠାରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଅନ୍ୟାନ୍ୟ ଫି’ ଆଦାୟ କରିପାରିବେ। ସେମିନାର ଫି’, ଏକ୍ସକରସନ୍ ଫି’, ଶୈକ୍ଷିକ ଭ୍ରମଣ ଫି’, ଆଲୁମିନି ଆସୋସିଏସନ୍ ଫି’ ପରି କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ଅନୁମତି ଦେଇଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଏହି ଯୋଜନାରେ କଡ଼ାକଡ଼ି ଲାଗୁ କରିବାକୁ ଯୋଜନା ରହିଛି। ଏହି ଯୋଜନାରେ ଲାଭାନ୍ୱିତ

- ୭୫% ଉପସ୍ଥାନ ବାଧ୍ୟତାମୂଳକ, ବିଶେଷ ପରିସ୍ଥିତିରେ ୬୫% ଗ୍ରହଣୀୟ
- ପିଲାଙ୍କ ଉପସ୍ଥାନ କମିଲେ କିଏ ଦେବ ଫି’; ସ୍ପଷ୍ଟୀକରଣରେ ଅସ୍ପଷ୍ଟ
- ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଫି’ ରେଗୁଲେସନ୍ କମିଟି

ହେବା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ବିଶେଷ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଅନୁମତି ଦେଲେ ଏହାକୁ କମ୍ କରାଯାଇପାରେ। ମାତ୍ର ୬୫ ପ୍ରତିଶତରୁ ଉପସ୍ଥାନ କମିଲେ ତାହାକୁ ଗ୍ରହଣ କରାଯିବ ନାହିଁ । ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଅନୁଧ୍ୟାନ କରି ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମିଳିବ। ଯେଉଁ ପିଲାଙ୍କ ଉପସ୍ଥାନ ୬୫ ପ୍ରତିଶତରୁ କମ୍ ରହିବ ବା ଏହି ଯୋଜନା ପାଇଁ ଯୋଗ୍ୟ ହେବେନାହିଁ, ସେମାନଙ୍କ ପାଇଁ କୌଣସି ଫି’ ସରକାର ପ୍ରଦାନ କରିବେ ନାହିଁ। କିନ୍ତୁ ଏହି ପିଲାଙ୍କ ନାମଲେଖା ଓ ଅନ୍ୟାନ୍ୟ ବାବଦକୁ ଅର୍ଥ କିପରି ଭରଣା ହେବ, ସେ ନେଇ ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇ ନାହିଁ। ଯଦି ଉପସ୍ଥାନ ହେଉ ନଥିବା ପିଲାଙ୍କ ଠାରୁ ଫି’ ନିଆଯାଏ, ତାହେଲେ କିପରି ଓ କେବେ ନିଆଯିବ ସେ ସମ୍ପର୍କରେ କୌଣସି ଉଲ୍ଲେଖ କରାଯାଇ ନାହିଁ।

ନାମଲେଖା ଫି’ ମଧ୍ୟ କୌଣସି ଶିକ୍ଷାନୁଷ୍ଠାନ ମନଇଚ୍ଛା ବଢ଼ାଇ ପାରିବେ ନାହିଁ। ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା ପାଇଁ ପୂର୍ବରୁ ସାମସ୍ ୱେବସାଇଟ୍‌ରେ ନିର୍ଦ୍ଧାରିତ ଫି’ ଅନୁସାରେ ସରକାର ଅନୁଦାନ ଦେବେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷ ଅର୍ଥାତ୍ ପୂର୍ବ ବର୍ଷରେ ଧାର୍ଯ୍ୟ ହୋଇଥିବା ପୁନଃ ନାମଲେଖା ଫି’ ଅନୁଯାୟୀ ଚଳିତବର୍ଷ ଅନୁଦାନ ଦିଆଯିବ। ଏହାକୁ କୌଣସି ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିପାରିବେ ନାହିଁ। ଏହି ଫି’ ବୃଦ୍ଧି ପାଇଁ ରାଜ୍ୟ ସ୍ତରରେ ଏକ କମିଟି ଗଠନ କରାଯିବ। ରାଜ୍ୟ ସ୍ତରୀୟ ଫି’ ରେଗୁଲେସନ୍ କମିଟିରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅଧ୍ୟକ୍ଷ ଭାବେ ରହିବେ। ସେହିପରି ଅର୍ଥ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗ, ଗଣଶିକ୍ଷା ବିଭାଗରୁ ଜଣେ ଲେଖାଏଁ ସଦସ୍ୟ କମିଟିରେ ରହିବେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଦୁଇ ଜଣ ସଦସ୍ୟଙ୍କ ସହିତ ଦୁଇଜଣ ଲେଖାଏଁ କୁଳପତି, ସରକାରୀ କଲେଜ ଅଧ୍ୟକ୍ଷ, ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷ ଓ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ରହିବେ ବୋଲି କୁହାଯାଇଛି। ଅନୁରୂପ ଭାବେ ପୂର୍ବ ଘୋଷଣା ଅନୁଯାୟୀ କଲେଜଗୁଡ଼ିକୁ ପ୍ରଥମେ ୧୦ ପ୍ରତିଶତ ଏବଂ ପରେ ୧୫ ପ୍ରତିଶତ ଅନୁଦାନ ଦିଆଯିବ। ଏହା ପରେ ପ୍ରତି ୩ ମାସରେ ୨୫ ପ୍ରତିଶତ ଲେଖାଏଁ ଟଙ୍କା ଶିକ୍ଷାନୁଷ୍ଠାନ କୁ ପ୍ରଦାନ କରାଯିବ।

■ ମାଗଣା ଶିକ୍ଷାକୁ ଅଭିଭାବକ ମହାସଂଘର ପ୍ରଶ୍ନ

# ଛାତ୍ରବୃତ୍ତି ଜାରି ରହିବ ନା ବନ୍ଦ ହେବ; ସ୍ପଷ୍ଟୀକରଣ ଦିଅନ୍ତୁ ସରକାର

ଭୁବନେଶ୍ୱର, ୧୧।୮(ସମିସ): ରାଜ୍ୟ ସରକାରଙ୍କ “କେଜିରୁ ପିଜି ମାଗଣା ଶିକ୍ଷା’ ଘୋଷଣାକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପ୍ରଶ୍ନ ଉଠାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଅନୁଧ୍ୟାନ କରି ମହାସଂଘ କହିଛି ଯେ, ଯୋଜନାଟି ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ନୁହେଁ, ବରଂ କେବଳ କିଛି ଆଡମିଶନ୍ ସମ୍ବନ୍ଧୀୟ ଫି’ରେ ସୀମିତ ରହିଛି। ଛାତ୍ରଛାତ୍ରୀଙ୍କ ଠାରୁ ସରକାର ପରୀକ୍ଷା ଫି’ ନେବେ। ଏଥିସହ ଆଫିଲିଏସନ୍ ସମ୍ବନ୍ଧୀୟ ଫି’, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରେସନ୍ ଚାର୍ଜ ଓ ଅନ୍ୟାନ୍ୟ ଆଇନଗତ ଦେୟ ସରକାର ବହନ କରିବେ କି ନାହିଁ, ସେନେଇ ସ୍ପଷ୍ଟତା ନାହିଁ। ସେହିପରି ସେମିନାର ଫି’, ଏକ୍ସକର୍ସନ୍ ଫି’, ଷ୍ଟଡି ଟୁର୍ ଫି’, ଆଲୁମିନି ଆସୋସିଏସନ୍ ଫି’ ଭଳି ବିଭିନ୍ନ କାର୍ଯ୍ୟକଳାପ ସମ୍ବନ୍ଧୀୟ ଦେୟ ଆଦାୟ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁମତି ଦିଆଯାଇଛି। ଏହା ଅଭିଭାବକଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରିବ। ଅପରପକ୍ଷରେ ଛାତ୍ରବୃତ୍ତିକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଥିବା ମହାସଂଘ ଅଭିଯୋଗ କରିବା ସହ “ଡୁପ୍ଲିକେଟ୍ ଫାଇନାନ୍ସିଆଲ୍ ଆସିଷ୍ଟାନ୍ସ’ ସମ୍ବନ୍ଧୀୟ ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ କରିଛି। ଜଣେ ଛାତ୍ର ଏକାଧିକ ସରକାରୀ ଯୋଜନାରୁ ଆର୍ଥିକ ସହାୟତା ପାଇପାରିବେ ନାହିଁ ବୋଲି ନିର୍ଦ୍ଦେଶାବଳୀରେ ଥିବାରୁ ପୂର୍ବରୁ ଚାଲୁଥିବା ରାଜ୍ୟ ଓ କେନ୍ଦ୍ର ଛାତ୍ରବୃତ୍ତିର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚାଲୁଥିବା ସମସ୍ତ ଛାତ୍ରବୃତ୍ତି ଜାରି ରହିବ କି ହ୍ରାସ ବା ବନ୍ଦ ହେବ, ସେନେଇ ସରକାର ତୁରନ୍ତ ଲିଖିତ ସ୍ପଷ୍ଟୀକରଣ ଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଯାଇଛି। ଏଥିସହ ପରୀକ୍ଷା ଫି’ ଓ ଆବଶ୍ୟକ ଆଫିଲିଏସନ୍/ ରେଜିଷ୍ଟ୍ରେସନ୍ ବାବଦ ଫି’ କୁ ମଧ୍ୟ ଯୋଜନାରେ ସାମିଲ କରିବା ପାଇଁ ସଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

# ଆଜି ଶ୍ରୀଅଙ୍ଗରେ ଲାଗିବ ରତ୍ନଚିତା

## ୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୧୧।୮(ସମିସ): ବୁଧବାର ଶ୍ରାବଣ କୃଷ୍ଣ ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ।



ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବତାୟତମାନେ ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିବେ। ପ୍ରଥମ ଭୋଗମଣ୍ଡପ ଶେଷ ପରେ ଏହି ବିଶେଷ ନୀତି ସମ୍ପନ୍ନ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆପାତତଃ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ସ୍ନାନ ପୂର୍ଣ୍ଣିମାରେ ଠାକୁରେ ଅଣସର ପିଣ୍ଡିକୁ ବିଜେ କରିବାବେଳେ ରତ୍ନଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା, ବଡ଼ଠାକୁର ଲୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।

# ପୂର୍ବବର୍ଷ ତୁଳନାରେ ରାଜସ୍ୱ ଆଦାୟ ୭.୩ ପ୍ରତିଶତ ବୃଦ୍ଧି

## କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ଆହୁରି ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୧।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରିଛନ୍ତି। ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।



ବୈଠକରେ ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା। ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦ ପ୍ରତିଶତ, କେନ୍ଦ୍ରୀୟ ଟିକସରେ ଅଂଶ ୩୧ ପ୍ରତିଶତ, ନିଜସ୍ୱ ଟିକସ ରାଜସ୍ୱ ୩୧ ପ୍ରତିଶତ ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮ ପ୍ରତିଶତ ରହିଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ୭.୩ ପ୍ରତିଶତ ଅଧିକ ହୋଇଛି। ସେହିପରି ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯ ପ୍ରତିଶତ ଅଧିକ ରହିଛି । ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨ ପ୍ରତିବର୍ଷ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି । ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

■ ସରକାରୀ ଅର୍ଥ ଆତ୍ମସାତ୍

# ଡିଏସ୍‌ପିଙ୍କୁ ୫ ବର୍ଷ ଜେଲ, ୫୦ ହଜାର ଜରିମାନା

ଅନୁଗୋଳ,୧୧।୮(ସମିସ): ଅନୁଗୋଳର ପୂର୍ବତନ ଡିଆଇବି ଡିଏସ୍‌ପି ଗୌତମ କୁମାର ମଲ୍ଲିକଙ୍କୁ ସରକାରୀ ଅର୍ଥ ଚଳୁ କରିବା ଅଭିଯୋଗରେ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଶରତ କୁମାର ଜେନା ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ଏକ ରାୟରେ ଶୁଣାଣି କରିଛନ୍ତି। ଘଟଣାରୁ ପ୍ରକାଶ ଯେ ୨୦୦୯ ମସିହାରେ ଶ୍ରୀ ମଲ୍ଲିକ ଅନୁଗୋଳର ଡିଆଇବିଡି ଏସପି ଥିବା ବେଳେ ବିଭାଗୀୟ ସରକାରୀ ଅର୍ଥ ୪ଲକ୍ଷ ଟଙ୍କା ଚଳୁ କରିଦେଇଥିଲେ। ତାଙ୍କର ବଦଳି ପରେ ଏହି ମାମଲାକୁ ଚାପି ଦେବା ପାଇଁ ତାଙ୍କର ଉତ୍ତରାଧିକାରୀଙ୍କୁ ସମ୍ପୃକ୍ତ ଫାଇଲ ଏବଂ ଦସ୍ତାବିଜ୍ ଦେଉ ନଥିଲେ। ବାରମ୍ବାର ତାଙ୍କୁ ଚିଠି କରାଗଲେ ମଧ୍ୟ ସେ ଏହାର ଉତ୍ତର ଦେବା ପରିବର୍ତ୍ତେ ପ୍ରମାଣ ନଷ୍ଟ କରିବାକୁ ପ୍ରୟାସ କରିଥିଲେ। ଶେଷରେ ୨୦୧୪ ମସିହାରେ ଏସ୍‌ପି ଭିଜିଲାନ୍ସଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସେତେବେଳେ ଶୁଭ ନାରାୟଣ ମୁଦୁଲି ଅନୁଗୋଳ ଥାନାର ଭାରପ୍ରାପ୍ତ ଅଧିକାରୀ ଥିଲେ। ଶେଷରେ କୋର୍ଟକୁ ଟଣା ହେବା ପରେ ଶ୍ରୀ ମଲ୍ଲିକ ସବୁ ସତ ମାନିଯାଇଥିଲା। ୧୬ ଡିସେମ୍ବର ୨୦୧୬ ରେ ଏଥିନେଇ ଚାର୍ଜ ସିଟ୍ ଫ୍ରେମ୍ କରାଯାଇଥିଲା। ଅଗଷ୍ଟ ୧୧ ତାରିଖରେ ଜଜ ମାମଲାର ଶୁଣାଣି କରି ଶ୍ରୀ ମଲ୍ଲିକଙ୍କୁ ଜେଲ ଦଣ୍ଡ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସହକାରୀ ପିପି ପ୍ରଦୀପ କୁମାର ଦେବତା ମାମଲା ପରିଚାଳନା କରିଥିବାବେଳେ ଢେଙ୍କାନାଳ ଅନୁଗୋଳ ର ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ୍ ଗଣେଶ୍ୱର ବେହେରା ସହଯୋଗ କରିଥିଲେ।

# ମାଛଧରାକୁ କେନ୍ଦ୍ର କରି ଚିଲିକା ରକ୍ତରଞ୍ଜିତ

## ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ମୃତ, ଜଣେ ଗୁରୁତର

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୧୧।୮(ସମିସ): ସୋମବାର ସନ୍ଧ୍ୟାରେ ଚିଲିକାକୁ ମାଛ ଧରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ସେହି ଯୁବକକୁ କିଏ ଅପହରଣ କରିଥିବା ସନ୍ଦେହ କରି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ମଙ୍ଗଳବାର ପୁଲିସ ତରଫରୁ ଚିଲିକାରେ ଖୋଜାଖୋଜି କରୁଥିବା ସମୟରେ ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ଜଣକ ଓମ୍ ବୋଲି ଜଣାପଡ଼ିଛି। ତେବେ କିଛି ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ରାମଲେଙ୍କା ପଞ୍ଚାୟତ କୁମାରପୁର ଗ୍ରାମରେ ଏହି ଘଟଣା ଘଟିଛି।

ଖବର ନେବାରେ ଜଣାପଡ଼ିଛି, କୁମାରପୁର ଗ୍ରାମର ଚିନ୍ମୟ ବେହେରା, ଅମର ବେହେରା ଏବଂ ଓମ୍ କୁମାରପୁର ଗ୍ରାମ ନିକଟ ଶ୍ୟାମାକାଳୀ ବାହାର ଚିଲିକାରୁ ମାଛ ଧରୁଥିଲେ। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ହଠାତ୍ ୨ଟି ଡଙ୍ଗାରେ ୪୦ରୁ ଉର୍ଦ୍ଧ୍ୱ ଲୋକ ଆସି ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଧମକ ଦେଇଥିଲେ। ଏପରିକି ସେମାନେ ମାଛ



ନେଇଯିବା ସହ ଆକ୍ରମଣ କରିଥିଲେ। ଏକ ଭୁଜାଲିରେ ଅମର ବେହେରାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ହେଲେ ଚିନ୍ମୟ କୌଶଳ କ୍ରମେ ଖସି ଚାଲି ଆସିଥିବାବେଳେ ଓମ୍ ଚିଲିକାରେ ନିଖୋଜ ହୋଇଯାଇଥିଲେ। ୧୫ ଘଣ୍ଟା ପରେ ଓମ୍‌ଙ୍କ ମୃତଦେହ ଚିଲିକାରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁରୀ ସଦର ଏସ୍‌ଡିପିଓ ମାନସ ଚନ୍ଦ୍ର ବାରିକ, କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳେ ପହଞ୍ଚି ମାଲୁଦ ଅଗ୍ନିଶମ ବାହିନୀ ଚିଲିକାରୁ ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରଛି। ଏଭଳି ଘଟଣା ପ୍ରତିବର୍ଷ ଚିଲିକାରେ ଘଟୁଥିବା ଗ୍ରାମବାସୀ କହିଛନ୍ତି।

# ହୀରାକୁଦ ଜଳସ୍ତର ୬୧୩.୮୫ ଫୁଟ୍

ସମ୍ବଲପୁର, ୧୧।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ଓ ଅନ୍ୟ ଡ୍ୟାମ୍‌ରୁ ଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ କ୍ୟୁସେକ୍‌ରୁ ଉର୍ଦ୍ଧ୍ୱ ଜଳ ପ୍ରବେଶ କରୁଛି। ସମ୍ପ୍ରତି ଜଳଭଣ୍ଡାରରୁ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳସ୍ତର ୬୧୪ ଫୁଟ୍ ପାଖାପାଖି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୮୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଓ ଡାହାଣ ପାର୍ଶ୍ୱର ୪ଟି ଏହିଭଳି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୦୦,୧୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୧୬,୧୭୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୮୨,୧୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୦୭୮୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୦୦୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୬୩,୫୦୦ କ୍ୟୁସେକ୍, ଖଇରମାଲଠାରେ ୩,୨୫,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୧୮,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪,୮୫,୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୯.୯୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୩.୦୯ ମିମି ବର୍ଷା ରେକର୍ଡ କରାଯାଇଛି।

**ଆଜି ବିଶ୍ୱ ହସ୍ତୀ ଦିବସ**

# ଅନାଥ ବବ୍‌ଲୁ ଏବେ ଶିମିଳିପାଳ ପ୍ରହରୀ

ବାରିପଦା, ୧୧।୮ (ମନୋଜ ପଣ୍ଡା)

ବୁଧବାର ଅଗଷ୍ଟ ୧୨ ତାରିଖ ବିଶ୍ୱ ହସ୍ତୀ ଦିବସ। ଏହି ଅବସରରେ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଥିବା ବବଲୁ କୁମକୀ ହାତୀଙ୍କ ଜୀବନ କାହାଣୀ ଏକ ବିଶେଷ ଅର୍ଥ ରଖେ। ଏହା କେବଳ ଏକ ହାତୀଛୁଆର ଉଦ୍ଧାର ନୁହେଁ, ବରଂ ମନୁଷ୍ୟର ଯତ୍ନ, ଧୈର୍ଯ୍ୟ ଓ ପ୍ରକୃତି ପ୍ରତି ଭଲପାଇବାର ଏକ ଉଜ୍ଜ୍ୱଳ ଉଦାହରଣ। ୨୦୧୪ ମସିହା ଡିସେମ୍ବରରେ ଶିମିଳିପାଳର ଘନ ଜଙ୍ଗଲରେ ଏକ ଛୋଟ ହାତୀଛୁଆ ଏକ ଗର୍ତ୍ତରେ ପଡ଼ିଯାଇଥିଲା। ସେ ସମୟରେ ସେ ଅତି ଛୋଟ ଥିଲା ଓ ତା’ର ମା’ କିମ୍ବା ଦଳ ଠାରୁ ବିଛିନ୍ନ ହୋଇଯାଇଥିଲା। ବନବିଭାଗ ଉଦ୍ଧାର କରି ପୁନର୍ବାର ହାତୀପଲ ସହିତ ଯିବାକୁ ଯୋଜନା କରି ବିଫଳ ହୋଇଥିଲା। କାରଣ ମଣିଷ ଛୁଇଁ ଥିବା ସଦସ୍ୟକୁ ହାତୀମାନେ ଗ୍ରହଣ କରିନଥାନ୍ତି । ସମ୍ପୂର୍ଣ୍ଣ ଅନାଥ ଓ ଅସହାୟ ଅବସ୍ଥାରେ ଥିବା ଏହି ଛୁଆକୁ ତତ୍କାଳୀନ ଡୁକୁରା ରେଞ୍ଜର ବଟକୃଷ୍ଣ ପାଢୀଙ୍କ ପ୍ରଚେଷ୍ଟାରେ ବନ ବିଭାଗର କର୍ମଚାରୀମାନେ ତା’ର ଲାଳନପାଳନ ଦାୟିତ୍ୱ ନେଇ ନାମ ରଖିଥିଲେ ବବଲୁ। ବବଲୁଙ୍କୁ ବଞ୍ଚାଇବା ଓ ବଢ଼ାଇବା ପାଇଁ ବନ ବିଭାଗ ବିଶେଷ ବ୍ୟବସ୍ଥା କରିଥିଲା। ତା’ଙ୍କ ପାଇଁ ଏକ ବିଶେଷ ଆଶ୍ରୟ ସ୍ଥଳୀ ତିଆରି କରାଯାଇଥିଲା, ଯେଉଁଠି ସେ ସୁରକ୍ଷିତ ଭାବେ



ବଢ଼ିପାରିବ। ଏହି ସମୟରେ ନିଜର ଶାବକ ଲକ୍ଷ୍ମୀକୁ ହରାଇ ଶିମିଳିପାଳରେ ବନ୍ଦୀ ପ୍ରାୟ ଜୀବନ କାଟୁଥିବା ମା’ ହାତୀ ଶୋଭା ତା’ଙ୍କ ପାଳିତ ମା’ ଭାବେ ଦାୟିତ୍ୱ ନେଇଥିଲେ। ଶୋଭା ବବଲୁଙ୍କୁ ନିଜ ସନ୍ତାନ ପରି ଯତ୍ନ ନେଇଥିଲେ। ଏକ ମାହୁତ ମଧ୍ୟ ତା’ଙ୍କ ଦୈନନ୍ଦିନ ଯତ୍ନ ଓ ଦେଖାଶୁଣା କରୁଥିଲେ। ବନ କର୍ମଚାରୀମାନେ ହାତରେ ତା’ଙ୍କୁ ଖାଦ୍ୟ ଦେଉଥିଲେ, ସ୍ୱାସ୍ଥ୍ୟ ଯାଞ୍ଚ କରୁଥିଲେ ଓ ତା’ଙ୍କୁ ଶାରୀରିକ ଓ ମାନସିକ ଭାବେ ଶକ୍ତିଶାଳୀ କରିବାକୁ ଚେଷ୍ଟା କରୁଥିଲେ। ଧୀରେ ଧୀରେ ବବଲୁ ବଡ଼ ହେବାକୁ ଲାଗିଲା। ତା’ଙ୍କୁ କେବଳ ବଞ୍ଚାଇବା ନୁହେଁ, ବରଂ ଭବିଷ୍ୟତରେ ବନ୍ୟ ପରିବେଶକୁ ଫେରାଇବା ପାଇଁ ମଧ୍ୟ ପ୍ରସ୍ତୁତ କରାଯାଉଥିଲା। ଏଥିପାଇଁ ତା’ଙ୍କୁ କୁମକୀ ହାତୀ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। କୁମକୀ ହାତୀମାନେ ସାଧାରଣତଃ ବନ୍ୟ ହାତୀଙ୍କୁ ନିୟନ୍ତ୍ରଣ କରିବା, ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ଓ ମନୁଷ୍ୟ-ହାତୀ ସଂଘର୍ଷ କମାଇବାରେ ବ୍ୟବହୃତ ହୁଅନ୍ତି। ବବଲୁଙ୍କୁ ଏହି ଦିଗରେ ତାଲିମ ଦେଇ କର୍ତ୍ତୃପକ୍ଷ ତା’ଙ୍କୁ ଧୀରେ ଧୀରେ ବନ୍ୟ ଜୀବନ ପାଇଁ ପ୍ରସ୍ତୁତ କରିଥିଲେ। ଆଜି ବବଲୁକୁ ୧୩ବର୍ଷ । ଶିମିଳିପାଳର ଏକ ପରିଚିତ ନାମ। ସେ ଜେନାବିଲରେ ବନବିଭାଗର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ନିଭାଉଛି । ତା ଜୀବନର ଋଣ ସେ ସୁଝୁଛି। ତା’ର କାହାଣୀ ଦର୍ଶାଏ ଯେ ଯଦି ଠିକ୍ ସମୟରେ ଯତ୍ନ ଓ ସୁରକ୍ଷା ମିଳେ, ତେବେ ଏକ ଅନାଥ ହାତୀଛୁଆ ମଧ୍ୟ ବଞ୍ଚିପାରେ ଓ ଉପଯୋଗୀ ଭୂମିକା ନେଇପାରେ। ବିଶ୍ୱ ହସ୍ତୀ ଦିବସରେ ବବଲୁଙ୍କ ଏହି ଯାତ୍ରା ଆମକୁ ମନେ ପକାଏ ଯେ ହାତୀମାନେ ଆମ ପରିବେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନଙ୍କ ସୁରକ୍ଷା, ବାସସ୍ଥାନ ସଂରକ୍ଷଣ ଓ ମନୁଷ୍ୟ-ହାତୀ ସହଅସ୍ତିତ୍ୱ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି। ବବଲୁ ଓ ଶୋଭାଙ୍କ ଏହି ବନ୍ଧନ ତଥା ବନ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଶିମିଳିପାଳର ଏକ ଗର୍ବର କାହାଣୀ ଭାବେ ରହିଛି। ତେବେ ଇତି ମଧ୍ୟରେ ଶୋଭାର ମୃତ୍ୟୁ ହୋଇଥିବା ବେଳେ ବବଲୁ ସହିତ ରାଜକୁମାର ଓ ଶିବାନୀ ଅନ୍ୟ ଦୁଇ କୁମକୀ ହାତୀ ସାଙ୍ଗ ଦେଉଛନ୍ତି । ଆଗାମୀ ଦିନରେ ବବଲୁ ଉପରେ ଏକ କ୍ଷୁଦ୍ର ଚଳଚିତ୍ର ନିର୍ମାଣ କରି ସ୍ମୃତିକୁ ଜୀବିତ ରଖିବାକୁ ବନ୍ୟପ୍ରାଣୀ ପ୍ରେମୀ ତଥା ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ ସରକାରଙ୍କୁ ପ୍ରସ୍ତାବ ରଖିଛନ୍ତି ।

# ୬ ବର୍ଷରେ ଯାଇଛି ୫୧୩ ହାତୀଙ୍କ ଜୀବନ

ଭୁବନେଶ୍ୱର,୧୧।୮(ସମିସ): ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ୨୫ଟି ଜିଲ୍ଲାରେ ହାତୀଙ୍କ ଉପସ୍ଥିତି ରହୁଛି। ରାଜ୍ୟର ଜୈବ ବିବିଧତା ସଂରକ୍ଷଣରେ ଏହାକୁ ଏକ ପ୍ରମୁଖ ଅଗ୍ରାଧିକାର ଦିଆଯାଇଛି। ୨୦୨୪ ମସିହାରେ କରାଯାଇଥିବା ସମକାଳୀନ ହାତୀ ଗଣନାରେ ଗ୍ରୀଷ୍ମ ଋତୁରେ ରାଜ୍ୟରେ ୨,୦୯୮ ଏବଂ ଶୀତ ଋତୁରେ ୨,୧୦୩ଟି ହାତୀ ରହୁଥିବା ଆକଳନ କରାଯାଇଥିଲା। ତେବେ ବୈଜ୍ଞାନିକ ଅଧ୍ୟୟନରେ ଓଡ଼ିଶାର ଜଙ୍ଗଲର ୧୭୦୦ରୁ ୧୮୦୦ ହାତୀ ରହିପାରିବାର କ୍ଷମତା ରହିଥିବା ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ହାତୀ ସଂଖ୍ୟାକୁ ପରିବେଶଗତ ସନ୍ତୁଳନ ମଧ୍ୟରେ ରଖିବା ସହିତ ମଣିଷ-ହାତୀ ସଂଘର୍ଷକୁ ହ୍ରାସ କରିବା ବନ ବିଭାଗ ପାଇଁ ବଡ଼ ଆହ୍ୱାନ ସାଜିଛି।

**ହାତୀ ଆକ୍ରମଣରେ ୯୦୦ ଲୋକଙ୍କ ମୃତ୍ୟୁ**

ଏହାର ପରିଣାମ ସ୍ୱରୂପ ରାଜ୍ୟର ୨୦୨୦ରୁ ୨୦୨୬ ମଧ୍ୟରେ ରାଜ୍ୟରେ ୯୦୬ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବାବେଳେ ୫୧୩ଟି ହାତୀର ମୃତ୍ୟୁ ରେକର୍ଡ କରାଯାଇଛି। ବିଦ୍ୟୁତ ଆଘାତକୁ ହାତୀ ମୃତ୍ୟୁର ସର୍ବାଧିକ ପ୍ରତିରୋଧଯୋଗ୍ୟ କାରଣ ଭାବେ ଚିହ୍ନଟ କରାଯାଇଥିବାରୁ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଏହା ସହିତ ମଣିଷର ପ୍ରାଣହାନି କ୍ଷେତ୍ରରେ କ୍ଷତିପୂରଣକୁ ୧୦ ଲକ୍ଷକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ହାତୀ ପରିଚାଳନା କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ଇଓ ଟାୱାର, ଆର୍ଲି ୱାର୍ଣ୍ଣିଂ ସିଷ୍ଟମ୍, ଥର୍ମାଲ ଡ୍ରୋନ୍, ରେଡିଓ କଲାର ଏବଂ ମୋବାଇଲ୍ ସତର୍କ ବାର୍ତ୍ତା ବ୍ୟବସ୍ଥା ମାଧ୍ୟମରେ ହାତୀଙ୍କ ଗତିବିଧି ଉପରେ ନିରନ୍ତର ନଜର ରଖାଯାଉଛି। ଏହା ସତ୍ତ୍ୱେ ହାତୀ ମଣିଷ ଲଢ଼େଇ ରାଜ୍ୟ ପାଇଁ ଏକ ବଡ଼ ଚିନ୍ତାର କାରଣ ସାଜିଛି।

ଏହା ଉପରେ ବୁଧବାର ଆୟୋଜିତ ହେବାକୁ ଥିବା ବିଶ୍ୱ ହାତୀ ଦିବସ କାର୍ଯ୍ୟକ୍ରମରେ ବ୍ୟାପକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ଚଳିତ ବର୍ଷ ହାତୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ସରକାରଙ୍କ ଚୟନ କମିଟି ଦ୍ୱାରା ଗଜ ଗୌରବ ପୁରସ୍କାର୨୦୨୬’ ପାଇଁ ଅନୁଗୁଳ ବନଖଣ୍ଡର ଜରପଡା ରେଞ୍ଜର ଇଣ୍ଟେନ୍ସିଭ୍ ପ୍ରୋଟେକ୍ସନ୍ ଅଫ୍ କ୍ରିଟିକାଲ୍ ଏଣ୍ଡେଞ୍ଜର୍ଡ ଏରିଆ ଯୋଜନାର ସ୍କ୍ୱାଡ୍ ସଦସ୍ୟ ସ୍ୱର୍ଗତ ଯୁଗଳ ନାଏକ ଏବଂ ବଲାଙ୍ଗୀର ବନଖଣ୍ଡର ସଇଁତଲା ଅଞ୍ଚଳର ପ୍ରଭୁଦତ୍ତ ବେହେରାଙ୍କୁ ମନୋନୀତ କରାଯାଇଛି। ବିଶ୍ୱ ହାତୀ ଦିବସ ଅବସରରେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ସଂରକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ପାଇଁ ୨,୧୪୨ ଜଣ ଗଜସାଥୀ ସ୍ୱେଚ୍ଛାସେବକ, ବିଦ୍ୟୁତ ପ୍ରହରୀ ଦଳ, ଦ୍ରୁତ ପ୍ରତିକ୍ରିୟା ଦଳ ଏବଂ ବ୍ୟାପକ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। ସେହିପରି ବାଉଁଶ ଓ ଫଳ ବୃକ୍ଷରୋପଣ, କୃତ୍ରିମ ଜଳାଶୟ ନିର୍ମାଣ, ବନ୍ୟପ୍ରାଣୀ ସ୍ୱାସ୍ଥ୍ୟ ପରିଚାଳନା ଏବଂ ଉଦ୍ଧାର ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି। ବିଜ୍ଞାନ, ପ୍ରଯୁକ୍ତି, ସୁଦୃଢ଼ ପ୍ରଶାସନ ଏବଂ ଜନସହଭାଗିତାକୁ ସମନ୍ୱୟ କରି ଓଡ଼ିଶାରେ ଏକ ଆଦର୍ଶ ହାତୀ ସଂରକ୍ଷଣ ମଡେଲ୍ ବିକଶିତ କରାଯାଇଛି, ଯାହା ମାଧ୍ୟମରେ ମଣିଷ ଓ ହାତୀର ଦୀର୍ଘସ୍ଥାୟୀ ସହାବସ୍ଥାନ ସୁନିଶ୍ଚିତ କରିବାର ପ୍ରୟାସ ଜାରି ରହିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ଗୋଚର ଜମି ଜବରଦଖଲମୁକ୍ତ ଦାବି

# ଜିଲ୍ଲାପାଳଙ୍କ ଅଫିସ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ

ଅନୁଗୋଳ,୧୧।୮ (ସମିସ):



ଅନୁଗୋଳ ସହର ଉପକଣ୍ଠ ବଅଁରପାଳ ତହସିଲ ଅନ୍ତର୍ଗତ ରାଣୀଗୋଡା ଗ୍ରାମ ପଞ୍ଚାୟତର ଗୋଚର ଜମି ଉପରେ ବାହାର ଅଞ୍ଚଳର ଲୋକେ ଘରଦ୍ୱାର କରି ଜବରଦଖଲେର ଅଛନ୍ତି। ଯାହାଦ୍ୱାରା ଗ୍ରାମବାସୀଙ୍କ ସାମାଜିକ ଚଳଣି ବାଧାପ୍ରାପ୍ତ ହେଉଛି। ଏ ପରିକି ଗ୍ରାମ ରେ ଏକ ସ୍କୁଲ ନିର୍ମାଣ ପାଇଁ ଜାଗା ବି ମିଳୁନି।

ଗାଁ ଗୋଚର ଜମିକୁ ଜବରଦଖଲମୁକ୍ତ କରାଯିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ବହୁବାର ଦାବି କରିଆସୁଥିଲେ ବି ତାହାର ସମାଧାନ ହୋଇ ପାରୁ ନଥିବାରୁ ଆଜି ଗ୍ରାମବାସୀ ଜିଲ୍ଲା ପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମର ଏକ ହଜାରରୁ ଅଧିକ ମହିଳା ଓ ପୁରୁଷ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୯ ଘଣ୍ଟା ସମୟରେ ମା' ବୁଢୀ ଠାକୁରାଣୀଙ୍କ ମନ୍ଦିରଠାରୁ ଏକ ବିକ୍ଷୋଭ ଶୋଭା ଯାତ୍ରାରେ ଅନୁଗୋଳ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ପହଞ୍ଚି ଥିଲେ। ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ପ୍ରକାଶ ଚନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ଦଳ ରାଣୀଗୋଡା ଜଙ୍ଗଲ ମୌଜା ଖାତା ନମ୍ବର ୫୪୭ ଏରିଆ ୪୧ ଏକର ୧୨ ଡିସିମିଲ ଜାଗା ଜବର ଦଖଲ ମୁକ୍ତ କରିବା ଉଦ୍ଦେଶ୍ୟ ରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରି ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଣୀଗୋଡା ଜଙ୍ଗଲ ମୌଜା ଖତିୟାନ ନମ୍ବର ୫୪୭ ଗୋଚର ଜମି ୪୧ ଏକର ୧୨ ଡିସିମିଲ ଯାଗାରୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଆବଶ୍ୟକ ହେଉଥିବା ଉକ୍ତ ଜମି ପ୍ରଦାନ ପାଇଁ ଦାବି କରିଥିଲେ।ଏହି ବିକ୍ଷୋଭ ଶୋଭାଯାତ୍ରାରେ ଗ୍ରାମବାସୀଙ୍କ ସମେତ ଯୁବଶକ୍ତି, ମାତୃଶକ୍ତି, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ଜ୍ଞାନୀଗୁଣୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ୩୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସର୍ପ ସଚେତନତା

କିଶୋରନଗର,୧୧।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରଗଞ୍ଜ ବ୍ଲକ ବଇଣ୍ଡାସ୍ଥିତ ଆର.ଡି. ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର, ୧୧ ଅଗଷ୍ଟ ୨୦୨୬ ତାରିଖରେ ସର୍ପ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସାପ ଏବଂ ସର୍ପାଘାତ ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ 'ସେବା ପାଇଁ ଜନ୍ମ' ସଂଗଠନର ସଦସ୍ୟ ସିଦ୍ଧେଶ୍ୱର ରଥ ଯୋଗଦେଇ ବିଭିନ୍ନ ପ୍ରକାର ସାପ, ବିଷାକ୍ତ ଓ ଅଣବିଷାକ୍ତ ସାପ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସର୍ପାଘାତର ଲକ୍ଷଣ, ସାପ କାମୁଡ଼ିଲେ ଭୟଭୀତ ନହୋଇ ତୁରନ୍ତ ଡାକ୍ତରଖାନା ନେବା ଏବଂ ହସ୍ପିଟାଲ ଯିବା ପୂର୍ବରୁ କିପରି ପ୍ରାଥମିକ ସହାୟତା ଦିଆଯିବ, ସେ ବିଷୟରେ ମଧ୍ୟ ସେ ସଚେତନ କରିଥିଲେ। ସର୍ପ ସଚେତନତା କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ବାଦଲ ମହାନ୍ତି, ଶିବୁ ମହାପାତ୍ର, ଆଲୋକ ମହାନ୍ତି, ଅଜିତ ବେହେରା ଓ ଆୟୁଷ ସାହୁ ସହଯୋଗ କରିଥିଲେ। ଏଥିରେ ବରିଷ୍ଠ ସହଯୋଗୀ ଅକ୍ଷୟ କୁମାର ସାହୁଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଥିଲା। କାର୍ଯ୍ୟକ୍ରମରେ ସାପକୁ ନେଇ ଥିବା ଭୟ ଓ ଭ୍ରାନ୍ତ ଧାରଣା ଦୂର କରିବା ସହ ସର୍ପାଘାତ ସମୟରେ ସଠିକ୍ ପଦକ୍ଷେପ ନେବା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଶେଷରେ ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇ ବିଦ୍ୟାଳୟ ପକ୍ଷରୁ ସଭାର ସମାପ୍ତି ଘୋଷଣା କରାଯାଇଥିଲା।



## ନିଶାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ




ଛେଣ୍ଡିପଦା,୧୧।୮ (ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ ଜନତା ଡିଗ୍ରୀ ମହାବିଦ୍ୟାଳୟ ଠାରେ ଜିଲ୍ଲା ପ୍ରଶାସନ (ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ଅଧିକାର ବିଭାଗ ) ଆନୁକୂଲ୍ୟରେ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ପନ୍ଦନ ତରଫରୁ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, କଲେଜ ଅଧକ୍ଷ ଜଗବନ୍ଧୁ ସାହୁ, ଅଧ୍ୟାପକ ବିକାଶ ଚନ୍ଦ୍ର ମିଶ୍ର ଯୋଗଦେଇ ମାଦକ ଦ୍ରବ୍ୟ ଏବଂ ମାନସିକ ସ୍ଥିତି ପ୍ରଭାବିତ କରୁଥିବା ପଦାର୍ଥ କ'ଣ, ନିଶା ଦ୍ରବ୍ୟ ପାଖରେ ରଖିବା, ଉତ୍ପାଦନ କରିବା, ଚୋରା ଚାଲାଣ କରିବା, ଛୋଟ ପିଲାଙ୍କୁ ନିଶା ଦ୍ରବ୍ୟ ଚୋରା ଚାଲାଣରେ ନିୟୋଜିତ କରିବା ଦ୍ୱାରା ଆମ ଦେଶରେ ରହିଥିବା ଦଣ୍ଡ ବିଧି ଆଇନ ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଡ. ରେଣୁବାଳା ସାହୁ ଉପସ୍ଥିତ ରହି ନିଶାର କୁପ୍ରଭାବ ଆମ ଶରୀର, ଆତ୍ମା, ବ୍ୟକ୍ତିଗତ, ପାରିବାରିକ ତଥା ସାମାଜିକ ଜୀବନରେ ପ୍ରତିଦିନ ଘଟୁଥିବା ଘଟଣାବଳି ବିଷୟରେ ଆଲୋଚନା କରିଥିଲେ। ରାମ ଚନ୍ଦ୍ର ସାହୁ କଲେଜ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ରଚନା ଲିଖନ, ବକ୍ତୃତା ପ୍ରତିଯୋଗିତା କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ସତ୍ୟ ନାରାୟଣ ସାହୁ ସମସ୍ତଙ୍କୁ ନିଶା ମୁକ୍ତ ଭାରତ ଗଠନ ନିମନ୍ତେ ଶପଥ ପାଠ କରାଇଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖଣ୍ଡ ଭାରତ ସଂକଳ୍ପ ସପ୍ତାହ ପାଳିତ




ଅନୁଗୋଳ, ୧୧।୮ (ସମିସ): ଅନୁଗୋଳଠାରେ ଅବସ୍ଥାପିତ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟରେ ଅଖଣ୍ଡ ଭାରତ ସଂକଳ୍ପ ସପ୍ତାହ ପାଳିତ ହୋଇଯାଇଛି। ଏବିଭିପିର ନଗର ସଭାପତି ଡ. ରଞ୍ଜନ କୁମାର ଭୂୟାଁଙ୍କ ପୌରୌହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଅନିତା ମିଶ୍ର ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସଂଘଚାଳକ ମୁଖ୍ୟବକ୍ତା ଓ ସଂଘର ପ୍ରଚାରକ ଅନନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀମତି ମିଶ୍ର ଭାରତର ପ୍ରାଚୀନ ପରମ୍ପରା, ଗୌରବ, ସଂସ୍କୃତି, ଐତିହ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ସାହୁ ତାଙ୍କ ଅଭିଭାଷଣରେ ଭାରତର ସଂଘର୍ଷମୟ ଇତିହାସ ଉପରେ ଆଲୋକପାତ କରି କହିଥିଲେ ଯେ ଆମ ପୂର୍ବ ବୀର ପୁରୁଷମାନେ ମୋଗଲ, ପଠାନ, ଶକ, ହୁଣ, ମଙ୍ଗୋଲ ପ୍ରଭୃତି ଲୁଣ୍ଠନକାରୀଙ୍କ ସହ ସଂଘର୍ଷ କରି କେବେ ମଧ୍ୟ ପରାଜୟ ସ୍ୱୀକାର କରି ନ ଥିଲେ। ସିପାହୀ ବିଦ୍ରୋହ ପରେ ଇଂରେଜ ସରକାର ଭୟଭୀତ ହୋଇ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ତୁଷ୍ଟିକରଣ ନୀତିକୁ ଆପଣେଇଥିଲେ । ଜାତୀୟ କଂଗ୍ରେସର ନେତୃବୃନ୍ଦମାନେ ଦେଶଭକ୍ତମାନଙ୍କୁ ଗୁରୁତ୍ୱ ନ ଦେଇ ବିଭାଜନକାରୀମାନଙ୍କଦ୍ୱାରା ପରିଚାଳିତ ହେଉଥିଲେ। ମୁଖ୍ୟବକ୍ତା ବଙ୍ଗଭଙ୍ଗ ଆନ୍ଦୋଳନ, ଖିଲାପତ୍ ଆନ୍ଦୋଳନ, ଗୋଲଟେବଲ୍ ବୈଠକ, କାକିନାଡା ଅଧିବେଶନ, ନୁଆଖଲି ନରସଂହାର, ଭାରତ ଛାଡ଼ ଆନ୍ଦୋଳନ ପ୍ରଭୃତି ଉପରେ ବିଶଦ୍ ବିବରଣୀ ପ୍ରଦାନ କରିଥିଲେ। ଜର୍ମାନୀ , ଭିଏତନାମ, ଇସ୍ରାଏଲ ପ୍ରଭୃତି ଦେଶପରି ଭାରତ ପୁଣି ଅଖଣ୍ଡ ହେବ, ଏହି ସଂକଳ୍ପ ନେଇ ବକ୍ତବ୍ୟ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

## ରାଧାମୋହନ ଗଡ଼ନାୟକ ସ୍ମୃତି ସଂସଦର ନୂତନ ସଭାପତି ଚୟନ



ଅନୁଗୋଳ,୧୧।୮ (ସମିସ): ଆଜି ବାଣୀବିତାନ, ଅନୁଗୋଳ ଠାରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଚୈତନ୍ୟ ସାହୁଙ୍କ ଅଧ୍ୟକ୍ଷତାରେ ରାଧାମୋହନ ଗଡ଼ନାୟକ ସ୍ମୃତି ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଥମେ ସ୍ମୃତି ସଂସଦର ପ୍ରାକ୍ତନ ସଭାପତି ପ୍ରଫେସର କୁମୁଦ ଚନ୍ଦ୍ର ଦାଶଙ୍କ ସମ୍ପର୍କରେ ନୀରବ ପ୍ରାର୍ଥନା ଏବଂ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଡକ୍ଟର ରମାମଞ୍ଜରୀ ସାହୁଙ୍କୁ ସଭାପତି ଭାବେ ଚୟନ କରାଯିବା ସହ ନୂତନ ଉପସଭାପତି ଭାବେ ଅକ୍ଷୟ କୁମାର ପଟ୍ଟନାୟକ ଓ ପାବକ ଗଡ଼ନାୟକଙ୍କୁ ଚୟନ କରାଯାଇଥିଲା। ଏଥି ସହ ନୂତନ କର୍ମକର୍ତ୍ତା ମଧ୍ୟ ବଛା ଯାଇଥିଲା। ସଂସଦର ମୁଖପତ୍ର 'ଏକଚକ୍ର' ପତ୍ରିକା କିପରି ସମୃଦ୍ଧିର ଶିଖର ସ୍ପର୍ଶ କରିବ, ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା। ଆସନ୍ତା ଅଗଷ୍ଟ ୨୫ ତାରିଖରେ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ଜନ୍ମମାଟି କଲଣ୍ଡାପାଳରେ କିପରି ବଡ଼ ଆଡ଼ମ୍ବରରେ ପାଳିତ ହେବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

## ନ୍ୟାସନାଲ କ୍ଲବ ପକ୍ଷରୁ ୫୨ ୟୁନିଟ୍ ରକ୍ତ ସଂଗ୍ରହ




ବଅଁରପାଳ, ୧୧।୮ (ସମିସ): ବଅଁରପାଳ ବ୍ଲକ ଅନ୍ତର୍ଗତ ଫୁଲପଡାରେ ଥିବା ନେସନାଲ କ୍ଲବ ପକ୍ଷରୁ ପ୍ରଜ୍ଞା ଜାଗୃତି ଶିକ୍ଷାନିକେତନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ୫୨ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରି ଜୀବନ ଦାନ କରିଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ କହିଲେ ରକ୍ତଦାନ ହେଉଛି ଜୀବନ ଦାନ। ପ୍ରତି ବ୍ୟକ୍ତି ୪ ମାସକୁ ଥରେ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ମଧୁମେହ କିମ୍ବା ଅନ୍ୟ କୌଣସି ରୋଗରେ ପୀଡିତ ନାହିଁ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିପାରିବେ। ରକ୍ତଦାନ କରିବା ଦ୍ୱାରା ଆମ ଶରୀରରେ ନୂତନ ରକ୍ତ କଣିକା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଆମ ଶରୀର ଅଧିକ ସ୍ଫୁର୍ତ୍ତି ହୋଇଥାଏ। ସେହିପରି ରକ୍ତଦାନ କରିବା ଦ୍ୱାରା ଅନେକ ଜୀବନ ବଞ୍ଚି ଯାଇଥାଏ। ତେଣୁ ଯୁବକମାନେ ରକ୍ତଦାନ ଭଳି ମହତ ଦାନରେ ନିଜକୁ ସାମିଲ କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଏହି ମହତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦିନେଶ ପ୍ରଧାନ, ଜଗନ୍ନାଥ ପ୍ରଧାନ, ଅରୁଣାଭ ସିଂ, ବିଜୟ କୁମାର ନାଥ, ରାକେଶ ମିଶ୍ର, ସୁଶାନ୍ତ କୁମାର ତ୍ରିପାଠୀ, ତାପସ କୁମାର ଜେନା, ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସଭାପତି ରାକେଶ ଦାସ, ସଂପାଦକ ଅମରେଶ ବେହେରା, ପାର୍ଥସାରଥୀ, ଶଶିକାନ୍ତ, ସୁବ୍ରତ, ଦେବେଶ, କେକେ, ରକି, ଆଶିଷ, ସୁମନ୍ତ, ଆଲୋକ, ଶ୍ରୀକାନ୍ତ, ଜିତେନ୍ଦ୍ର, ସୁଶାନ୍ତ, ଜଗଦୀଶ, ସତ୍ୟବ୍ରତ ପ୍ରମୁଖ ସହଯୋଗ କରିଥିଲେ। ଡ. କୌଶିକ ପାତ୍ର ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିତେନ ଦାସ ରକ୍ତ ସଂଗ୍ରହ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

କାମାକ୍ଷାନଗର,୧୧।୮ (ସମିସ): ପୋଖରୀରେ ଗାଧୋଇବା ବେଳେ ଯୁବକ ମୃତ କ୍ଷ ମୃତକ ହେଲେ କାମାକ୍ଷାନଗର ଥାନା ଜୟପୁରାକାଟେଣୀ ପଞ୍ଚାୟତ ନୀଳକଣ୍ଠପୁର ଗାଁର ବିଜୟ ନାଏକ। ସୂଚନା ଅନୁସାରେ, ଦିନରେ ବିଜୟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତାବଶତଃ ପାଣିରେ ଖସି ପଡ଼ିଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳିନଥିଲା। ପରେ ସନ୍ଧ୍ୟା ସମୟରେ ଗାଁର କିଛି ଲୋକ ଶୌଚ ପାଇଁ ପୋଖରୀ ନିକଟକୁ ଯାଇଥିବା ବେଳେ ପୋଖରୀ କୂଳରେ ବିଜୟଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ଏହାପରେ ବିଜୟ ପୋଖରୀରେ ବୁଡ଼ି ଯାଇଥିବା ନେଇ ସନ୍ଦେହ ହୋଇଥିବା ବେଳେ ସ୍ଥାନୀୟ ଲୋକେ ପରଜଙ୍ଗ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରେ ଖୋଜାଖୋଜି କରିବା ପରେ ବିଜୟଙ୍କ ମୃତଦେହକୁ ଉଦ୍ଧାର କରିଛନ୍ତି।

## ନାକଚି ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୧୧।୮ (ସମିସ): କିଶୋରନଗର ବ୍ଲକ୍ ନାକଚି ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ହିମାଂଶୁ ଶେଖର ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତା'ର ସମାଧାନ କରିଥିଲେ। ଏଥିରେ ସ୍ଥାନୀୟ ସମିତି ସଭ୍ୟ ଦ୍ରୌପଦୀ ନାଏକ ଓ ଝସକେତନ ସାହୁ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଓଏଲ୍ଏମ୍) ସୁଜିତ ପ୍ରଧାନ, ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ବାମୁର ହାଇସ୍କୁଲରେ ଜାତୀୟ କୃମି ନାଶକ ଦିବସ

କିଶୋରନଗର,୧୧।୮ (ସମିସ): କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶ ଦିବସ ବାମୁର ଯୁବଜ୍ୟୋତି ହାଇସ୍କୁଲ ପ୍ରାଙ୍ଗଣରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବ୍ଲକ ଗୋଷ୍ଠୀ ଅଧିକାରୀ ଡାକ୍ତର ପାର୍ଥ ସାରଥୀ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା.। ଏହି କାର୍ଯ୍ୟକ୍ରମ ଜାତୀୟ କୃମି ନାଶକ ଦିବସ ରୂପେ



ଅଗଷ୍ଟ ମାସ ୧୦ ତାରିଖ ରେ ୧ ବର୍ଷ ରୁ ୧୯ ବର୍ଷ ପିଲାଙ୍କୁ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମ କୁ ବିପିଏମ୍ ଅଜିତ କୁମାର ସହୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏଥିରେ ଏବିଇଓ ଲକ୍ଷଣ କୁମାର ଦେହୁରୀ ବାମୁର ହାଇସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରଭା ସହୁ ପିଏଚ୍ଇଓ ରୁଦ୍ର ନାରାୟଣ ରଥ, ଡାକ୍ତର ବିଘ୍ନେଶ ସେଠୀ, ପ୍ରଦେଶ ସାହୁ, ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

### ଓପି ଜିନ୍ଦଲ ମେମୋରିଆଲ ଫୁଟବଲ

## ରାଉରକେଲାକୁ ହରାଇ ବରଗଡ଼ ଫାଇନାଲରେ




ଅନୁଗୋଳ,୧୧।୮ (ସମିସ): ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ରେ ଆଜି ବରଗଡ଼ ୟୁନାଇଟେଡ ୧-୦ ଗୋଲ ରେ ରାଉରକେଲା ରେଡ୍ କୁ ହରାଇ ଫାଇନାଲ ରେ ପହଞ୍ଚିଛି। ବରଗଡ଼ ର ପଞ୍ଚୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତିମୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ଅନୁଗୋଳ ସିଡିଭିଓ ଡ଼ା ସତ୍ୟନାରାୟଣ ସାହୁ, ଏନ୍ ଆଇ ସି ମୁଖ୍ୟ ଅଭିଷେକ ସିଂହ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, ଜିନ୍ଦଲ ଷ୍ଟିଲର ଏଭିପି, ଆର୍ ଆଣ୍ଡ ଆର ଅଜୟ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଆଲୋକ ଦେହୁରୀ। ତାଙ୍କୁ ଲାଇନ୍ ରେ ସହାୟତା କରିଥିଲେ ଶଶିକାନ୍ତ ଦାସିୟା ଓ ଶିବସାମନ୍ତ ରାୟ। ବୁଧବାର ଆଠମଲ୍ଲିକ ଓ କେନ୍ଦୁଝର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

# ହେମସୁରପଡ଼ା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

ଅନୁଗୋଳ,୧୧।୮ (ସମିସ):



ହେମସୁରପଡା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ହେମସୁରପଡ଼ାସ୍ଥିତ ଦୁର୍ଗାପୂଜା ମଣ୍ଡପଠାରେ ଅନୁଷ୍ଠିତ ଏକ ବୈଠକରେ ପ୍ରଥମେ ଗତ ବର୍ଷ ଦୁର୍ଗାପୂଜାର ଆୟବ୍ୟୟ ଉପସ୍ଥାପନା କରଯାଇଥିଲା। ଏହାପରେ ଅସ୍ଥାୟୀ ସଭାପତି ହେମନ୍ତ ଜେନାଙ୍କ ଅଧକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତବର୍ଷ ହେମସୁରପଡ଼ା ଦୁର୍ଗାପୂଜା ପାଇଁ ସଭାପତି ଭାବେ ଅମରେଶ ଚନ୍ଦ୍ର ସ୍ୱାଇଁ, ଉପସଭାପତି ସଞ୍ଜୟ ସାହୁ, ଦ୍ୱିତୀୟ ଉପ ସଭାପତି ସୁଶାନ୍ତ କୁମାର ଜେନା, ତୃତୀୟ ଉପସଭାପତି ଭାବେ ରାମଚନ୍ଦ୍ର ଜେନା, ସାଧାରଣ ସମ୍ପାଦକ ଭାବେ ଶାନ୍ତନୁ ସ୍ୱାଇଁ, ୩ ଜଣ ସହସମ୍ପଦକ ଅଶ୍ୱିନୀ ଦଳବେହେରା, ସୁଜିତ କୁମାର ବେହେରା, ସଞ୍ଜୟ ଦଳବେହେରା ଏବଂ କୋଷାଧ୍ୟକ୍ଷ ଭାବେ ପଦ୍ମ ଲୋଚନ ଦଳବେହେରାଙ୍କୁ ଚୟନ କରାଯାଇଥିଲା। ଏହାଛଡ଼ା ଉପଦେଷ୍ଟା ଭାବେ ବ୍ରହ୍ମାନନ୍ଦ ସ୍ୱାଇଁ, ବିଶେଶ୍ୱର ସାହୁ, ଶୁଭ୍ରାଂଶୁ ପ୍ରଧାନ, ମୁନୁ ଭୋଇ, ମନୋରଞ୍ଜନ ଦାସ, ବାବାଜି ରାଉତଙ୍କୁ ଚୟନ କରାଯାଇଛି। ଚଳିତବର୍ଷ ଶାନ୍ତିଶୃଙ୍ଖଳା ସହିତ ଦୁର୍ଗାପୂଜା ଅନୁଷ୍ଠିତ ହେବ ବୋଲି ନୂତନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ହେମସୁରପଡ଼ା ଦୁର୍ଗାପୂଜା ଭାଇଚାରା ଭାବରେ ୬୨ରୁ ଉର୍ଦ୍ଧ୍ୱ ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଦୁର୍ଗାପୂଜା, ସଂସ୍କୃତିକୁ କାର୍ଯ୍ୟକ୍ରମ ସହିତ ରାବଣ ପୋଡ଼ି ଭବ୍ୟ ଭାବରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ୩୦ ଲକ୍ଷ୍ୟ ଅଟକଳ ରଖାଯାଇଛି ବୋଲି ସଭାପତି ଅମରେଶ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରୁଛନ୍ତି।

## ଘରେ ପଶି ଦୁର୍ବ୍ୟବହାର ଅଭିଯୋଗ | ଅଭିଯୁକ୍ତକୁ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ

ଭୁବନ, ୧୧।୮ (ସମିସ)

ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଅନ୍ତର୍ଗତ ଓଡ଼ିଶ ଗ୍ରାମରେ ଜନୈକ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଫଳରେ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଘରେ ପଶି ପରିବାରର ମହିଳା ଓ ଝିଅଙ୍କ ସହ ଅସଦାଚରଣ କରିବା, ଘରର ଝରକା, ଚେୟାର ସମେତ ଆସବାବପତ୍ର ଭାଙ୍ଗିବା, ମହିଳାଙ୍କୁ ମାଡ଼ ମାରିବା ଓ ଟଣାଓଟରା କରିବା ସହ ଏକ ଜନସେବା କେନ୍ଦ୍ରରେ ପଶି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଓଡ଼ିଶ ଗ୍ରାମର ରାଜ୍ୟ ହ୍ୟୁମାନ୍ ରାଇଟ୍ସ ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳି ରଣା ଘରେ ନଥିବା ସମୟରେ ପଡ଼ୋଶୀ ସ୍ୱର୍ଗତ ନବ ସେନାପତିଙ୍କ ପୁଅ ଯଦୁନାଥ ସେନାପତି ତାଙ୍କ ଘରେ ପଶିଥିଲେ। ସେଠାରେ ତାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ରଣା ଏବଂ ଝିଅଙ୍କ ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହାସହ ଘରର ଝରକା, ଚେୟାର ଓ ଅନ୍ୟାନ୍ୟ ଆସବାବପତ୍ର ଭାଙ୍ଗି

### ପ୍ରାୟ ଦୁଇ ଘଣ୍ଟା ଧରି ଗାଁରେ ଆତଙ୍କ

ଦେଇଥିବା ଅଭିଯୋଗ ମଧ୍ୟ ରହିଛି। ଏତିକିରେ ଥମିନଥିଲା ଯୁବକଙ୍କ ଉତ୍ପାତ। ଘର ପାଖରେ ରହୁଥିବା ଗୋଲେଖ ରଣା ଘରେ ନଥିବା ସମୟରେ ତାଙ୍କ ସ୍ତ୍ରୀ ଏବଂ ମାନସିକ ଭାବେ ଅସୁସ୍ଥ ଭଉଣୀଙ୍କୁ ମାଡ଼ ମାରିବା ସହ ଘରର ମହିଳାଙ୍କୁ ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ପରେ ଅଭିଯୁକ୍ତ ଜଣକ ଗାଁର ଏକ ଜନସେବା କେନ୍ଦ୍ରରେ ପଶି ସେଠାରେ ମଧ୍ୟ ଭଙ୍ଗାରୁଜା କରିଥିବା କୁହାଯାଉଛି। ଏହାପରେ ଗାଁର ଅଂଶୁମାନ ଷଣ୍ଢଙ୍କ ଘରର ଫାଟକକୁ ଟେକାପଥର ମାରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ଏହି ଘଟଣା ପ୍ରାୟ ଦିନ ୩ଟାରୁ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଯୁବକଙ୍କ ଏଭଳି ଆଚରଣରେ ଗାଁରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଘଟଣା କ୍ରମେ ଗମ୍ଭୀର ରୂପ ନେବାରୁ ଗ୍ରାମବାସୀ ଏକତ୍ରିତ ହୋଇ ଅଭିଯୁକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ରଖିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ପୁଷ୍ପାଞ୍ଜଳି ରଣାଙ୍କ ସମେତ ପ୍ରାୟ ୩/୪ ଜଣ ଭୁବନ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ୩ଟି ପରିବାର ପକ୍ଷରୁ ଲିଖିତ ଅଭିଯୋଗ ଦିଆଯାଇଥିବା କୁହାଯାଇଛି। ଅଭିଯୋଗ ପାଇବା ପରେ ଭୁବନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଯୁବକଙ୍କୁ ନିଜ ହେପାଜତକୁ ନେଇଛି। ଅଭିଯୁକ୍ତ ଯୁବକ ନିଶାଦ୍ରବ୍ୟ ବା ଡ୍ରଗ୍ସ ସେବନରେ ଅଭ୍ୟସ୍ତ ବୋଲି ଗାଁରେ ଚର୍ଚ୍ଚା ହେଉଥିବା କୁହାଯାଉଛି। ତେବେ ଏହି ଅଭିଯୋଗର ସତ୍ୟତା ଏପର୍ଯ୍ୟନ୍ତ ସରକାରୀ ଭାବେ ସ୍ପଷ୍ଟ ହୋଇନାହିଁ। ପୁଲିସ ତଦନ୍ତରେ ଏହାର ସତ୍ୟାସତ୍ୟ ସାମ୍ନାକୁ ଆସିବ। ଏକାଧିକ ପରିବାରକୁ ଭୟଭୀତ କରିବା, ଘର ଓ ଜନସେବା କେନ୍ଦ୍ରରେ ଭଙ୍ଗାରୁଜା, ମହିଳାଙ୍କ ସହ ଦୁର୍ବ୍ୟବହାର ଏବଂ ଟେକାପଥର ମାଡ଼ ଭଳି ଅଭିଯୋଗକୁ ନେଇ ଏବେ ଓଡ଼ିଶ ଗ୍ରାମରେ ଚର୍ଚ୍ଚା ଜୋର ଧରିଛି। ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କି ପଦକ୍ଷେପ ନେଉଛି ଏବଂ ଆଇନ ଅନୁଯାୟୀ କି ପ୍ରକାର ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଉପରେ ଏବେ ଓଡ଼ିଶ ଗ୍ରାମବାସୀଙ୍କ ନଜର ରହିଛି।

■ ପିଙ୍ଗୁଆରେ ଆବାସ ଯୋଜନାରେ ବ୍ୟାପକ ହେରଫେର ଅଭିଯୋଗ

## ନିରପେକ୍ଷ ତଦନ୍ତ ଦାବିକଲେ ପୂର୍ବତନ ବିଧାୟକ

ଢେଙ୍କାନାଳ,୧୧।୮ (ସମିସ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପିଙ୍ଗୁଆ ପଞ୍ଚାୟତରେ ଆବାସ ଯୋଜନା ନେଇ ଗୁରୁତର ଅଭିଯୋଗ ହୋଇଥିବା ବେଳେ ଏହାର ନିରପେକ୍ଷ ତଦନ୍ତ ପାଇଁ ପୂର୍ବତନ ବିଧାୟକ ନବୀନ ନନ୍ଦ ଦାବୀ କରିଛନ୍ତି।ଅଭିଯୋଗ ଅନୁସାରେ, ପିଙ୍ଗୁଆ ହରିଜନ ସାହିର ପ୍ରାୟ ୧୦ ଜଣ ଯୋଗ୍ୟ ଗରିବ ପରିବାରଙ୍କର ନିଜସ୍ୱ ପକ୍କା ଘର ନଥିଲେ ମଧ୍ୟ ସେମାନଙ୍କ ନାମ ଅଯୋଗ୍ୟ ତାଲିକାରେ ରହିଛି। ଅନ୍ୟପକ୍ଷରେ, ଦୁଇମହଲା କୋଠାଘର, ଟ୍ରାକ୍ଟର, ମୋଟରସାଇକେଲ ଆଦି ଥିବା କିଛି ବ୍ୟକ୍ତିଙ୍କ ନାମ ଆବାସ ଯୋଜନାର ତାଲିକାରେ ଥିବା ଅଭିଯୋଗ ହୋଇଛି।ଏପରିକି କିଛି ଧନୀ ପରିବାର ନିଜର ଗୁହାଳ ଘରକୁ ଦେଖାଇ ଆବାସ ଯୋଜନାରେ ନାମ ସାମିଲ କରାଇଥିବା ଏବଂ ଏଥିପାଇଁ ଅର୍ଥ କାରବାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଆସିଛି।ୱାର୍ଡ ସଭ୍ୟଙ୍କ ଅଭିଯୋଗ ଅନୁସାରେ, ଏ ସମ୍ପର୍କରେ ଗନ୍ଦିଆ ବିଡିଓଙ୍କ ନିକଟରେ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆଶାନୁରୂପ ତଦନ୍ତ ହୋଇନାହିଁ।ଏହାକୁ ନେଇ ପୂର୍ବତନ ବିଧାୟକ ପିଙ୍ଗୁଆ ପଞ୍ଚାୟତର ଆବାସ ଯୋଜନାର ସମସ୍ତ ହିତାଧିକାରୀଙ୍କର ସ୍ୱତନ୍ତ୍ର ଓ ନିରପେକ୍ଷ ଯାଞ୍ଚ ସହିତ ଯୋଗ୍ୟ ଗରିବ ପରିବାରଙ୍କୁ ବାଦ ଦିଆଯାଇଥିଲେ ତୁରନ୍ତ ସେମାନଙ୍କୁ ସାମିଲ କରାଯାଉ। ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସାମିଲ ହୋଇଥିଲେ ତାହାର ଯାଞ୍ଚ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉ। ଅର୍ଥ କାରବାର କିମ୍ବା ଅନିୟମିତତାର ପ୍ରମାଣ ମିଳିଲେ ସମ୍ପୃକ୍ତ ବ୍ୟକ୍ତି ଓ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ। ଜିଲ୍ଲା ପ୍ରଶାସନ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ପଠାଇ ସର୍ଜମିନ୍ ତଦନ୍ତ କରନ୍ତୁ।ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ଗଣତାନ୍ତ୍ରିକ ଉପାୟରେ ଜନ ଆନ୍ଦୋଳନ ହେବ ବୋଲି ପୂର୍ବତନ ବିଧାୟକ ନବୀନ ନନ୍ଦ ତଥା ଢ଼େଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ଦାବୀ କରିଛନ୍ତି।

● ନଦୀ ବଢିବାରୁ ନଦୀ ଟାପୁରେ ରହିଗଲେ ଯୁବକ

## ଉଦ୍ଧାର କଲା ଅଗ୍ନିଶମବାହିନୀ



ଭୂବନ, ୧୧।୮ (ସମିସ) : ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଠାରେ ନଦୀ ବଢି ଯୋଗୁଁ ବ୍ରାହ୍ମଣୀନଦୀ ଟାପୁରେ ରହି ଯାଇଥିଲେ ଜଣେ ଯୁବକ। ନଦୀ ଆରପାରିକୁ ଦୁଇଜଣ କୌଣସି କାମରେ ଯାଇଥିବା ବେଳେ ଜଣେ ପହଁରି ପଳାଇ ଆସିଥିଲେ। ନଦୀ ଟାପୁରେ ରହିଥିବା ଯୁବକ ହେଲେ ଗୋବିନ୍ଦପୁର ଗ୍ରାମର ଦେବାଶିଷ ଦାସ। ସେହିପରି ପହଁରି ପଳାଇ ଆସିଥିବା ଯୁବକ ହେଲେ ସେହି ଗ୍ରାମର ମିଥୁନ ମଲ୍ଲିକ। ତେବେ ଖବରପାଇ ଭୁବନ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଛନ୍ତି। ରେଙ୍ଗାଳୀରେ ପାଣି ଛାଡିବା ପରେ ନଦୀରେ ଅଚାନକ ପାଣି ବଢିବାରୁ ଏପରି ସମସ୍ୟା ଉପୁଜିଲା। ତେବେ ଘଟଣାସ୍ଥଳରେ ଶହଶହ ଗ୍ରାମବାସୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

## ରଗଡ଼ି ପୋଲରୁ କଂକ୍ରିଟ୍ ଉଠି ଗର୍ତ୍ତ ହେଲାଣି



ଭୂବନ, ୧୧।୮ (ସମିସ) : ରଗଡ଼ି ପୋଲର ଅବସ୍ଥା ଏମିତି ହୋଇଛି, ଆଉ କିଛିଦିନ ପରେ ଏହା ପୋଖରୀ ସୃଷ୍ଟିହେବ। ନିର୍ମାଣ କାର୍ଯ୍ୟ ଯେ ନିହାତି ନିମ୍ନମାନର ତାହାକୁ ଅସରାଏ ବର୍ଷା ପ୍ରମାଣ କରି ଥୋଉଛି। ବଡ଼ବଡ଼ ଗର୍ତ୍ତ ହୋଇ ଦିନକୁ ଦିନ ପ୍ରସାରିତ ହେବାରେ ଲାଗିଛି। ଗୋଡ଼ି ସମେତ କଂକ୍ରିଟ୍ ଉଠିଗଲାଣି, ବର୍ଷାପାଣି ସେଥିରେ ଜମିରହି ସେତୁକୁ ଅଧିକ ଦୁର୍ବଳ କରୁଛି। ଇଏ ହେଉଛି ରଗଡି ନାଳ ପୋଲ ସେତୁର ବର୍ତମାନର ସ୍ଥିତି ସମଗ୍ର ନିର୍ମାଣ କାର୍ଯ୍ୟର ମାନକୁ ପଦାରେ ପକାଉଛି। ଏହି ପୋଲ ଉପରେ ଦୈନିକ ଶତାଧିକ ଭାରୀଯାନ, ପରିବା ଓ ତେଜରାତି ସାମଗ୍ରୀ ବୋଝେଇ ବଡ଼ ଟ୍ରକ୍‌ସବୁ ଯା ଆସ କରୁଛି। ଏ ଦିଗରେ ସତର୍କତା ଅବଲମ୍ବନ ଓ ପଦକ୍ଷେପ ଗ୍ରହଣ ଜରୁରୀ ହୋଇଛି।

## ଆଜି ବିଶ୍ୱ ହସ୍ତୀ ଦିବସ | ଜାତୀୟ ଐତିହ୍ୟ ହାତୀ ଉପରେ ବଢୁଛି ଅତ୍ୟାଚାର

ଢେଙ୍କାନାଳ, ୧୧।୮ (ସମିସ) : ଢେଙ୍କାନାଳ ଜିଲ୍ଲାରେ ହାତୀ କେତେ ସୁରକ୍ଷିତ ତାକୁ ନେଇ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହାତୀଙ୍କ ସୁରକ୍ଷା ପାଇଁ ସରକାର ପ୍ରସ୍ତାବ ଗ୍ରହଣ କରୁଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ହାତୀଙ୍କ ଉପରେ ଅତ୍ୟାଚାର କ୍ରମାଗତଭାବରେ ବଢିବାକୁ ଲାଗିଛି। ଚଳିତ ବର୍ଷ ୮ଟି ହାତୀ ଏବଂ ୯ ଜଣ ମଣିଷଙ୍କର ମୃତ୍ୟୁ ଘଟି ଥିବାର ଜଣାପଡିଛି। ଜିଲ୍ଲାରେ ୧ ହଜାର ୨୮୧ ବର୍ଗ କି.ମି ଜଙ୍ଗଲ ରହିଛି । ଜିଲ୍ଲାରେ



ବର୍ତମାନ ୩୫୦ ହାତୀ ଚଳପ୍ରଚଳ କରୁଛନ୍ତି। ଅନ୍ୟକିଛି ଜଙ୍ଗଲ ରେଙ୍ଗାଳି କେନାଲ ଦ୍ୱାରା ନଷ୍ଟ ହୋଇଛି । ଆଉ ଯାହାକିଛି ବାକି ରହିଯାଇଛି ତାହା ମଣିଷଙ୍କ ଉପଦ୍ରବରେ ହ୍ରାସ ପାଇବାରେ ଲାଗିଛି । ଚିରାଚରିତ ଭାବରେ ହାତୀର ଖାଦ୍ୟ ନଷ୍ଟ ହେବାସହ ଖାଦ୍ୟ ଅଭାବ ଯୋଗୁଁ ହାତୀ ମଣିଷଙ୍କ ପାଇଁ ଉଦ୍ଦିଷ୍ଟ ଧାନଫସଲ, ଚାଉଳ, ବିଭିନ୍ନ ପ୍ରକାର ପନିପରିବା ଓ ଅନ୍ୟାନ୍ୟ ରବି ଫସଲ ଉପରେ ମଧ୍ୟ ନିର୍ଭର କରୁଛି । ସରକାର ଜଙ୍ଗଲ ଜମିକୁ ପଟ୍ଟାସୂତ୍ରରେ କେତେକ ସମ୍ପ୍ରଦାୟର ଲୋକଙ୍କୁ ପ୍ରଦାନ କରୁଛନ୍ତି। ହାତୀ ଜଙ୍ଗଲରୁ ବାହାରି ଜନବସତି ଉପରେ ଆକ୍ରମଣ କରୁଛି । ଖାଦ୍ୟ ପାଇଁ ହାତୀ ସିଧାସଳଖ ଭାବରେ ଗ୍ରାମ ଭିତରେ ପଶୁଥିବାବେଳେ ସେମାନଙ୍କ ପ୍ରତିରୋଧ ପାଇଁ ଆସୁଥିବା ମଣିଷ ଏବେ ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଉଛି । ଏକ ଆକଳନରୁ ଜଣାଯାଏ ଯେ, ହାତୀ ଖାଦ୍ୟ ପାଇଁ ପ୍ରତ୍ୟହ ୩୦ ରୁ ୪୦ କି.ମି ପଥ ଅତିକ୍ରମ କରିବାକୁ ପଡୁଛି । ଜଙ୍ଗଲ କ୍ଷୟ, ଖାଦ୍ୟ ଅଭାବ, ହାତୀ କରିଡ଼ର ନିର୍ମାଣ, ମଣିଷଙ୍କୁ ସୁରକ୍ଷା ପାଇଁ ବୈଦ୍ୟୁତିକ ତାରବାଡ଼ ନିର୍ମାଣ ପ୍ରଭୃତି କାର୍ଯ୍ୟକ୍ରମ ବନବିଭାଗ ତରଫରୁ କରାଯାଉଥିବାବେଳେ ଅନେକ ଗ୍ରାମକୁ ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ବାଣ, ଲାଇଟ୍, ବାଦ୍ୟଯନ୍ତ୍ର ପ୍ରଭୃତି ଯୋଗାଇ ଦିଆଯାଉଛି। ଏହାସତ୍ୱେ କୌଣସି ସୁଫଳ ମିଳିପାରୁନାହିଁ । ଏପରିକି ହାତୀକୁ ଘଉଡ଼ାଇବା ପାଇଁ କେତେକ ସ୍ଥାନରେ ଦେଶୀ ବନ୍ଧୁକରୁ ଗୁଳି, ଛେରରା, ତେଣ୍ଟା, ଭଙ୍ଗା କାଚବୋତଲ, ତୀର ଓ ବର୍ଛା ସାହାଯ୍ୟରେ ଆକ୍ରମଣ କରିବା ଯୋଗୁଁ ହାତୀଗୁଡିକ କ୍ଷତ ବିକ୍ଷତ ହେଉଛନ୍ତି । ଚଳିତବର୍ଷ ୮ଟି ହାତୀ ମୃତ୍ୟୁ ବରଣ କରିବା ସହିତ ୯ ଜଣ ମଣିଷଙ୍କ ଜୀବନ ଚାଲିଯାଇଛି।

● ରୁଙ୍ଗଟା ମାଇନସ ଠିକା ସଂସ୍ଥା ଷ୍ଟକୟାର୍ଡରୁ ଚୋରି

## ସୁପରଭାଇଜରଙ୍କୁ ପୁଲିସକୁ ହସ୍ତାନ୍ତର, କର୍ମଚାରୀଙ୍କୁ ଛଟେଇ

ଢେଙ୍କାନାଳ,୧୧।୮ (ସମିସ) : ବାଲିମି ଥାନା ଝାଡ଼ବନ୍ଧ ଠାରେଥିବା ରୁଙ୍ଗଟା ମାଇନସର ଏକ ଠିକାସଂସ୍ଥାର ଷ୍ଟକୟାର୍ଡରୁ ଦୁଇଜଣ ସୁପରଭାଇଜର ଚୋରି କରି ଧରାପଡିଛନ୍ତି। ସେମାନଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିବା ବେଳେ ଅନ୍ୟକର୍ମଚାରୀଙ୍କୁ ବଳପୂର୍ବକ ସ୍ୱଘୋଷଣାନାମା ଲିଖିତ ଭାବରେ ଦସ୍ତଖତ କରାଇନେବା ସହିତ ଛଟେଇ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦିଆନଗଲେ ଗେଟ ସମ୍ମୁଖରେ ଧାରଣା ଦେବାକୁ କର୍ମଚାରୀ ମାନେ ଲିଖିତ ଭାବରେଶ୍ରମ



ଅଧିକାରୀଙ୍କୁ ଜଣାଇଛନ୍ତି। ରୁଙ୍ଗଟା ମାଇନସର ଏକ ଘରୋଇ ସଂସ୍ଥା ପୱନ ଇଣ୍ଡଷ୍ଟ୍ରିଆଲରେ କେତେକ କର୍ମଚାରୀ ୨ରୁ ତିନି ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଗତ ୯ ତାରିଖ ଦିନ ଠିକାସଂସ୍ଥା କାର୍ଯ୍ୟ ନେଇଥିବା ରୋଲିଙ୍ଗ ମିଲ -୧ ଟିଏମଟି ଷ୍ଟକ ୟାର୍ଡରେ ଦୁଇଜଣ ସୁପରଭାଇଜର ଶଶିକାନ୍ତ ପ୍ରଧାନ ଓଚନ୍ଦନ ବିଶ୍ୱାଳ ବେଆଇନ ଭାବରେ ବିନାଚାଲାଣରେଏକ ଟ୍ରକ ନଂ ଓଡି୧୫ଆର୯୧୨୩ରେ ଲୋଡି କରି ସାମଗ୍ରୀ ନେଇଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକ ମାନେ ଏହା ଜାଣିପାରିନଥିବା ବେଳେ ଗାଡିଟି ସୁରକ୍ଷାକର୍ମୀଙ୍କ ଦ୍ୱାରା ଗେଟରେ ଧରାପଡିଥିଲା।ଏହି ଘଟଣାରେସୁରକ୍ଷାବିଭାଗ ତରଫରୁ ସମସ୍ତ କର୍ମଚାରୀଙ୍କୁ ଅଟକ ରଖାଯାଇ ପଚରାଉଚାରା କରାଯିବା ସହିତ ଠିକା ସଂସ୍ଥାର ଅନ୍ୟ ସୁପରଭାଇଜର ଏବଂ ମାଲିକ ଅମରେଶ ପାଣ୍ଡେ ଚୋରୀରେ ସାମିଲ ଥିବା ସୁପରଭାଇଜରଙ୍କୁ କମ୍ପାନୀ କର୍ତ୍ତୁପକ୍ଷଙ୍କୁ ହସ୍ତାନ୍ତର କରିଥିଲେ।କମ୍ପାନୀ କର୍ତ୍ତୃପକ୍ଷ ସେ ଦୁଇଜଣଙ୍କୁ ବାଲିମୀ ଥାନା ଜିମା ଦେଇଛନ୍ତି । କିନ୍ତୁ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଏଚ୍‌ଆର ଅଫିସ୍‌କୁ ଡକାଯାଇ ଠିକା କର୍ମଚାରୀମାନଙ୍କର ବକେୟା ଦରମା ଟଙ୍କା ପ୍ରଦାନ କରି ଏକ ସ୍ୱ-ଘୋଷଣାନାମ କାଗଜରେ ବଳପୂର୍ବକ ହସ୍ତାକ୍ଷର ନେଇଯାଇଥିଲେ । କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଚେତାବନୀ ଦେଇଥିଲେ।ଉକ୍ତଘଟଣାକୁ ତର୍ଜମା କରି ଠିକା କର୍ମଚାରୀମାନଙ୍କୁ ପନଃ ଥଇଥାନ ନିମନ୍ତେ ଜିଲ୍ଲାପାଳ ଓ ଶ୍ରମ ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

## ଘରପଟ୍ଟା ନ ମିଳିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ

ଢେଙ୍କାନାଳ,୧୧।୮ (ସମିସ) : ମୋଟଙ୍ଗା ଥାନା ଖରଗପ୍ରସାଦ ନନ୍ଦିନୀ କଲୋନୀ ଅଧିବାସୀ ଘରଡିହ ପଟ୍ଟା ପାଇନଥିବା କାରଣରୁ ସେମାନେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ କଲୋନୀ ବାସିନ୍ଦା ବସବାସ କରୁଥିବା ଜାଗାର ଘରଡିହ ପଟ୍ଟା ପାଇ ନଥିବାରୁ ସେମାନଙ୍କୁ ତହସିଲଦାର ଜାତିଗତ ପ୍ରମାଣପତ୍ର ପ୍ରଦାନ କରୁନାହାଁନ୍ତି। ଜାତିଗତ ପ୍ରମାଣପତ୍ର ନଥିବାରୁ ପିଲାମାନେ



ପାଠପଢାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ସମସ୍ତେ ବିପିଏଲ୍ କାର୍ଡଧାରୀ ଅଟନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାଭୁକ୍ତ ଥିଲେ ମଧ୍ୟ ଘର ମିଳୁନାହିଁ। ଏଣୁ ଘରଡିହପଟ୍ଟା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କୁ ଗ୍ରାମର ପ୍ରମୋଦ ବେହେରା, ସୁମିତ୍ରା ବେହେରା, ଆରତ ବେହେରା, ଜୟନ୍ତୀ ସାହୁ ଓ ବାସୁଦେବ ସାହୁ ପ୍ରମୁଖ ଅଭିଯୋଗ ଜଣାଇଛନ୍ତି।

## ପୋହଳୀ ବେଗା ନାଳରେ କୁମ୍ଭୀର ଆତଙ୍କ

ଢେଙ୍କାନାଳ, ୧୧।୮ (ସମିସ) : ଢେଙ୍କାନାଳ ବନଖଣ୍ଡ ସଦରରେଞ୍ଜ ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ପୋହଳୀ ନିକଟରେ ଥିବା ବେଗା ନାଳରେ କୁମ୍ଭୀର ଆତଙ୍କ ଖେଳିଯାଇଛି। ଫଳରେ ନାଳଉପରେ ନିର୍ଭର କରୁଥିବା ଗ୍ରାମବାସୀ ମାନେ ନିଜର ଦୈନନ୍ଦିନ କାର୍ଯ୍ୟକରିବାରେ ଭୟ କରୁଛନ୍ତି। ସୂଚନା ଅନୁସାରେ ହିନ୍ଦୋଳ ଏବଂ ଓଡାପଡା ବ୍ଲକର ସୀମାନ୍ତ ତଥା ଶଙ୍କରପ୍ରତାପୁର ପୋହଳୀ ଠାରେ ଥିବାବେଗା ନାଳ ନିକଟରେ ଏକ କୁମ୍ଭୀର ପାଣିରେ ରହିଥିବା ଦେଖିବାକୁ ମିଳିଥିଲା। ରାସ୍ତାରେ ଯାଉଥିବା ଲୋକମାନେ ଏହାକୁ ଫଟୋ ଉଠାଇବା ସହିତ କୁମ୍ଭୀର ଫଟୋକୁ ମୋବାଇଲରେ ଛାଡିଦେଇଥିଲେ। ଏହି



ଖବର ଜଣାପଡିବା ପରେ ବନବିଭାଗ ମଧ୍ୟ ଘଟଣା ସ୍ଥଳକୁ ଯାଇ ତାର ଛାନଭିନ କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରିନଥିଲା। ଘଟଣାକୁ ନେଇ କାଦୁଆମଡାର ଲକ୍ଷ୍ମୀଧର ନାୟକଙ୍କ କହିବା ଅନୁସାରେଗ୍ରାମର ୧୫୦ଲୋକ ଏହି ନାଳ ଉପରେନିର୍ଭର କରିବା ସହିତ ସ୍ନାନ ଠାରୁ ସମସ୍ତ ଦୈନନ୍ଦିନ କାର୍ଯ୍ୟ ସମାପନ କରିଥାନ୍ତି। କିନ୍ତୁ ଗତକାଲି ଠାରୁ କୁମ୍ଭୀର ଦେଖାଯିବା ଖବର ପ୍ରସାରିତ ହେବା ପରେ ଭୟ କେହି ନାଳକୁ ଯାଉନାହାଁନ୍ତି। ଘଟଣାକୁ ନେଇ ଅଙ୍ଗନୱାଡି କର୍ମୀ ରଶ୍ମିତା ନାୟକଙ୍କ ସୂଚନା ଅନୁସାରେ ନାଳରେକୁମ୍ଭୀର ଯୋଗ ସେଠାକୁ କେହି ଯାଉନାହାଁନ୍ତି। ଘଟଣା ଜଣାପଡିବା ପରେ ବନଖଣ୍ଡ ଅଧିକାରୀ କହିଛନ୍ତି,ଏହି ଅଞ୍ଚଳରେ କୁମ୍ଭୀରନଥାନ୍ତି। ବାସ୍ତବରେ ତାହା କୁମ୍ଭୀର କିମ୍ବା ନୁହଁ ତାହାର ତଦନ୍ତ କରାଯିବ। ଏହା ସତ୍ୟ କିମ୍ବା ଗୁଜବ। ତେବେ ଲୋକ ମାନେ ଗୁଜବ ସୃଷ୍ଟି କରନ୍ତୁ ନାହିଁ,ଯଦି କୁମ୍ଭୀର ଦେଖିବାକୁ ପାଇବେ ତେବେ ବନବିଭାଗକୁ ତୁରନ୍ତ ଖବର ଦିଅନ୍ତୁ ବୋଲି କହିଛନ୍ତି।କୌଣସି ଖବରର ସତ୍ୟତା ନଜାଣିବା ପର୍ଯ୍ୟନ୍ତ ତାକୁ ପ୍ରସାର କରନ୍ତୁ ନାହିଁ ବୋଲି ନିବେଦନ କରିଛନ୍ତି।

■ ଅହୋରାତ୍ର ଗଣ ଧାରଣା ତୃତୀୟ ଦିନରେ

## ଛଦେଶ ବିକାଶ ପରିଷଦର ଦଶଦଫା ଦାବି, ଆପ୍‌ର ସମର୍ଥନ



ଢେଙ୍କାନାଳ, ୧୧।୮ (ସମିସ) : ଛଦେଶ ବିକାଶ ପରିଷଦର ପକ୍ଷରୁ ୧୦ ଦଫା ଦାବି ନେଇ ଅହୋରାତ୍ର ଗଣ ଧାରଣା ତୃତୀୟ ଦିନରେ ପହଞ୍ଚିଛି । ଦୀର୍ଘ ବର୍ଷ ଧରି ଛଦେଶ ଅଞ୍ଚଳର ବିକାଶ ପାଇଁ ଏହି ଦାବି କରିଆସୁଛନ୍ତି। ମଙ୍ଗଳବାର ତୃତୀୟ ଦିନ ଧାରଣାରେ ମଙ୍ଗଳବାର ଦିନ ଘଟିପିରି ପଞ୍ଚାୟତର ତଥା ଆମ୍ ଆଦମୀ ପାର୍ଟିର ପୂର୍ବତନ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ମୁଖ୍ୟ ଦାବୀ ଗୁଡିକ ମଧ୍ୟରୁ ଛଦେଶକୁ ଏକ ବ୍ଲକ ଗଠନ ପାଇଁ ଦାବୀ କରିଥଲେ।

ସ୍ୱାଧୀନତାର ଦୀର୍ଘ ୭୫ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଭାପୁର ଫାଣ୍ଡି ଥାନା ନହୋଇପରିବା ପୂର୍ବ ବିଜେଡି ଓ ଏବେର ବିଜେପି ସରକାର ଦାୟୀ ବୋଲି କହିଥିଲେ। ଛଦେଶ ବିକାଶ ପରିଷଦ ଅଞ୍ଚଳର ପ୍ରତି ଗ୍ରାମରୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଏହି ସଙ୍ଗଠନରେ ସାମିଲ୍ କରାଯାଇ କାର୍ଯ୍ୟକାରୀଣୀ କମିଟି ପୁନର୍ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଅଗଷ୍ଟ ୧୫ ତାରିଖ ଭିତରେ ସରକାର ୧୦ ଦଫା ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନନେଲେ ପରବର୍ତୀ ବୈଠକ ବସି ନିଷ୍ପତି ନେବାକୁ ପରାମର୍ଶ ଦେଇଥିଲା। ଆଜିର ଗଣଧାରଣାରେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଦେବା ସହିତ ଦାବିପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହୁ ବୋଲି ଉପସ୍ଥିତ କ୍ରାନ୍ତିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଗଣଧାରଣାରେ ଆପ୍ ର ଜିଲ୍ଲା ସଭାପତି ପଙ୍କଜ କୁମାର ନାୟକ ଯୋଗଦେଇ ଛଦେଶର ୧୦ ଦଫା ଦାବି ଉଲ୍ଲେଖ କରି ଶୀଘ୍ର ଏଗୁଡ଼ିକୁ ପୂରଣ କରିବା ପାଇଁ ସରକାର ତଥା ପ୍ରଶାସନକୁ ଅନୁରୋଧ କରିଥଲେ । ଛଦେଶବାସୀଙ୍କ ଏହି ଯୁକ୍ତିଯୁକ୍ତ ଦାବି ଗୁଡିକ ପ୍ରତି ଆମ୍ ଆଦମୀ ପାର୍ଟିର ସମର୍ଥନ ଅଛି ଓ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପାର୍ଟିର ବରିଷ୍ଠ ସଦସ୍ୟ ଜିତେନ୍ଦ୍ର ବେହେରା ଛଦେଶର ଏହି ଦାବିଗୁଡ଼ିକ ପୂରଣ ପାଇଁ ଦଳୀୟ ସ୍ୱାର୍ଥରୁ ଉପରକୁ ଉଠି ସମସ୍ତ ଛଦେଶବାସି ଏହି ଆନ୍ଦୋଳନରେ ସାମିଲ ହେବାକୁ ଅନୁରୋଧ କରିଥଲେ। ଦଳର ବରିଷ୍ଠ ସଦସ୍ୟ ଭରତ କୁମାର ଦାସ ଯୋଗଦେଇ ଛଦେଶରେ ବହିଯାଉଥିବା ସାପୁଆ ନଦୀର ପୁନରୁଦ୍ଧାର, ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା ଓ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ।

ଗୋବିନ୍ଦପ୍ରସାଦ ପଞ୍ଚାୟତ ରାଣୀପାଳ ଗ୍ରାମର ଦୀପକ ନାୟକ କହିଥିଲେ ୫୦ ବର୍ଷ ତଳେ ଛଦେଶ ଅଞ୍ଚଳ ଯାହା ଥିଲା ଏବେ ବି ସେଇଆ ଅଛି, ସେମିତି କିଛି ବିକାଶ ହୋଇନାହିଁ । ସମସ୍ତ ଛଦେଶବାସି ଏକ ହୋଇ ଲଢେଇ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥଲେ।

## ଗୁଲେହିରେ ହାତୀ ସଚେତନତା

ହିନ୍ଦୋଳ,୧୧।୮ (ସମିସ) : ଗୁଲେହି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ହସ୍ତୀ ଦିବସ ଅବ୍ୟବହିତ ପୂର୍ବରୁ ମଣିଷ ହାତୀ ସହାବସ୍ଥାନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆପାୱା, ଭୁବନେଶ୍ୱର ଦ୍ୱାରା ଆୟୋଜିତ ବୈଠକରେ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ମିହିର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ।

ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ମାଙ୍କଡ଼ା ପଥର ଖଣି

## ମାଫିଆଙ୍କ ଚରାଭୂଇଁ ଇନ୍ଦିପୁର; ଚାଲୁଛି ୩୦ ବେଆଇନ ଖଣି

ହିନ୍ଦୋଳ, ୧୧।୮ (ସମିସ)


ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ତହସିଲ୍‌ରେ ଇନ୍ଦିପୁର ରାଜସ୍ୱ ସର୍କଲରେ ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ୩୦ରୁ ଅଧିକ ବେଆଇନ୍ ମାଙ୍କଡ଼ା ପଥର ଖଣି ଚାଲୁରହିଥିବାର ଜଣାପଡିଛି । ବିଭାଗୀୟ ତରଫରୁ ନିଲାମ ନେଉଛନ୍ତି ଗୁଣ୍ଡୁରାପଶି ମାଙ୍କଡ଼ା ପଥର ଖଣି। ସେଠାରୁ କିନ୍ତୁ ପଥର ନକଟି ନିଲାମ ହୋଇନଥିବା ପାଖ ଜଙ୍ଗଲ ଜମିରେ କଟାଚାଲିଛି ପଥର । ଏହି ବେଆଇନ୍ ପଥର ଖଣିରେ ୧୧ ମାସ ତଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ପଦାକୁ ଆସିଥିଲା। ଓଡ଼ାପଡ଼ା ତହସିଲ୍‌ରେ ଇନ୍ଦିପୁର ରାଜସ୍ୱ ସର୍କଲରେ ରହିଥିବା ଏପରି ୩୦ରୁ ଅଧିକ ବେଆଇନ୍ ମାଙ୍କଡ଼ା ପଥର ଖଣିରେ କାର୍ଯ୍ୟରତ ସ୍ଥାନୀୟ ଗୁଣ୍ଡିଚାପଡ଼ା ପଞ୍ଚାଗତ ଦେଶାଳିଆ ଗ୍ରାମର ଅକ୍ଷୟ ନାଏକଙ୍କର ୧୧ ମାସ ତଳେ ମୃତ୍ୟୁ ଘଟିଥିଲା। ସନ୍ଦେହ ଜନକ ଭାବେ ଖଣି ମଧ୍ୟରୁ ସକାଳୁ ଅକ୍ଷୟଙ୍କର କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଓ ଗ୍ରାମବାସୀ



ଅଭିଯୋଗ କରି ରାସ୍ତାରୋକ କରିଥିଲେ। ଏହି ଘଟଣରେ ବେଆଇନ୍ ଭାବେ ଅବାଧରେ ଚାଲିଛି ପଥର କଟା ନକଲି ଟ୍ରାଞ୍ଜିଟ୍ ପାସ୍‌ରେ ପରିବହନ । ବ୍ୟାପକ ରାଜସ୍ୱ ହାନି,ଅଧିକାରୀ ନିରବ ଚୋରାରେ ପଥର ଖଣି ଚାଲିଛି। ଅବଧରେ ପଥର କଟଯାଇ ସଦର ବ୍ଲକ ଭାଲିଆବୋଲକାଟେଣୀ ପଞ୍ଚାୟତ ରାସ୍ତାଦେଇ ଗୋହିରାଖାଲ ଛକ,ଲମ୍ବୋଦରପୁର, କୋଇଲିପଙ୍ଗି ଭାପୁର ଛକ ଠାରୁ ବିଭିନ୍ନ ସ୍ଥାନକୁ ପ୍ରତିଦିନ ଶହ ଶହ ଟ୍ରିପ୍ ମାଙ୍କଡ଼ା ପଥର ଚୋରାଚାଲାଣ କରାଯାଉଛି। ପ୍ରଶାସନିକ ଅଧିକାରୀ ଓ ସଦର ଥାନା,ଭାପୁର ଫାଣ୍ଡି ପୋଲିସ୍ ଅଧିକାରୀଙ୍କୁ ହାତବାର୍ସି କରି ପଥରମାଫିଆ ଏହି ଅଞ୍ଚଳରେ ରହିବା ଗ୍ରାମ୍ୟ ଜଙ୍ଗଲ,ସଂରକ୍ଷିତ ଜଙ୍ଗଲ,ଗୋଚର ଓ ରାଜ୍ୟ ଜମିରେ ବେଆଇନ୍ ଭାବେ ଖଣି ଖୋଳି ମାଙ୍କଡ଼ା ପଥର ଟ୍ରକ,ଟ୍ରାକ୍ଟର ଯୋଗେ ଲୁଟ୍ କରୁଛନ୍ତି। ନକଲି ଟ୍ରାଞ୍ଜିଟ୍ ପାସ୍ କରିଆରେ ପଥର ପରିବହନ କରାଯାଉଛି। ଏହାଦ୍ୱାରା ମାଫିଆ ଲକ୍ଷ ଲକ୍ଷ ଟଙ୍କା କମାଉଥିବାବେଳେ ସରକାରଙ୍କର ବ୍ୟାପକ ରାଜସ୍ୱହାନୀ ହେଉଛି। ସଦର ଥାନା ଠାରୁ ମାତ୍ର ୨ କିଲୋମିଟର ଦୂର ଇନ୍ଦିପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଚାଲିଥିବା ଗୁଣ୍ଡୁରାପଶି ମାଙ୍କଡ଼ା ପଥର ଖଣି ଚଳାଇଥିବା କିଛି ଗୁଣ୍ଡା ମାଫିଆ ଶ୍ରେଣୀର ବ୍ୟକ୍ତି ଏହି ଖଣିକୁ ଚଳାଇ ଆସୁଛନ୍ତି। ବେଆଇନ୍ ଖଣି ଚାଲୁଥିବା ଅଭିଯୋଗକୁ ସମସ୍ତେ ସରକାରୀ ବିଭାଗୀୟ ଅଧିକାରୀ, ମାଇନିଙ୍ଗ ଅଧିକାରୀ,ତହସିଲଦାର,ଆର ଆଇ,ସ୍ଥାନୀୟ ପୋଲିସ ଅଧିକାରୀଙ୍କ ଖଣି ମାଫିଆଙ୍କ ସଲା ସୁତୁରା ମାସିକିଆ ମୋଟା ଅଙ୍କର ଟଙ୍କା ଦେଇ ଚଳାଇଛନ୍ତି । ଖଣି ବିଭାଗଠାରୁ ଆରମ୍ଭ କରି ତହସିଲ୍ କର୍ତ୍ତୃପକ୍ଷ, ପୁଲିସ୍ ସବୁ ଚୁପ୍ ବସିଛନ୍ତି। ଅଧିକରୀ ଓ ମାଫିଆଙ୍କ ମଧ୍ୟରେ ଭିତିରି ସମ୍ପର୍କ ଥିବାରୁ କେହି କାର୍ଯ୍ୟନୁଷ୍ଠାନ ନେବାକୁ ସାହାସ ଜୁଟାଉନାହାନ୍ତି। ପଥର ଖଣି ଦାୟିତ୍ୱ ଖଣି ବିଭାଗର ବୋଲି ଦାୟିତ୍ୱ ଖସାଇ ଦେଉଛନ୍ତି। ୩ ବର୍ଷ ତଳେ ଏହି ଅଞ୍ଚଳରେ ଚାଲିଥିବା ବେଆଇନ୍ ପଥର ଖଣିରେ ଚଢ଼ଉ କରିବାକୁ ଯାଇଥିବା ତତ୍କାଳୀନ ଉପଜିଲ୍ଲାପାଳ ଆଉଏଏସ୍ ଅଧିକରୀ ବିଭୂତି ଭୂଷଣ ନାୟକ ପଥର ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମରାସ୍ତାରେ ଦୈନିକ ଶତାଧିକ ପଥର ବୋଝେଇ ଟ୍ରକ୍ ଯାତାୟତ ଦ୍ୱାରା ରାସ୍ତା ଖାଲଖମା ହୋଇଗଲାଣି। ମୂଲ୍ୟବାନ୍ ଗଛ କଟି ପଥର ତଡ଼ା ଯାଇଥିବାରୁ ଜଙ୍ଗଲ ସମ୍ପଦ ନଷ୍ଟ ହୋଇଯାଇଛି। ଲୋକଙ୍କ ଜୀବନ ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏତେସବୁ ସତ୍ୱେ କୌଣସି ବିଭାଗ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ୍, ଖଣି ବିଭଗ, ଜଙ୍ଗଲ ବିଭାଗ ଓ ଓଡ଼ାପଡ଼ା ତହସିଲ୍ କର୍ତ୍ତୃପକ୍ଷଙ୍କ ସହ ମାଫିଆମାନେ ସଲାସୁତୁରା କରି ଖଣି ଚଳାଉଛନ୍ତି। ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ମଧ୍ୟ ମାଫିଆଙ୍କ ସହ ହାତ ମିଳାଇଛନ୍ତି। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ଦିନକୁ ଦିନ ଖଣି ଚୋରା ବଢ଼ି ଚାଲିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

THE SAKALA

# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ।
-ଏସ୍ ଆର ରଙ୍ଗନାଥନ୍

## ମରଣୋତ୍ତର ରାୟ

ଗତ ଦୁଇ ସପ୍ତାହ ମଧ୍ୟରେ ଭାରତର ନ୍ୟାୟିକ ଇତିହାସରେ ଦୁଇଟି ଅଲୋଡ଼ା ଅଥଚ ଚିରସ୍ମରଣୀୟ ଅଧ୍ୟାୟ ଲେଖି ହୋଇଛି। ଜୁଲାଇ ମାସ ଶେଷ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟ କୋଇଲା ଦୁର୍ନୀତି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ ମନମୋହନ ସିଂହଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସେହିପରି ଚଳିତ ମାସ ପ୍ରଥମ ସପ୍ତାହରେ ବୋଫର୍ସ ମାମଲାର ଅନ୍ତ ଘଟାଇଛନ୍ତି। ଏହି ଦୁଇଟି ରାୟ ଅଲୋଡ଼ା ଏଇଥିପାଇଁ ଯେ ଉଭୟ ମାମଲାରେ ଯଦିବା ଦୋଷ ସାବ୍ୟସ୍ତ କରାଯାଇଥା'ନ୍ତା ତେବେ ଦଣ୍ଡ ଭୋଗିବା ପାଇଁ ଡ. ସିଂହ କିମ୍ବା ବୋଫର୍ସ ମାମଲାର ମୂଳ ଆରୋପିତ ରାଜୀବ ଗାନ୍ଧୀ ଜୀବିତ ନାହାନ୍ତି। ଏହା ଆମ ନ୍ୟାୟିକ ପ୍ରକ୍ରିୟାର ବିଳମ୍ବିତ ଦିଗଟିକୁ ସୂଚିତ କରୁଛି ଏବଂ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ ବୋଲି ପୁଣି ଥରେ ପ୍ରମାଣିତ ହେଉଛି।

ବିଶ୍ୱର ସର୍ବାଧିକ ଜନବହୁଳ ବିଶିଷ୍ଟ ବିଶାଳ ଭାରତ ଭୂଖଣ୍ଡରେ ପ୍ରତିଦିନ ଯେତିକି ମାମଲା ବିଚାର ପାଇଁ ଆସୁଛି ତା' ତୁଳନାରେ ବିଚାରପତିଙ୍କର ଅଭାବ ରହୁଛି। ଏଥିସହିତ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବା ପାଇଁ ଆଇନଜୀବୀମାନେ ଦାୟୀ ବୋଲି ଅଭିଯୋଗ ହେଉଛି। ଏହି ଦୁଇ ସମସ୍ୟା ମଧ୍ୟରୁ ପ୍ରଥମଟି ସ୍ପଷ୍ଟ ଦୃଶ୍ୟମାନ। ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା-ବିଚାରପତି ସଂଖ୍ୟାର ଅନୁପାତିକ ଜଟିଳତା ଆହୁରି ଅଧିକ। ବହୁଦିନର ଦାବି ପରେ ନିକଟରେ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ରୁ ୩୮ କୁ ବୃଦ୍ଧି କରିଛନ୍ତି। ଅପରପକ୍ଷରେ ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ସର୍ବୋଚ୍ଚ ନ୍ୟାୟାଳୟରେ ୯୨, ୧୦୧ଟି ମାମଲା ବିଚାରାଧୀନ ରହିଥିଲା। ଏହାଛଡ଼ା ସମ୍ବିଧାନ ଖଣ୍ଡପୀଠ, ବୃହତ୍ତର ଖଣ୍ଡପୀଠ ଆଦିର ବ୍ୟବସ୍ଥା ଥିବାରୁ ଅନ୍ୟାନ୍ୟ ଖଣ୍ଡପୀଠ ପାଇଁ ବିଚାରପତି ସଂଖ୍ୟାରେ ଆହୁରି ଅଭାବ ଦେଖାଦେଉଛି। ତେଣୁ ମାତ୍ର ୪ ଜଣ ବିଚାରପତି ବୃଦ୍ଧି ଦ୍ୱାରା ବିଚାରାଧୀନ ମାମଲାରେ ଯେ ଦ୍ରୁତ ଉନ୍ନତି ଘଟିବ ସେ ଆଶା ଦେଖାଯାଉନାହିଁ।

ବିଚାରାଧୀନ ମାମଲାର ସଂଖ୍ୟା ବଢ଼ିବା ବର୍ଷେ ଦୁଇବର୍ଷର କଥା ନୁହେଁ। ଏହା ବର୍ଷ ବର୍ଷ ଧରି ପଡ଼ିଆସୁଛି। ଜାତୀୟ ନ୍ୟାୟିକ ନିଯୁକ୍ତି ସଂସ୍ଥା ଗଠନ ନିୟମ ପ୍ରବର୍ତ୍ତନ ପାଇଁ ସରକାରଙ୍କ ତତ୍ପରତା ଏବଂ ଐତିହାସିକ ସଂବିଧାନ ସଂଶୋଧନ ସତ୍ତ୍ୱେ ସୁପ୍ରିମକୋର୍ଟର ସମ୍ବିଧାନ ପୀଠ ଏହାକୁ ଖାରଜ କରିଦେବା ଫଳରେ ବକେୟା ରହିଥିବା ମାମଲାର ନିରନ୍ତର ବୃଦ୍ଧି ଘଟିଚାଲୁଛି। ସେବେଠୁ ସରକାର ଓ ସୁପ୍ରିମକୋର୍ଟଙ୍କ ମଧ୍ୟରେ ବିଚାରପତି ନିଯୁକ୍ତି ନେଇ କିଛିଟା ମତଭେଦ ଲାଗିରହିଛି। ଏ ଲଢ଼େଇରେ କାହାର ବିଜୟ ଘଟିଛି ତାହା ତ ଆମେ କହିପାରିବା ନାହିଁ, ତେବେ ଏହାକୁ ସ୍ୱୀକାର କରିବା ଯେ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ଓ ବିଡ଼ମ୍ବିତ ହୋଇଛି। ଏଥିରେ ନ୍ୟାୟପ୍ରାର୍ଥୀ, ସାଧାରଣ ଜନତା ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ନ୍ୟାୟିକ ବ୍ୟବସ୍ଥା ଅତ୍ୟନ୍ତ ବ୍ୟୟବହୁଳ; କିନ୍ତୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଆବଶ୍ୟକତା ପୂରଣ ପାଇଁ ସରକାରଙ୍କୁ ଏ ବାବଦରେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ଏବଂ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବାକୁ ହେବ। ନ ହେଲେ ମରଣୋତ୍ତର ରାୟ ପରିସଂଖ୍ୟାନ ବଢ଼ି ଚାଲିଥିବ। ●

## କେନ୍ଦ୍ର ଅସହିଷ୍ଣୁ କାହିଁକି?

ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଟିକସ ଧାର୍ଯ୍ୟ କରିବା ପାଇଁ ରାଜ୍ୟମାନଙ୍କର ନ୍ୟାଯ୍ୟ ଅଧିକାରକୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ମସିହାରେ ସବୁଜ ସଙ୍କେତ ଦେବା ପରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନିଜସ୍ୱ ରାଜସ୍ୱ ବୃଦ୍ଧି ଦିଗରେ ଯେଉଁ ଆଶା ସଞ୍ଚାର ହୋଇଥିଲା ତାହାକୁ କେନ୍ଦ୍ର ସରକାର ପୁଣି ଥରେ ଭଣ୍ଡୁର କରିବାର ଉଦ୍ୟମ ଆରମ୍ଭ କରିଛନ୍ତି। ଲୋକସଭାର ଚଳିତ ମୌସୁମୀ ଅଧିବେଶନରେ ଖଣି ଓ ଖଣିଜ(ବିକାଶ ଓ ନିୟାମକ) ସଂଶୋଧନ ବିଧେୟକ ଆଗତ କରିବା ପରେ ରାଜ୍ୟମାନଙ୍କୁ ସର୍ବୋଚ୍ଚ ଅଦାଲତ ଦେଇଥିବା ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ବିଧେୟକ ଆଇନରେ ପରିଣତ ହେଲେ ଖଣିଜ ସମୃଦ୍ଧ ରାଜ୍ୟମାନେ ନିଜ ସୁବିଧା ଅନୁସାରେ ଉପକର ସମେତ ଅନ୍ୟାନ୍ୟ ଶୁଳ୍କ ଧାର୍ଯ୍ୟ କରିପାରିବାର କ୍ଷମତା ହରାଇବେ ଏବଂ ଖଣି ଅଞ୍ଚଳ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱ ଅଧୀନକୁ ଚାଲିଯିବା ଭଳି ହେବ। ଏଥିରେ ସଂଲଗ୍ନ ୯ (ଡି) ଧାରା ଅନୁଯାୟୀ ଯେଉଁ ରାଜ୍ୟମାନେ ପିଛିଲା ଭାବେ ଖଣିଜ ଉତ୍ତୋଳନକାରୀ ସଂସ୍ଥାଙ୍କଠାରୁ ସେସ୍ ବାବଦ ବକେୟା ଆଦାୟ କରିବାକୁ ନୋଟିସ ଜାରି କରିଛନ୍ତି ତାହା ରଦ୍ଦ ହୋଇଯିବ; ଅର୍ଥାତ୍ ଖଣି ମାଲିକମାନେ ଆଉ ତାହା ପୈଠ କରିବାକୁ ବାଧ ହେବେ ନାହିଁ। କିନ୍ତୁ ଯାହା ଆଦାୟ ହୋଇସାରିଛି ତାହା ଆଉ ସମ୍ପୃକ୍ତ ଖଣିଜ କମ୍ପାନୀଙ୍କୁ ଫେରସ୍ତ ହେବ ନାହିଁ। ଏହା ପରୋକ୍ଷରେ ଖଣି ମାଲିକଙ୍କୁ ସୁହାଇବ।

୨୦୨୪ ମସିହା ସେପ୍ଟେମ୍ବର ମାସରେ ରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟମାନଙ୍କୁ ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଶୁଳ୍କ ଆଦାୟ କରିବାର ଅଧିକାର ଦେବା ପରେ ରାୟର ପୁନର୍ବିଚାର କରିବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ଏପରିକି ସମ୍ବିଧାନ ଖଣ୍ଡପୀଠଙ୍କ ରାୟର ପୁନର୍ବିଚାର ପାଇଁ କେନ୍ଦ୍ରର ଆବେଦନ ପରେ ଖୋଦ୍ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏବେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଅକାମୀ କରିବା ପାଇଁ ଉପରୋକ୍ତ ବିଲ୍ ଅଣାଯାଇଥିବା ଆଇନ ବିଶାରଦମାନେ ମତ ଦେଇଛନ୍ତି। ଖଣିଜ ସମୃଦ୍ଧ ରାଜ୍ୟମାନଙ୍କ ନିଜସ୍ୱ ଟିକସ ଧାର୍ଯ୍ୟ ଅଧିକାର ଖଣିଜ ବିକାଶ ଆଇନ - ୧୯୫୭ ଦ୍ୱାରା ସ୍ୱୀକୃତ। ତେଣୁ ଏହାକୁ ନେଇ କେନ୍ଦ୍ର ସରକାର ଏତେ ଅସହିଷ୍ଣୁ କାହିଁକି ବୁଝାପଡୁନି। ଏହି ଉତ୍ତର ଖୋଜିବା ବେଳେ ଏହି ଧାରଣା ସାମ୍ନାକୁ ଆସୁଛି ଯେ ଗରିବ ରାଜ୍ୟମାନେ, ବିଶେଷକରି ପୂର୍ବାଞ୍ଚଳର ଖଣିଜ ସମୃଦ୍ଧ, ଅଥଚ ଅବହେଳିତ। ରାଜ୍ୟମାନେ ନିଜ ସମ୍ବଳରେ ଉନ୍ନତି କରିବା ବଦଳରେ ସବୁବେଳେ ସମ୍ବଳ ସହାୟତା ଲାଗି କେନ୍ଦ୍ର ପାଖରେ ବଶମ୍ବଦ ହୋଇ ରୁହନ୍ତୁ ଏହା ବୋଧହୁଏ କେନ୍ଦ୍ର ସରକାର ଚାହୁଁଛନ୍ତି।

ଏହି ଆଇନ ଲାଗୁ ହେଲେ ଓଡ଼ିଶା ପ୍ରାୟ ୫୦ ହଜାର କୋଟି ଟଙ୍କାର ବକେୟା ହରାଇବ। ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଚାଲିଛି। ତେଣୁ 'ପାର୍ଟି' ଆଦର୍ଶରେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ନିରବ ରହିବେ ନା 'ମାଟି' ସ୍ୱାର୍ଥରେ ଓଡ଼ିଶାବାସୀଙ୍କ ହକ୍ ମାଗିବେ ତାହା ଦେଖିବାକୁ ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି। ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁ ଯେ ଓଡ଼ିଶା ଭଳି ଅବହେଳିତ ରାଜ୍ୟମାନେ ସେମାନଙ୍କର ହକ୍ ମାଗୁଛନ୍ତି, ଦୟା କିମ୍ବା ଅନୁକମ୍ପା ନୁହେଁ। ●

## ପ୍ରାକୃତିକ ବିପର୍ଯ୍ୟୟ ଓ ବଦ୍‌ଖର୍ଚ୍ଚି ଖାଉଟି

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଚଳିତ ବର୍ଷ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟିସାରିଛି। ଓଡ଼ିଶାର ୨୨ ଟି ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ନଈ ବଢ଼ି ହେତୁ ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଅନେକ ଗୃହପାଳିତ ପ୍ରାଣୀ ସମେତ ବନ୍ୟପ୍ରାଣୀ ହନ୍ତସନ୍ତ ହୋଇଛନ୍ତି। ଫସଲ, କୃଷି ଜମି ଇତ୍ୟାଦି କ୍ଷତିଗ୍ରସ୍ତ ହୋଇଛି। ଏକ ପ୍ରାକୃତିକପ୍ରବଣ ରାଜ୍ୟ ଭାବେ ଓଡ଼ିଶା ପ୍ରତିବର୍ଷ କିଛି ନା କିଛି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସେଭଳି ଆସାମରେ ପ୍ରବଳ ବନ୍ୟା ଫଳରେ ପ୍ରାୟ ୧୦୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ଦେଢ଼ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବର୍ଷ ଜୁନ୍ ୨୦ ରେ ମୌସୁମୀ ବର୍ଷା ଆରମ୍ଭ ହେବା ପରଠାରୁ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ମୋଟ ୪୪ଟି ବାଦଲ ଫଟା ବର୍ଷା, ୨୧ଟି ଭୂସ୍ଖଳନ, ୧୮ଟି ଅଚାନକ ବନ୍ୟା ଘଟଣା ଯୋଗୁଁ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଆସାମ ଓ ଜମ୍ମୁ-କଶ୍ମୀର ବ୍ୟତୀତ, ହିମାଚଳ ପ୍ରଦେଶ, କେରଳ, ଗୁଜରାଟର, ମହାରାଷ୍ଟ୍ର, ଛତିଶଗଡ଼ ପ୍ରଭୃତି ରାଜ୍ୟମାନଙ୍କରେ ବନ୍ୟା ତାଣ୍ଡବଲୀଳା ରଚିଛି। ବିଭିନ୍ନ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ଘଟି ବହୁ ଧନଜୀବନ ନଷ୍ଟ ହୋଇଛି।

ଭାରତ ବାହାରେ ଭେନେଜୁଏଲା, ଜାପାନ ଆଦି ରାଷ୍ଟ୍ରରେ ଭୂମିକମ୍ପ, ସୁନାମି ଦ୍ୱାରା ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଇଂଲଣ୍ଡ, ଫ୍ରାନ୍ସ ଆଦି ଅନେକ ୟୁରୋପୀୟ ରାଷ୍ଟ୍ରରେ ବାୟୁମଣ୍ଡଳର ତାପମାତ୍ରା ବିପଦଜନକ ଭାବେ ବଢ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆମେରିକାର ୱାଶିଂଟନ, କାନାଡ଼ା ଏବଂ ଇଉରୋପୀୟ ରାଷ୍ଟ୍ରମାନଙ୍କରେ ବନାଗ୍ନି ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଆହୁରି ଅନେକ ଘଟଣା ଘଟି ଚାଲିଛି।

ଅପୂର୍ବ ସୌନ୍ଦର୍ଯ୍ୟ ଭରା ହିମାଳୟ ଅଞ୍ଚଳ, ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ପରିସଂସ୍ଥାୟ ସନ୍ତୁଳନ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ବିକାଶ ନାମରେ ଅତ୍ୟଧିକ ମାନବୀୟ ହସ୍ତକ୍ଷେପ କାରଣରୁ ଏହି ଅଞ୍ଚଳରେ କ୍ରମଶଃ ପ୍ରାକୃତିକ ବିପର୍ଯ୍ୟୟମାନ ବଢ଼ି ଚାଲିଛି। ୧୯୭୬ ମସିହାରେ ଜୋଶୀ ମଠ ଠାରେ ଭୂମି ଦବି ଯାଇ ଫାଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟରେ ଏକ ଆବେଦନରୁ ଜଣାପଡ଼େ ଯେ, ହିମାଳୟ ଅଞ୍ଚଳରେ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା, ସୁଡ଼ଙ୍ଗ ନିର୍ମାଣ, ପଥର ଓ ପାହାଡ଼ ଖନନ, ରାସ୍ତା ଘାଟ ନିର୍ମାଣ, ଟ୍ରାଫିକ୍ ବୃଦ୍ଧି, ପର୍ଯ୍ୟଟନ ବିକାଶ, ଅବାଧ ହୋଟେଲ, ରିସର୍ଟ, ଲଜ୍ ଓ ହୋମଷ୍ଟେ ସମେତ ବାଣିଜ୍ୟିକ ପ୍ରତିଷ୍ଠାନର ଅନିୟନ୍ତ୍ରିତ ଓ ଅସ୍ଥାୟୀ ନିର୍ମାଣ, ଅପର୍ଯ୍ୟାପ୍ତ ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁଁ ବାୟୁ ଓ ଜଳ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକ ଦେଖାଦେଇଛି। ଏହି ସମସ୍ୟାଗୁଡ଼ିକ ହିମାଳୟ ଅଞ୍ଚଳର ପରିସଂସ୍ଥାକୁ କ୍ଷତି ପହଞ୍ଚାଉଛି, ଯାହା ୧୩ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ଯଥା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କାଶ୍ମୀର, ଲଦାଖ୍, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ମଣିପୁର, ମିଜୋରାମ, ସିକିମ, ନାଗାଲାଣ୍ଡ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶକୁ ପ୍ରଭାବିତ କରୁଛି। ପ୍ରତିକାର ପାଇଁ ଭାରତ ସରକାର ସେପ୍ଟେମ୍ବର ୨୦୨୩ ରେ ୧୩ ସଦସ୍ୟ ବିଶିଷ୍ଟ ବୈଷୟିକ କମିଟି ଗଠନ କରିଛନ୍ତି। ଏହାର ଅଧ୍ୟକ୍ଷ ଅଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନସ୍ଥ ଅନୁଷ୍ଠାନ 'ଜିବି ପନ୍ତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ ଏନଭାର୍ନମେଣ୍ଟ'ର ନିର୍ଦ୍ଦେଶକ। ଏହାକୁ ଏକ 'ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ' ବୋଲି ଅଭିହିତ କରାଯାଇଛି। ବିକାଶ ନାମରେ ଯେଉଁସବୁ କାର୍ଯ୍ୟକଳାପ ଚାଲିଛି ଏବଂ ଏହାର ବିପରୀତ ପ୍ରଭାବକୁ କେତେଦୂର ହିମାଳୟ ପରିସଂସ୍ଥାର ସହ୍ୟ କରିପାରିବା କ୍ଷମତା ରହିଛି, ଏହି କମିଟି ମୂଲ୍ୟାଙ୍କନ କରିବ। ସମ୍ପୃକ୍ତ ହିମାଳୟ ଅଞ୍ଚଳ ରାଜ୍ୟଗୁଡ଼ିକ ନିଜ ନିଜ ପରିସଂସ୍ଥାର ସୁଧାର ପାଇଁ ଖସଡ଼ା ପ୍ରସ୍ତୁତ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦାଖଲ କରିବାକୁ ଦାୟୀ ରହିବେ। ଏଥିପୂର୍ବରୁ ହିମାଳୟ ପରିସଂସ୍ଥାକୁ ସ୍ଥାୟୀ କରିବା ପାଇଁ ୨୦୧୪ ମସିହାରେ ଜାତୀୟ ଜଳବାୟୁ ପରିବର୍ତ୍ତନ ଯୋଜନା(ଏନ୍ଏପିସିସି) ଅଧୀନରେ ଏକ ଜାତୀୟ ମିଶନ ଗଠନ କରାଯାଇଥିଲା, ଯାହା ଆଠଟି ମିଶନ ମଧ୍ୟରୁ ଗୋଟିଏ।

ପଶ୍ଚିମ ଘାଟ ପର୍ବତମାଳା ଅଞ୍ଚଳରେ ଅବସ୍ଥିତ, କେରଳର ୱାୟାନାଡ ଜିଲ୍ଲାରେ ବହୁବାର ଭୂସ୍ଖଳନ ଘଟିଚାଲିଛି। ପଶ୍ଚିମଘାଟ, ଯାହାକୁ ସହ୍ୟାଦ୍ରି ମଧ୍ୟ କୁହାଯାଏ, ଭାରତର ପଶ୍ଚିମ ଉପକୂଳ ସହିତ ସମାନ୍ତରାଳ ଭାବରେ ଗତି କରୁଥିବା ୧,୬୦୦ କିଲୋମିଟର ଲମ୍ବା ପର୍ବତମାଳାର କ୍ଷେତ୍ର। ଏହା ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ଦେଇ ଗତି କରେ। ବିଶିଷ୍ଟ ପରିବେଶବିତ୍ ଡକ୍ଟର ମାଧବ ଗାଡଗିଲଙ୍କ ତତ୍ତ୍ୱାବଧାନରେ ଗଠନ ହୋଇଥିବା 'ପଶ୍ଚିମଘାଟ ପରିବେଶ ବିଜ୍ଞାନ ବିଶେଷଜ୍ଞ ପ୍ୟାନେଲ' ଦ୍ୱାରା ୨୦୧୧ରେ ଦାଖଲ ହୋଇଥିବା ରିପୋର୍ଟରେ ସମଗ୍ର ୧, ୨୯, ୦୩୭ ବର୍ଗ କିଲୋମିଟର ପର୍ବତ ଶୃଙ୍ଖଳକୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର(ଇଏସ୍ଏ) ଭାବରେ ଚିହ୍ନଟ କରାଯାଇଥିଲା। ଏଥିରେ ଖଣି ଖନନ ଏବଂ ବୃହତ୍ ନଦୀ ବନ୍ଧ, ଡ୍ୟାମ ନିର୍ମାଣ ଉପରେ କଠୋର କଟକଣା ସୁପାରିସ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ରାଜ୍ୟମାନେ ଆଗ୍ରହ ପ୍ରକାଶ କଲେ ନାହିଁ। ପୁଣି ଅପ୍ରେଲ ୧୫, ୨୦୧୩ରେ କସ୍ତୁରିରଙ୍ଗନ କମିଟି ରିପୋର୍ଟ (ଉଚ୍ଚସ୍ତରୀୟ କାର୍ଯ୍ୟ ଗୋଷ୍ଠୀ) କୋହଳ ମନୋଭାବ ପ୍ରଦର୍ଶନ କରି ପଶ୍ଚିମଘାଟର ୩୭% (ପ୍ରାୟ ୬୦, ୦୦୦ ବର୍ଗ କିଲୋମିଟର)କୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର ଭାବରେ ଚିହ୍ନଟ କରିବାର ପ୍ରସ୍ତାବ ଦେଇଥିଲା, ଯାହାର ଲକ୍ଷ୍ୟ ଥିଲା ସ୍ଥାୟୀ ଆଞ୍ଚଳିକ ବିକାଶ ସହିତ ଜୈବ ବିବିଧତା ସଂରକ୍ଷଣକୁ ସନ୍ତୁଳିତ କରିବା। ସେଭଳି ପୂର୍ବଘାଟମାଳା ରାଜ୍ୟଗୁଡ଼ିକ ହେଉଛି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲାଙ୍ଗାନା, କର୍ଣ୍ଣାଟକ ଓ ତାମିଲ ନାଡୁ। ଏହି ଅଞ୍ଚଳଗୁଡ଼ିକରେ ମଧ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ହେତୁ ପ୍ରଭୁତ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ପଶ୍ଚିମଘାଟ ପର୍ବତମାଳା ଭଳି ପୂର୍ବଘାଟ ପର୍ବତମାଳା ପରିସଂସ୍ଥାର ସ୍ଥିତି ଅନୁଧ୍ୟାନ କରିବା ଜରୁରୀ।

ପ୍ରକୃତିର ନିୟମ ଅନୁସାରେ ପ୍ରତି ବର୍ଷ ଧରିତ୍ରୀ ବକ୍ଷରେ ପ୍ରାକୃତିକ ସମ୍ପଦ ସ୍ୱତଃ ସୃଷ୍ଟି ହୁଏ। ପ୍ରାକୃତିକ ସମ୍ପଦର ଉତ୍ପନ୍ନ ତୁଳନାରେ ଯେଉଁ ଦିବସ ବା ତାରିଖରେ ଆବଶ୍ୟକ ଅଧିକା ହୁଏ ଅର୍ଥାତ୍ ସମ୍ବଳ ନିଅଣ୍ଟ ପଡ଼େ ତା'କୁ କୁହାଯାଏ 'ଆର୍ଥ ଓଭରଶଟ୍ ଡେ' ବା 'ଧରିତ୍ରୀ ସୀମା ଉଲଙ୍ଘନ ଦିବସ'। ଆମର ବଢ଼ୁଥିବା ଲୋଭର ବିସ୍ତାର ହେତୁ ୧୯୭୦ ଦଶକ ପରଠାରୁ ପୃଥିବୀ ସୀମା ଲଙ୍ଘନ ଦିବସ କ୍ରମଶଃ ପଛକୁ ପଛକୁ ଘୁଞ୍ଚି ଚାଲିଛି। ସାଙ୍କେତିକ ଭାବରେ କହିବାକୁ ଗଲେ ଉପଭୋକ୍ତା ମାନଙ୍କର ଚାହିଦାର ଅତ୍ୟଧିକ ବୃଦ୍ଧି ଘଟିଛି। ୧୯୭୦ ମସିହାରେ ଏହା ଡିସେମ୍ବର ୨୫ରୁ ଆରମ୍ଭ ହୋଇ ଚଳିତ ବର୍ଷ ୨୦୨୬ ମସିହାରେ ଜୁଲାଇ ୩୦କୁ ଘୁଞ୍ଚି ଆସିଛି। ଏହାର ଅର୍ଥ ହେଉଛି, ମାନବ ଜାତି ପ୍ରକୃତିର ସମ୍ବଳକୁ ପୃଥିବୀର ପରିସଂସ୍ଥା ଦ୍ୱାରା ତାହାର ପୁନଃଉତ୍ପାଦିତ ହେବା ଗତି ତୁଳନାରେ ୭୩% ଅଧିକ ଦ୍ରୁତ ଗତିରେ ବ୍ୟବହାର କରୁଛି; ଯାହା ୧.୭୩ଟି ପୃଥିବୀର ସମାନ ଚାହିଦା ପୂରଣ କରିବା ସହ ସମତୁଲ ଅଟେ। ଯଦି ଏହିଭଳି ଧାରାରେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର କରାଯାଏ ତାହାହେଲେ ଆମକୁ ୨୧ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ ଦୁଇଟି ଗ୍ରହର ସମ୍ପଦ ଆବଶ୍ୟକ ହୋଇପାରେ।

ଏଭଳି ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର ହେତୁ ପରିସଂସ୍ଥାୟ ସନ୍ତୁଳନ ବାଧାପ୍ରାପ୍ତ ହେଉଛି। ଜୈବବିଧତା ହ୍ରାସ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସମେତ ସବୁଜ ଗୃହ ବାଷ୍ପର ଘନତା ବଢ଼ିବା ସହ ବିଶ୍ୱତାପନ, ଜଳବାୟୁରେ ବ୍ୟାପକ ଅନିୟମିତତା ଓ ପରିବର୍ତ୍ତନ ଜନିତ ସମସ୍ୟା ବଢ଼ିଚାଲିଛି। ତେଣୁ ଉପଭୋକ୍ତାଗଣ ପ୍ରାକୃତିକ ସମ୍ପଦ ବ୍ୟବହାର କ୍ଷେତ୍ରରେ ସଂଯମ ଅବଲମ୍ବନ କରି ନିଜର ଅଙ୍ଗାର ପଦଚିହ୍ନ ହ୍ରାସ କରିବାର ବେଳ ଆସିଛି। ମହାତ୍ମା ଗାନ୍ଧୀ ସତର୍କ ସୂଚନା ଦେଇ କହିଥିଲେ, 'ସମସ୍ତଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ଜଣେ ବ୍ୟକ୍ତିର ଲୋଭକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ।' ଏଥିପୂର୍ବରୁ ବିଗତ ବର୍ଷମାନଙ୍କରେ ଏପରି ଅନେକ ଛାତିଥରା ଘଟଣାମାନ ଘଟି ସାରିଛି ଏବଂ ଆଗାମୀ ବର୍ଷମାନଙ୍କରେ ମଧ୍ୟ ନିଃସନ୍ଦେହ ଘଟିବାକୁ ଯାଉଛି। ବିଗତ ଦୁଇ ଶହ ବର୍ଷ ହେବ ମଣିଷର ଜୀବନଶୈଳୀ ବିଳାସପୂର୍ଣ୍ଣ ଗତିରେ ଅଗ୍ରଗତି ହେବାରେ ଲାଗିଛି। ଏଥିପାଇଁ ମୁଣ୍ଡପିଛା ପ୍ରାକୃତିକ ସମ୍ପଦର ଆବଶ୍ୟକତା ବଢ଼ିଚାଲିଛି। ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଖଣି ଖନନ, ଶିଳ୍ପ ପ୍ରତିଷ୍ଠାନ, ସହର ବସତି ସ୍ଥାପନ, ରାସ୍ତାଘାଟ ନିର୍ମାଣ, ଶକ୍ତି ଉତ୍ପାଦନ, ଜଳ ଯୋଗାଣ, କୃଷି ସମ୍ପ୍ରସାରଣ, ଯାନବାହନ ଓ ପରିବହନର ବିକାଶ, ଭିତ୍ତିଭୂମି ବିକାଶ ଜରୁରୀ ହୋଇପଡ଼ିଛି। ଏଭଳି କାର୍ଯ୍ୟକ୍ରମ, ଯାହାକୁ ମାନବୀୟ ହସ୍ତକ୍ଷେପ କୁହାଯାଇଥାଏ, ପରିସଂସ୍ଥାୟ ସନ୍ତୁଳନ ରକ୍ଷା କରିବାରେ ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ବାଧ କରେ। ତେଣୁ ପ୍ରାକୃତିକ ବିପର୍ଯ୍ୟୟର ଅପରାଧୀ ହେଉଛନ୍ତି ବଦ୍‌ଖର୍ଚ୍ଚି ଖାଉଟିମାନେ, ଅଦୂରଦର୍ଶୀ ପ୍ରଶାସନିକ କର୍ତ୍ତୃପକ୍ଷ ଅର୍ଥାତ୍ ଅମଲାତନ୍ତ୍ର ଏବଂ ବିକାଶମୂଳକ କାର୍ଯ୍ୟକ୍ରମର ଦାୟିତ୍ୱ ନ୍ୟସ୍ତ ଥିବା ରାଜନେତାମାନେ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ତରୁଣମାନେ ତମାଖୁ ପ୍ରତି ସତର୍କ ହୁଅନ୍ତୁ

ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ

ଏମିତି ଗୋଟିଏ ରୋଗ ଅଛି ଯାହା ଭାରତରେ ପ୍ରତି ଘଣ୍ଟାରେ ନିଏ ୯୧ଟି ମୂଲ୍ୟବାନ ମଣିଷ ଜୀବନ। ଅର୍ଥାତ୍ ପ୍ରତିଦିନ ୨୧୯୨ଟି ଜୀବନଦୀପ ଲିଭେ। ଏଇ ରୋଗଟି ପୁଣି ମଣିଷ କିଣିକରି ଆଣିଥାଏ। ଏହା ହେଉଛି ତମାଖୁ ସେବନ ଜନିତ ମୃତ୍ୟୁ। ମଣିଷ ପ୍ରତିଦିନ ବିଡ଼ି, ସିଗାରେଟ, ଖଇନି, ହୁକା ସମେତ ନାନାଦି ମାଧ୍ୟମରେ ଯେତିକି ତମାଖୁ ସେବନ କରେ ତା'ର ପରିଣାମ ସ୍ୱରୂପ ପ୍ରତିବର୍ଷ ଭାରତରେ ୮ ଲକ୍ଷ ଲୋକ କର୍କଟ, ଯକ୍ଷ୍ମା ସମେତ ନାନା ରୋଗରେ ମୃତ୍ୟୁବରଣ କରିଥା'ନ୍ତି। ପ୍ରାୟ ୧୨ ଲକ୍ଷ ଲୋକ ଭାରତରେ ପ୍ରତିବର୍ଷ ତମାଖୁ ଜନିତ ରୋଗରେ ପୀଡ଼ିତ ହୋଇଥା'ନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ, ବିଶ୍ୱରେ ପ୍ରତିବର୍ଷ ତମାଖୁ ନେଇଥାଏ ୪୯ ଲକ୍ଷ ଜୀବନ। ବର୍ତ୍ତମାନ ଲୋକସଂଖ୍ୟାରୁ ୨ କୋଟି ୫୦ ଲକ୍ଷ ତମାଖୁ ଯୋଗୁଁ ମରିବେ, ଯେଉଁମାନେ ଏବେ ତରୁଣ ବା ଯୁବକ ଏବଂ ମୁଖ୍ୟତଃ ବିକାଶଶୀଳ ଦେଶର ଅଧିବାସୀ। ବିଶ୍ୱ ଲୋକସଂଖ୍ୟାର ଛଅଭାଗରୁ ଭାଗେ ରହନ୍ତି ଭାରତରେ। ଆଗରୁ ତମାଖୁ ସେବନ ସମସ୍ୟା ବିକଶିତ ଦେଶମାନଙ୍କରେ ଅଧିକ ଥିଲା। ମାତ୍ର ଏବେ ଚୀନ୍ ଓ ଭାରତ ସମେତ ବିକାଶଶୀଳ ଦେଶମାନଙ୍କରେ ଏହା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହୋଇ ଠିଆ ହୋଇଛି। ଆକଳନ ଅନୁସାରେ, ୨୦୩୦ ମସିହା ବେଳକୁ ପ୍ରତିବର୍ଷ ପ୍ରାୟ ୧ କୋଟି ଲୋକ ତମାଖୁ-ରାକ୍ଷସ କବଳରେ ପଡ଼ି ମୃତ୍ୟୁବରଣ କରିବେ, ଯେଉଁଥିରୁ ୭୦ଲକ୍ଷ ମୁଖ୍ୟତଃ ଚୀନ୍ ଓ ଭାରତର ହୋଇଥିବେ। ୧୯୯୦ ମସିହା ବେଳେ ଭାରତରେ ଯେତେ ଲୋକ ମୃତ୍ୟୁବରଣ କରୁଥିଲେ, ସେଥିରୁ ତମାଖୁ ସେବନ ଜନିତ ମୃତ୍ୟୁସଂଖ୍ୟା ଥିଲା ଶତକଡ଼ା ୧.୪ ଭାଗ।

ତମାଖୁ ସେବନ ସମସ୍ୟା ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିପଦଜନକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଭାରତରେ ପ୍ରତିଦିନ ପ୍ରାୟ ୫୫୦୦ ଜଣ ତରୁଣ ଓ ଯୁବକ ତମାଖୁ ସେବନ ଆରମ୍ଭ କରୁଛନ୍ତି। ଭାରତରେ ପ୍ରତିବର୍ଷ କର୍କଟ ରୋଗାକ୍ରାନ୍ତ ଲୋକଙ୍କ ମଧ୍ୟରୁ ଶତକଡ଼ା ୩୦ ଭାଗ ଅର୍ଥାତ୍ ପ୍ରାୟ ୧୫ଲକ୍ଷ ଲୋକ ମୁଖ ଗହ୍ୱର, ଗଳା ଓ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ହୋଇଥା'ନ୍ତି। ପାନ ମସଲା, ଖଇନି ଆଦି କଞ୍ଚା ତମାଖୁ ଚୋବାଇବା ଫଳରେ ଏହି ରୋଗ ସୃଷ୍ଟି ହୋଇଥାଏ। ଭାରତୀୟ କ୍ୟାନ୍ସର ସୋସାଇଟି ଏବଂ ଭାରତୀୟ ଔଷଧୀୟ ଗବେଷଣା ପରିଷଦ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତରେ ମୁଖ୍ୟତଃ ଅନୁନ୍ନତ ଓ ବସ୍ତି ଅଞ୍ଚଳରେ ୭/୮ ବର୍ଷରୁ ଖଇନି, ପାନ ମସଲା ଆଦି ଖାଇବା ଆରମ୍ଭ ହୋଇଯାଏ। କାଳକ୍ରମେ ଏଇ ପିଲାମାନେ ତରୁଣ ଓ ଯୁବକ ହେଲାବେଳକୁ ଖଇନି ଓ ପାନ ମସଲା, ବିଡ଼ି, ସିଗାରେଟ ଆଦିର ଭକ୍ତ ହୋଇଯାଇଥା'ନ୍ତି।

ତମାଖୁ ସେବନ ପରି ଆସୁରିକ ନିଶା କବଳରେ ଭାରତର ଛାତ୍ର ଓ ତରୁଣମାନେ ପଡ଼ିବାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ରହିଛି ଅଜ୍ଞାନତା, ଭୋଗବାଦୀ ସଂସ୍କୃତିର ବିସ୍ତାର, ତମାଖୁ ବିଜ୍ଞାପନ, ଅନ୍ୟମାନଙ୍କୁ ଅନୁସରଣ, କୁସଙ୍ଗ ଅଥବା ନୈରାଶ୍ୟ। ୨୦୦୩ ମସିହାରେ ତମାଖୁ ଉତ୍ପାଦ ଆଇନ ଅନୁସାରେ ସର୍ବସାଧାରଣ ସ୍ଥାନମାନଙ୍କରେ ସିଗାରେଟ ଓ ତମାଖୁ ସେବନ ବାରଣ କରାଯାଇଛି। ନାବାଳକମାନଙ୍କୁ ତମାଖୁ ବିକ୍ରି ବାରଣ କରାଯାଇଛି। ଶିକ୍ଷାନୁଷ୍ଠାନମାନଙ୍କର ୧୦୦ ଗଜ ଦୂରତ୍ୱ ମଧ୍ୟରେ ସିଗାରେଟ ଓ ତମାଖୁର ବିକ୍ରୟ ମଧ୍ୟ ନିଷିଦ୍ଧ କରାଯାଇଛି। ଚଳଚ୍ଚିତ୍ର ଓ ଟିଭି ସିରିଏଲ ପରି ମାଧ୍ୟମରେ ସିଗାରେଟ ଓ ତମାଖୁ ସେବନ ଦୃଶ୍ୟ ରଖିବାକୁ ବାରଣ କରାଯାଇଛି। ଏହାସତ୍ତ୍ୱେ ରାସ୍ତାଘାଟ, ଦୋକାନ ବଜାର, କାର୍ଯ୍ୟାଳୟ, ପାର୍କ ସବୁଠାରେ ଏହି ଆଇନର ଖୋଲା ଉଲଙ୍ଘନ ଚାଲିଛି। ଖୋଲାଖୋଲି ସିଗାରେଟ ସେବନ କରାଯାଉଛି। ରାସ୍ତାଘାଟରେ ପାନମସଲା ଓ ଖଇନିର ପ୍ଲାଷ୍ଟିକ ଜରି କୁଢ଼ କୁଢ଼ ହୋଇ ବିରାଟ ପ୍ରଦୂଷଣ ସମସ୍ୟା ହୋଇଛି। ବାପା ମା' ସିଗାରେଟ ଟାଣୁଥିବା ଦେଖି ଅଥବା ମାନସିକ ଚାପ ଯୋଗୁଁ ପିଲାମାନେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି।

ମାନବ ସମାଜକୁ ଏଥିରୁ ମୁକ୍ତ କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ। ବିଭିନ୍ନ ଦେଶର ସରକାର, ସ୍ୱାସ୍ଥ୍ୟ ସଂଗଠନ ଓ ବେସରକାରୀ ସଂଗଠନଗୁଡ଼ିକ ତମାଖୁ ସେବନର କୁପରିଣାମ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଚିତ୍। କ୍ରିୟାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରା ନ ଗଲେ କେବଳ ଜନସଚେତନତା କାର୍ଯ୍ୟକ୍ରମରୁ ସୁଫଳ ମିଳିବ ନାହିଁ। ସରକାରୀସ୍ତରରେ ତମାଖୁ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ କରାଯିବା ଆବଶ୍ୟକ। ଖେଳ ପ୍ରତିଯୋଗିତାମାନଙ୍କରେ ତମାଖୁ କମ୍ପାନୀଗୁଡ଼ିକୁ ପ୍ରାୟୋଜକ କରାନଯିବା ଉଚିତ୍। ତମାଖୁ ସେବନରେ ଅଭ୍ୟସ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ତମାଖୁ ବର୍ଜନ ପାଇଁ ବୁଝାଇବାରେ ବିଶେଷ ସୁଫଳ ମିଳିନପାରେ। ମାତ୍ର ଛାତ୍ର ଓ ତରୁଣମାନଙ୍କୁ ତମାଖୁ ସେବନରୁ ହେଉଥିବା ଭୟାବହ କ୍ୟାନ୍ସର, ଯକ୍ଷ୍ମା, ମସ୍ତିଷ୍କ ପ୍ରଦାହ ଆଦି ରୋଗ ଓ ଏହାର ଭୟାନକ ଅବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଧାରଣା ଦିଆଯିବା ଆବଶ୍ୟକ। କେବଳ ସିଗାରେଟ ଖୋଳ ଉପରେ ଦୁଇଖଣ୍ଡ ହାଡ଼ ଓ ଖପୁରୀ ଥୋଇ ବିପଦ ଲେଖିଦେଲେ କିଛି ଲାଭନାହିଁ। କାରଣ ଉପରେ 'ବୈଧାନିକ ସତର୍କତା' ଲେଖାଯାଉଥିବାରୁ ଏହି ଚିତ୍ର ମୂଲ୍ୟହୀନ ହୋଇପଡଉଛି। ବରଂ ତମାଖୁ ସେବନରୁ ହେଉଥିବା ରୋଗର ବିବରଣୀ ଏବଂ କେତେ ଲୋକ ଏହାର ଶିକାର ହୋଇ ମରୁଛନ୍ତି ତା'ର ବିଶେଷ ସୂଚନା ସିଗାରେଟ ଖୋଳ ଉପରେ ଦେଲେ ଅଧିକ ଫଳପ୍ରଦ ହେବ। ତମାଖୁକୁ ମହଙ୍ଗା କରାଗଲେ ଏହାର ବ୍ୟବହାର ହ୍ରାସ ପାଇପାରେ। ତେଣୁ ସରକାର ତମାଖୁ ଉପରୁ ଅଧିକରୁ ଅଧିକ ଟିକସ୍ ଆଦାୟ କରିବା ଉଚିତ। ●

(ପୂର୍ବତନ ବିଧାୟକ, ଖୋର୍ଦ୍ଧା)
ମୋ : ୯୪୩୭୨୮୭୮୦୬

## ଲଳିତା ବିଦ୍ୟାପତି ବିବାହ

**ଲୋକକଥାରେ ଲୋକଦେବତା**

ସ୍ୱପ୍ନେଶ୍ୱର

ସ୍ୱୟଂ ବିଷ୍ଣୁ ନୀଳମାଧବ ନାମରେ କୌଣସି ଯାଗାରେ ଆରାଧିତ ହେଉଥିବା ସୂଚନା ପାଇ ମାଳବର ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ସନ୍ଧାନରେ ଚାରିଦିଗକୁ ଚାରି ଜଣ ଅମାତ୍ୟ ପ୍ରେରଣ କଲେ। ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣ ପୂର୍ବ ଦିଗକୁ ଯାଇ ନୀଳାଚଳ ପର୍ବତ ପାଖରେ ପହଞ୍ଚିଲେ। ସେଠାରେ ଅକସ୍ମାତ୍ ତାଙ୍କର ଶବରରାଜା ବିଶ୍ୱାବସୁଙ୍କ ସହ ସାକ୍ଷାତ ହେଲା। ସେ ବ୍ରାହ୍ମଣ ଅତିଥିଙ୍କୁ ଘରକୁ ନେଇ ଉପଯୁକ୍ତ ସତ୍କାର କଲେ। ଶବର ରାଜଙ୍କ ଝିଅ ଲଳିତା ସହିତ ସମୟକ୍ରମେ ବିଦ୍ୟାପତିଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଲା। ଶବରପଲ୍ଲୀରେ ସମସ୍ତେ ଏ କଥା ଜାଣିବା ପରେ ଲଳିତାକୁ ପତ୍ନୀ ରୂପେ ଗ୍ରହଣ କରିବା ପାଇଁ ବିଦ୍ୟାପତିଙ୍କୁ ବିଶ୍ୱାବସୁ ନିର୍ଦ୍ଦେଶ ଦେଲେ। ବିଦ୍ୟାପତି ଚିନ୍ତା କଲେ ଶବର ରାଜାଙ୍କ କଥାରେ ଅରାଜି ହେଲେ ସେ ନୀଳମାଧବଙ୍କୁ ଠାବ କରିବାରେ ଅସମର୍ଥ ହେବେ ଏବଂ ରାଜାଙ୍କର ଇଚ୍ଛା ପୂରଣ ହୋଇପାରିବ ନାହିଁ। ତେଣୁ ସେ ଲଳିତାଙ୍କୁ ବିବାହ କରି ବିଶ୍ୱାବସୁଙ୍କ ଘରେ ରହିଲେ।

ବିଦ୍ୟାପତି ଲକ୍ଷ୍ୟ କଲେ ଯେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଶ୍ୱାବସୁ ବେଶ୍ କିଛି ସମୟପାଇଁ କୁଆଡ଼େ ଚାଲି ଯାଉଥିଲେ ଏବଂ ଫେରିବା ବେଳେ ଫଳମୂଳର କିଛି ପ୍ରସାଦ ଓ ଛଡ଼ା ଫୁଲ ନେଇ ଆସୁଥିଲେ। ସେଥିରେ ମର୍ତ୍ତ୍ୟମଣ୍ଡଳରେ ଅଲଭ୍ୟ କେତେକ ଫଳ ଓ ଫୁଲ ରହୁଥିଲା ଏବଂ ସେ ସବୁର ସୁଗନ୍ଧରେ ସାରା ଅଞ୍ଚଳ ମହକି ଉଠୁଥିଲା। ସେ ବିଷୟରେ ଜାଣିବା ପାଇଁ ସେ ପତ୍ନୀ ଲଳିତାଙ୍କୁ ପଚାରିଲେ। ନୀଳମାଧବଙ୍କ କଥା କାହା ଆଗରେ ପ୍ରକାଶ କରିବା ପାଇଁ ବାରଣ ଥିଲେ ମଧ୍ୟ ଲଳିତା ସ୍ୱାମୀଙ୍କ ଅନୁରୋଧ ଏଡ଼ାଇ ନ ପାରି କହିଲେ, 'ବାପା ସବୁଦିନ ନୀଳକନ୍ଦର ଗୁହାରେ ବିରାଜମାନ କରିଥିବା ପ୍ରଭୁ ନୀଳମାଧବଙ୍କୁ ଆରାଧନା କରିବା ପାଇଁ ଯାଆନ୍ତି। ସ୍ୱର୍ଗରୁ ଦେବତାମାନେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ସେଠାକୁ ନିୟମିତ ଆସନ୍ତି। ମର୍ତ୍ତ୍ୟମଣ୍ଡଳରେ ଦୁର୍ଲଭ ଫଳ ଓ ଫୁଲ ମହାପ୍ରଭୁଙ୍କୁ ଅର୍ପଣ କରନ୍ତି। ସେହି ପ୍ରସାଦରୁ କିଛି ବାପା ଘରକୁ ନେଇ ଆସନ୍ତି।'

ଏହା ଶୁଣି ବିଦ୍ୟାପତିଙ୍କର ଆନନ୍ଦର ସୀମା ରହିଲା ନାହିଁ। ବିବାହିତ ବ୍ରାହ୍ମଣ ହୋଇ ମଧ୍ୟ ଜଣେ ଶବର କନ୍ୟା ସହ ତାଙ୍କର ଦ୍ୱିତୀୟ ବିବାହ ବ୍ୟର୍ଥ ଯାଇ ନ ଥିବା ଜାଣି ଖୁସି ହେଲେ। ସମୟ ଓ ସୁଯୋଗ ଦେଖି ସେ ନୀଳମାଧବଙ୍କୁ ଦର୍ଶନ କରିବାର ଇଚ୍ଛା ସ୍ତ୍ରୀ ଆଗରେ ପ୍ରକାଶ କରି ଜିଦ୍ ଧରି ବସିଲେ। କିନ୍ତୁ ତାହା ସମ୍ଭବ ନଥିବାରୁ ବିଚାରୀ ଲଳିତା ପ୍ରମାଦ ଗଣିଲେ। ବିଦ୍ୟାପତି ଭଲରେ ଖିଆପିଆ କଲେ ନାହିଁ। ତାଙ୍କ ଶରୀର ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା। ଏହା ଦେଖି ଲଳିତା ମଧ୍ୟ ଭଲରେ ଖାଇବା ପିଇବା କଲେ ନାହିଁ ଏବଂ ଅନେକ ସମୟରେ ମନ ମାରି ବସିରହିଲେ। ଝିଅ ଜୋଇଁଙ୍କର ଏ ଅବସ୍ଥା ଦେଖି ଦିନେ ବିଶ୍ୱାବସୁ ଝିଅକୁ ଏହାର କାରଣ ପଚାରିଲେ। ଲଳିତା ସବୁକଥା କହିଦେଲେ।

ସେତେବେଳକୁ ଲଳିତା ଅନ୍ତଃସତ୍ତ୍ୱା ଥିଲେ। ସେ ଅବସ୍ଥାରେ ଝିଅକୁ ଅଧିକ ଯନ୍ତ୍ରଣା ଦେବା ପାଇଁ ଶବରରାଜା ଚାହୁଁ ନ ଥିଲେ। ତେଣୁ ସେ କହିଲେ, 'ଗୋଟିଏ ସର୍ତ୍ତରେ ମୁଁ ତୋ କଥାରେ ରାଜି। ବିଦ୍ୟାପତି ମୋ ସାଙ୍ଗରେ ଦର୍ଶନକୁ ଯିବା ଓ ଆସିବା ସମୟରେ ଆଖିରେ ପଟି ବାନ୍ଧିବେ।' ଏ ନିଷ୍ପତ୍ତି ଶୁଣି ଲଳିତା ଓ ବିଦ୍ୟାପତି ଖୁସି ହେଲେ ମଧ୍ୟ ଚିନ୍ତା କଲେ ଯେ ଯଦି ଠାକୁରଙ୍କ ବିଜେସ୍ଥଳୀ ପର୍ଯ୍ୟନ୍ତ ରାସ୍ତା ନ ଦେଖିବେ, ରାଜାଙ୍କୁ ଠାକୁର ଦର୍ଶନ କରାଇବେ କିପରି? କିନ୍ତୁ ଲଳିତା ଏହାର ସମାଧାନର ବାଟ ଦେଖେଇ ଦେଲେ - 'ଆପଣ ଦିଅଁ ଦର୍ଶନ କରି ଗଲା ବେଳେ ବାପାଙ୍କ ଅଜାଣତରେ ଅଣ୍ଟିରେ ଅଣ୍ଟିଏ ରାଶି ନେଇ ଯିବେ। ଅଣ୍ଟିରେ ଗୋଟିଏ ଛୋଟ କଣା କରା ଯାଇଥିବ। ସେ କଣା ବାଟେ ରାସ୍ତାସାରା ରାଶି ପଡ଼ିପଡ଼ି ଯିବ। କିଛି ଦିନପରେ ରାଶି ଗଜା ହୋଇ ଗଛ ଉଠିବ। ରାଶି ଗଛ ଦେଖିଦେଖି ଠାକୁରଙ୍କ ପର୍ଯ୍ୟନ୍ତ ବାଟ ଠଉରେଇ ହେବ।'

ଯୋଜନା ମୁତାବକ ଦିଅଁ ଦର୍ଶନ ହେଲା। ତା' ପରେ ବିଦ୍ୟାପତି ଲଳିତା ଓ ବିଶ୍ୱାବସୁଙ୍କ ସହ ଆଲୋଚନା କରି ଅବନ୍ତୀ ଫେରିଗଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ସନ୍ଧାନ ଦେଲେ। ରାଜା ନୀଳାଚଳକୁ ଆସି ମନ୍ଦିର ଓ ଠାକୁରମାନଙ୍କର ବିଗ୍ରହ ନିର୍ମାଣ କରି ପ୍ରତିଷ୍ଠା ଏବଂ ସେବାପୂଜାର ସମସ୍ତ ବନ୍ଦୋବସ୍ତ କଲେ। ବିଦ୍ୟାପତି ଓ ଲଳିତାଙ୍କ ଔରସରୁ ଜନ୍ମିତ ସନ୍ତାନମାନେ ଶ୍ରୀମନ୍ଦିରରେ ଶୁଦ୍ଧସୁଆର ସେବକ ରୂପେ ରୋଷ ଘରେ ପ୍ରସାଦ ପ୍ରସ୍ତୁତି ଦାୟିତ୍ୱରେ ରହିଲେ। ବିଦ୍ୟାପତିଙ୍କ ପ୍ରଥମ ପତ୍ନୀଙ୍କ ଗର୍ଭରୁ ଜନ୍ମିତ ସନ୍ତାନମାନେ ମନ୍ଦିରର ବ୍ରାହ୍ମଣ ସେବକ ହେଲେ। ବିଶ୍ୱାବସୁ ଶବରଙ୍କ ବଂଶଧରମାନେ ମହାପ୍ରଭୁଙ୍କର ଶ୍ରୀଅଙ୍ଗ ସେବକ ହେଲେ ଏବଂ ସେମାନଙ୍କୁ 'ଦଇତା ସେବକ' କୁହାଗଲା। ● (ଆଧାର: ଦେଉଳ ତୋଳା- କୃଷ୍ଣ ଦାସ। ଏ ପ୍ରସଙ୍ଗ ସ୍କନ୍ଦ ପୁରାଣରେ ନାହିଁ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଇଡି ନାମଲେଖା ପାଇଁ ମେଧା ତାଲିକା

ଭୁବନେଶ୍ୱର, ୧୧।୮ (ସମିସ): ଦୁଇ ବର୍ଷିଆ ବିଇଡି, ଏମ୍‌ଇଡି ଓ ବିଏଚ୍‌ଇଡି ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଉପଲବ୍ଧ ଥିବା ସମସ୍ତ ୨୮୨୫ ଟି ସିଟ୍‌ରେ ନାମଲେଖା ପାଇଁ ୨୮୨୫ ଜଣ ଏହି ରାଉଣ୍ଡରେ ଚୟନ ହୋଇଛନ୍ତି। ଅର୍ଥାତ୍ ସମସ୍ତ ସିଟ୍‌ରେ ନାମଲେଖା ପାଇଁ ପିଲାଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ୧୩୨୯ ଜଣ ଛାତ୍ର ଏବଂ ୧୪୯୬ ଜଣ ଛାତ୍ରୀ ରହିଛନ୍ତି। ମେଧାବୀ ପିଲାମାନେ ଫ୍ରିଜ୍ ବିକଳ୍ପ ଚୟନ କରିବା ପରେ ନାମଲେଖା ଫି' ଅନଲାଇନ ମାଧ୍ୟମରେ ପୈଠ କରିବେ ଓ ଆସନ୍ତା ୧୪ ତାରିଖ ସୁଦ୍ଧା ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖା ପ୍ରକ୍ରିୟା ସାରିବେ। ସେହିପରି ସ୍ଲାଇଡ୍ ବିକଳ୍ପ ବାଛୁଥିବା ପିଲାମାନେ କେବଳ ଅନଲାଇନରେ ନାମଲେଖା ଫି' ପୈଠ କରିବେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇରାନ ଭୟରେ...

ଏପରି ସାଧାରଣତଃ ଯୁଦ୍ଧ କ୍ଷେତ୍ରରେ କରାଯାଇଥାଏ। ସି-୩୨ଏ ବିମାନଟି ଟ୍ରମ୍ପଙ୍କୁ ନେଇ ବ୍ରିଟେନର ଆର୍‌ଏଏଫ୍ ମିଲଡେନହଲ ଏୟାରବେସରେ ପହଞ୍ଚିବାର କିଛି ସମୟ ପରେ ସାମ୍ବାଦିକମାନଙ୍କୁ ଧରି ଏୟାରଫୋର୍ସ ୱାନ ସେଠାରେ ପହଞ୍ଚିଥିଲା। ଏହାପରେ ଏହି ବିମାନରେ ଟ୍ରମ୍ପ ସ୍ୱଦେଶ ଫେରିଥିଲେ। ଟ୍ରମ୍ପଙ୍କ ସୁରକ୍ଷା ପାଇଁ ଆମେରିକା ପ୍ରଶାସନ ପକ୍ଷରୁ ସରକାରୀ ବିମାନ ଏୟାରଫୋର୍ସ ୱାନକୁ କେବଳ ଲୋକଙ୍କୁ ଭ୍ରମିତ କରିବା ପାଇଁ ବ୍ୟବହାର କରାଯାଇଥିଲା ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ପାକିସ୍ତାନ ଗସ୍ତ ସମୟରେ ମଧ୍ୟ ଏହିପରି କୌଶଳ ପ୍ରୟୋଗ ହୋଇଥିଲା।

## ସୁପ୍ରିମ୍‌କୋର୍ଟରେ 'ଡିଜି'...

ଜଣ ବରିଷ୍ଠ ଆଇପିଏସ୍‌ଙ୍କ ନାମ ପଠାଯାଇଥିଲା। ସେଥିରେ ୩ ଜଣ ଡ଼ିଜି ପାହ୍ୟା ଓ ୮ ଜଣ ଏଡ଼ିଜି ପାହ୍ୟାର ଅଧିକାରୀ ଥିଲେ। ମାତ୍ର ଏମାନଙ୍କ ମଧ୍ୟରୁ ୩ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ କୁମାର ନାଥ ଓ ଆର୍.ପି. କୋଚେଙ୍କ ନାମ ଚର୍ଚ୍ଚାରେ ରହିଥିଲା।

ଗତ ୭ ତାରିଖରେ ୟୁପିଏସ୍ ଅଧ୍ୟକ୍ଷ ଅଜୟ କୁମାରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଚୟନ କମିଟି ବୈଠକ ଅଧାରୁ ବାତିଲ ହୋଇଥିଲା। କମିଟିର ସଦସ୍ୟ ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଡିଜିପି ୱାଇ.ବି ଖୁରାନିଆ ଉପସ୍ଥିତ ଥିଲେ। ବରିଷ୍ଠତା ଭିତ୍ତିରେ ୧୯୯୦ ବ୍ୟାଚ୍ ର ସୁଧାଂଶୁ ଷଡଙ୍ଗୀ, ୧୯୯୩ ବ୍ୟାଚ୍‌ର ସୁଶାନ୍ତ ନାଥ ଓ ଆର ପି କୋଚେଙ୍କ ନାଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବା ପାଇଁ ପ୍ରାୟ ଚୂଡ଼ାନ୍ତ ହୋଇଥିଲା। ମାତ୍ର ବୈଠକ ଚାଲିଥିବା ସମୟରେ ଆକସ୍ମିକ ଭାବରେ ୧୯୯୩ ବ୍ୟାଚ୍ ଆଇପିଏସ୍ ସୁଶାନ୍ତ ନାଥଙ୍କୁ ସମ୍ଭାବ୍ୟ ସୂଚୀରୁ ବାଦ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ ଓ ଡ଼ିଜିଙ୍କୁ ଖବର ଦିଆଯାଇଥିଲା। ଓପିଆରବି ପରିଚାଳିତ ପୁଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷା ପ୍ରସଙ୍ଗରେ ସୁଶାନ୍ତ ନାଥଙ୍କ ନାମରେ ମାମଲା ତଦନ୍ତାଧୀନ ଥିବା ଏବଂ ସରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ଯୋଗୁଁ ତାଙ୍କୁ ଏହି ସୂଚୀରେ ସ୍ଥାନ ନ ଦେବା ପାଇଁ ମୁଖ୍ୟ ସଚିବ ଓ ଡ଼ିଜି ୟୁପିଏସ୍‌ସିକୁ ଅବଗତ କରିଥିଲେ। ମାତ୍ର ୟୁପିଏସସି ଅଧ୍ୟକ୍ଷ ଏହାର ବୈଧ ଦସ୍ତାବିଜ୍ ମାଗିବାରୁ ରାଜ୍ୟ ସରକାର ସମୟ ନେଇଥିଲେ ଓ କୌଣସି ନାମ ସୁପାରିସ ବିନା ବୈଠକ ଶେଷ ହୋଇଥିଲା। ଏହାର ଦୁଇଦିନ ପରେ ଅର୍ଥାତ ଗତକାଲି ସଞ୍ଜୀବ ପଣ୍ଡା ଓ ୱା.କେ. ଜେଠୱାଙ୍କୁ ଡ଼ିଜି ପଦକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଫଳରେ ପରବର୍ତ୍ତୀ ଡିଜି ପଦକୁ ନେଇ ନୂଆ ସମୀକରଣ ସୃଷ୍ଟି ହୋଇଛି। ନିଜ ପସନ୍ଦର ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଡ଼ିଜି ପଦ ଦେବା ଲାଗି ସରକାର ଏପରି କାର୍ଯ୍ୟ କରିଥିବା ଅଭିଯୋଗକାରୀ ଆବେଦନରେ ଉଲ୍ଲେଖ କରିଛନ୍ତି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଏହି ପିଆଇଏଲ୍ ପଛରେ ରାଜ୍ୟର ଜଣେ ଡ଼ିଜି ଆଶାୟୀ ବରିଷ୍ଠ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଚିଦାମ୍ବରମ୍ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଓ ସୁପ୍ରିମକୋର୍ଟରେ ମାମଲା ଲଢ଼ିବା ପାଇଁ ସେ ଗୋଟିଏ ଉପସ୍ଥିତି (ଆପିଅରାନ୍ସ) ର ଫି ବାବଦରେ ଅନ୍ୟୂନ ୫୦ ଲକ୍ଷ ଟଙ୍କା ନେଇଥାଆନ୍ତି। ତେଣୁ ଏତେ ଟଙ୍କା କିଏ ଭରଣା କରିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

## ସଂସଦ ପରିସର...

ଧରି ଏକ ମାନବ ଶୃଙ୍ଖଳା ତିଆରି କରି ଦୁଇ ଗୋଷ୍ଠୀଙ୍କୁ ପୃଥକ ରଖିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଗତ ଜୁଲାଇ ୨୦ରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଉତ୍ତର ଦାବି କରିଥିଲେ। ଏହା ସହିତ ଅଯୋଧ୍ୟା ରାମ ମନ୍ଦିର ପାଣ୍ଠିରେ ଦୁର୍ନୀତି ଉପରେ ମଧ୍ୟ ସେମାନେ ଆଲୋଚନା ପାଇଁ ଦାବି କରୁଥିଲେ। ଅନ୍ୟପଟେ, ବିଜେପି ସାଂସଦମାନେ ଝାଡ଼ଖଣ୍ଡରେ ଚାକିରି ଆଶାୟୀ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜକୁ ନେଇ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ଝାଡ଼ଖଣ୍ଡରେ ଛାତ୍ରଙ୍କ ଉପରେ ଲାଠିଚାର୍ଜ ପାଇଁ ରାହୁଲ ଗାନ୍ଧୀ ଜବାବ ଦିଅନ୍ତୁ ବୋଲି ସେମାନେ ବ୍ୟାନର ଧରି ସ୍ଲୋଗାନ ଦେଉଥିଲେ।

ବିଜେପି ସାଂସଦ ଅନୁରାଗ ଠାକୁର ଅଭିଯୋଗ କରିଛନ୍ତି ଯେ, ରାହୁଲ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଥିବା ବେଳେ ଝାଡ଼ଖଣ୍ଡରେ ନିଜ ସରକାରର ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ନିରବ ରହି ଦୋମୁହାଁ ନୀତି ପ୍ରଦର୍ଶନ କରୁଛନ୍ତି। ପ୍ରତିବାଦ ସମୟରେ ପ୍ରିୟଙ୍କା ଭଦ୍ରା ଯାଉଥିବା ସମୟରେ ବିଜେପି ସାଂସଦ ମୁକେଶ ଦଲାଲ 'ସରମ୍ କରୋ ରାହୁଲ ଗାନ୍ଧୀ' ବୋଲି କହିଥିଲେ। ଉତ୍ତରରେ ପ୍ରିୟଙ୍କା କହିଥିଲେ ଯେ ରାହୁଲ ଗାନ୍ଧୀ ପୂର୍ବରୁ ହିଁ ଝାଡ଼ଖଣ୍ଡର ଛାତ୍ରଛାତ୍ରୀଙ୍କୁ ଭେଟି ସାରିଛନ୍ତି। ପରେ ପ୍ରିୟଙ୍କା ଗଣମାଧ୍ୟମକୁ କହିଥିଲେ, ବିରୋଧୀଙ୍କ ଚାପ ଯୋଗୁଁ ପ୍ରଥମ ଥର ପାଇଁ ଶାସକ ଦଳର ସାଂସଦମାନେ ନିଜେ ପ୍ରତିବାଦ କରିବାକୁ ବାଧ୍ୟ ହୋଇଛନ୍ତି।

ସଂସଦ ବାହାରେ ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ଥିବା ବେଳେ ଭିତରେ ମଧ୍ୟ ଅଚଳାବସ୍ଥା ଜାରି ରହିଥିଲା। ବାଚସ୍ପତି ଓମ ବିର୍ଲା ବିରୋଧୀଙ୍କୁ ଗୃହ କାର୍ଯ୍ୟ ଚଳାଇବାକୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ଲୋକସଭା ବାରମ୍ବାର ମୁଲତବୀ ହୋଇଥିଲା। ସରକାରଙ୍କ ପକ୍ଷରୁ କିରଣ ରିଜିଜୁ କହିଥିଲେ ଯେ ଯଦି ଗୃହ ସ୍ୱାଭାବିକ ଭାବେ ଚାଲେ, ତେବେ ଗୃହମନ୍ତ୍ରୀ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ଅଛନ୍ତି। ତେବେ ରାହୁଲ ଗାନ୍ଧୀ କହିଛନ୍ତି ଯେ ଛାତ୍ରଛାତ୍ରଙ୍କ ଉପରେ କିଏ ଓ କାହିଁକି ପେଲେଟ୍ ଗନ୍ ମାଡ଼ ପାଇଁ ନିର୍ଦ୍ଦେଶ ଦେଇଥିଲା, ତାହାର ନିର୍ଦ୍ଦିଷ୍ଟ ଜବାବ ଦରକାର।

ତେବେ ଅଚଳାବସ୍ଥା ମଧ୍ୟରେ ରାଜ୍ୟସଭାରେ ଟ୍ରିବ୍ୟୁନାଲ ସଂସ୍କାର ବିଲ୍ ପାସ୍ ହୋଇଥିବା ବେଳେ ଲୋକସଭାରେ କେରଳର ନାମ କେରଳମ କରିବାକୁ ବିଲ୍ ପାସ୍ ହୋଇଥିଲା। ଅନ୍ୟପକ୍ଷରେ ପ୍ରସ୍ତାବିତ ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ଆଇନ ସଂକ୍ରାନ୍ତ ବିଲକୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏହି ବିଲକୁ ସରକାର ଜେପିସିକୁ ପଠାଇବାକୁ ଚାହୁଁଥିବା ବେଳେ ବିରୋଧୀ ଦଳ ଏହାକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି।

## ୧୫ ପର୍ଯ୍ୟନ୍ତ...

ବରଗଡ଼, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ ଓ ଝାରସୁଗୁଡା ଆଦି ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅବଶିଷ୍ଟ ୧୩ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ କେନ୍ଦ୍ର କହିଛି। ଏହା ସହ ୧୫ ତାରିଖ ଯାଏଁ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମ ମହାନ୍ତି କହିଛନ୍ତି। ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ୩୫-୪୫ କିମି ବେଗରେ ପବନ ବହିବା ସହ ଏହା ସର୍ବାଧିକ ୫୫ କିମି ପର୍ଯ୍ୟନ୍ତ ପହଞ୍ଚିପାରେ। ପବନର ବେଗ ଅଧିକ ହେତୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ...

ଜଗବନ୍ଧୁ ପ୍ରଧାନ(୪୬) ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ସମସ୍ୟାର ସମ୍ମୁଖୀନ କରୁଛନ୍ତି। ସେ ଏହି ସମସ୍ୟା ନେଇ ବାରମ୍ବାର ଜଣେ ଆରଆଇ ନିକଟକୁ ଯାଇ ନିଜ ଅଭିଯୋଗ ଜଣାଇଥିବା ବେଳେ ଅଧିକାରୀ ଜଣଙ୍କ ତାଙ୍କୁ ହଇରାଣ କରୁଥିବା ନେଇ ସେ ଅଭିଯୋଗ କରି ଆସୁଥିଲେ। ଏନେଇ ଜଗବନ୍ଧୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ତାଙ୍କ ଅଭିଯୋଗର ସମାଧାନ ହୋଇନଥିବାରୁ ସେ ମଙ୍ଗଳବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପୁଣି ଥରେ ତାଙ୍କ ଅଭିଯୋଗ ଜଣାଇଥିଲେ। ସେଠାରୁ କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଦିନତମାମ ସେ କାର୍ଯ୍ୟାଳୟ ପରିସରରେ ରହିବା ପରେ ସନ୍ଧ୍ୟା ସମୟରେ ନିଜ ବ୍ୟାଗରୁ କୀଟନାଶକ ଔଷଧ ବାହାର କରି ପିଇଥିବା ଜଣାପଡ଼ିଛି। ଏହା ଦେଖି କାର୍ଯ୍ୟାଳୟରେ ଥିବା କିଛି କର୍ମଚାରୀ ଓ ଅନ୍ୟ ବ୍ୟକ୍ତି ତାଙ୍କୁ ତୁରନ୍ତ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଜମିଜମା ଓ କ୍ଷତିପୂରଣ ନେଇ ତାଙ୍କ ଅଭିଯୋଗ କ'ଣ ଥିଲା। ପୂର୍ବରୁ ସେ କେଉଁ କେଉଁ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ, ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ।

## ବଜ୍ରପାତରେ ୪ ମହିଳା...

ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଜିଲ୍ଲାର ବଣାଇଁ ଥାନା ଅଧୀନ ଇନ୍ଦ୍ରପୁର ଗ୍ରାମରେ ଚାଷଜମିରେ ଧାନ ରୁଆ ଚାଲିଥିବାବେଳେ ହଠାତ୍ ବଜ୍ରପାତ ଘଟି ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଇନ୍ଦ୍ରପୁର ଗ୍ରାମର ଏକ ଚାଷଜମିରେ ୧୧ ଜଣ ମହିଳା ଧାନ ରୁଆ କାମ କରୁଥିଲେ। ଅପରାହ୍ନରେ ହଠାତ୍ ଆକାଶରେ ଘଡ଼ଘଡ଼ି ସହ ବିଜୁଳି ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସୁନିତା ଓରାମ (୩୩) ଓ ଦ୍ରୌପଦୀ କିଷାନ (୩୫) ଗୁରୁତର ହୋଇ ଚାଷଜମିରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଟିକାୟତପାଲି ଥାନା ଅଧୀନ ଝିରଡାପାଲି ଗ୍ରାମର ସଞ୍ଜୁକ୍ତା ଚାରଦିଆ (୪୦) ମଧ୍ୟ ଚାଷଜମିରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଯୁବକଙ୍କ ମୃତ୍ୟୁ...

ବଜ୍ରପାତରେ ସୁପାଇ ହାଁସଦା (୨୪) ଓ ବିଜୁ ଟୁଡୁ (୨୫) ଆହତ ହୋଇଛନ୍ତି। ଉଭୟଙ୍କୁ କିଷାନତାଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ପୁଲିସ ଶିବଶଙ୍କରଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶିବଶଙ୍କରଙ୍କ ଅକାଳ ମୃତ୍ୟୁରେ ପରିବାରବର୍ଗଙ୍କ ସମେତ କାପୋଇ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦେଶରେ ଓଡ଼ିଶା...

ଥିଲା। ଆନ୍ଧ୍ର ପ୍ରଦେଶକୁ ୨୩୧୩୪ କୋଟି, ଛତିଶଗଡ଼କୁ ୨୮୧୦୩ କୋଟି, ହରିୟାଣାକୁ ୧୩୩୯୫ କୋଟି, ପଞ୍ଜାବକୁ ୧୪୭୩୨ କୋଟି, ତେଲେଙ୍ଗାନାକୁ ୩୪୫୩୩ କୋଟି ପରି ବୃହତ୍ ସହାୟତା ମିଳିଥିଲା। ଅନ୍ୟ କେତେକ ରାଜ୍ୟଙ୍କୁ ମଧ୍ୟ ହଜାର ହଜାର କୋଟି ଟଙ୍କାର ସହାୟତା ମିଳିଥିବା ବେଳେ ଓଡ଼ିଶାକୁ ମାତ୍ର ୭ କୋଟିର ସହାୟତା ମିଳିଛି।

ସମବାୟ ବିଶେଷଜ୍ଞମାନଙ୍କ ଯୁକ୍ତି ଅନୁଯାୟୀ ରାଜ୍ୟର ସମବାୟ ସମିତିଗୁଡ଼ିକ ଯେତେ ଅଧିକ ପ୍ରକଳ୍ପ ପ୍ରସ୍ତାବ ପଠାଇବେ, ସେହି ଅନୁସାରେ ଋଣ ଓ ଅନୁଦାନ ମିଳିଥାଏ। ଓଡ଼ିଶାରୁ ବଡ଼ ଧରଣର ବ୍ୟବସାୟିକ କିମ୍ବା ଶିଳ୍ପଭିତ୍ତିକ ସମବାୟ ପ୍ରସ୍ତାବ କମ୍ ଯାଉଥିବାରୁ ଅନୁଦାନର ପରିମାଣ କମ୍ ରହୁଛି। ମହାରାଷ୍ଟ୍ର, ଗୁଜରାଟ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଶତାଧିକ ସମବାୟ ଚିନି କଳ, ବଡ଼ ସମବାୟ ସୂତା କଳ ଏବଂ ବିଶାଳ ଦୁଗ୍ଧ ସମବାୟ ସଂଘ ରହିଛି। ଏହି ବଡ଼ ଶିଳ୍ପଗୁଡ଼ିକର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ହଜାର ହଜାର କୋଟି ଟଙ୍କାର ପାଣ୍ଠି ଆବଶ୍ୟକ ହୁଏ, ଯାହା ଏନ୍‌ସିଡିସି ଯୋଗାଇଥାଏ। ଓଡ଼ିଶାରେ ଏଭଳି ବୃହତ୍ ସମବାୟ ଶିଳ୍ପର ସଂଖ୍ୟା ଖୁବ୍ କମ୍, ତେଣୁ ସେହି ସ୍ତରର ବଡ଼ ପାଣ୍ଠି ଓଡ଼ିଶାକୁ ଆସିପାରୁ ନାହିଁ। ରାଜ୍ୟଗୁଡ଼ିକର ସମବାୟ ବ୍ୟାଙ୍କ, ପାକ୍ସ ଗୁଡ଼ିକର ଆର୍ଥିକ ସ୍ଥିତି ସୁଦୃଢ଼ ଥିଲେ ସେମାନେ ଏନସିଡିସିରୁ ମୋଟା ଅଙ୍କର ଋଣ ଉଠାଇଥାନ୍ତି। ଏନ୍‌ସିଡିସିରୁ ଋଣ ପାଇବାକୁ ହେଲେ ସମବାୟ ସମିତିଗୁଡ଼ିକର ଆର୍ଥିକ ସ୍ଥିତି ସ୍ୱଚ୍ଛ ଏବଂ ସେଗୁଡ଼ିକ ଲାଭଜନକ ହେବା ଆବଶ୍ୟକ। ଓଡ଼ିଶାର ଅନେକ ସମବାୟ ସମିତିର ଅଡିଟ୍ ପ୍ରକ୍ରିୟା ବିଳମ୍ବରେ ହେବା ଏବଂ କେତେକ ସମିତି ଆର୍ଥିକ ଦେବାଳିଆ ସ୍ଥିତିରେ ଥିବାରୁ, ସେମାନେ ଏନ୍‌ସିଡିସିର କଠୋର ଆର୍ଥିକ ଯୋଗ୍ୟତା ମାପଦଣ୍ଡ ପୂରଣ କରିପାରନ୍ତି ନାହିଁ। ତେଣୁ ଓଡ଼ିଶାକୁ ଅପେକ୍ଷାକୃତ ନଗଣ୍ୟ ଋଣ ମିଳୁଥିବା ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଡବଲ ଇଞ୍ଜିନ ସରକାର ରାଜ୍ୟରେ ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନେଇ ଅନେକ ଦାବି ତଥା ପ୍ରତିଶ୍ରୁତି ରଖୁଛନ୍ତି। ମାତ୍ର କାର୍ଯ୍ୟକ୍ଷେତ୍ରରେ ଏହା ପ୍ରତିଫଳିତ ହୋଇପାରୁ ନାହିଁ। ଏ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଗତ ଆର୍ଥିକ ବର୍ଷରେ ଏନସିଡିସି ମାର୍କେଟିଂ ତଥା ଫିସେରୀ କ୍ଷେତ୍ରରେ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରିନାହିଁ। ତେଣୁ ରାଜ୍ୟର ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ହେଲେ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାର ଏନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଯାହାଫଳରେ ଏହା ଗ୍ରାମାଞ୍ଚଳରେ କୃଷକ, ମହିଳା ତଥା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭର ଭାବେ ଗଢ଼ିତୋଳିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ପୋଲାଭରମ କ୍ଷତିଗ୍ରସ୍ତଙ୍କ...

କାମ ୯୬.୮୭ ପ୍ରତିଶତ ଶେଷ ହୋଇଛି। କଂକ୍ରିଟ୍ କାମ ୯୮.୮୪ ପ୍ରତିଶତ ଓ ଷ୍ଟିଲ୍ କାମ ୯୨.୯୫ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ସରକାରୀ ତଥ୍ୟ ଅନୁସାରେ ପୋଲାଭରମ ଯୋଗୁଁ ମୋଟ ୯୬,୬୬୦ଟି ପ୍ରକଳ୍ପ ବିସ୍ଥାପିତ ପରିବାର ପ୍ରଭାବିତ ହେବେ। ପ୍ରଥମ ପର୍ଯ୍ୟାୟର +୪୧.୧୫ ମିଟର ଜଳସ୍ତର ପର୍ଯ୍ୟନ୍ତ ପ୍ରଭାବିତ ପରିବାରଙ୍କ ମଧ୍ୟରୁ ୧୭,୮୯୨ ପରିବାରଙ୍କୁ ଏପର୍ଯ୍ୟନ୍ତ ଭୌତିକ ଭାବେ ସ୍ଥାନାନ୍ତର କରାଯାଇଛି। ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ଏପର୍ଯ୍ୟନ୍ତ ୧,୩୭୩.୦୧ କୋଟି ଟଙ୍କା ନଗଦ ସହାୟତା ଓ ବିଭିନ୍ନ ଅଧିକାର-ସୁବିଧା ବାବଦରେ ପ୍ରଦାନ ହୋଇଥିବାବେଳେ ଏ ସଂକ୍ରାନ୍ତ କାମରେ ୧,୫୮୧.୦୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ମାର୍ଚ୍ଚ ୨୦୨୬ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଆବଶ୍ୟକ ହେଲେ ଆଉ ଗୋଟିଏ ବର୍ଷ ସମୟ ବଢ଼ାଇବାର ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମାତ୍ର ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରକଳ୍ପ ପ୍ରଭାବିତଙ୍କ ମଧ୍ୟରେ କେବଳ ଆନ୍ଧ୍ର ପ୍ରଦେଶର କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ ସୂଚନା ଦେଇଥିବାବେଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। ଓଡ଼ିଶାର ହଜାର ହଜାର ଆଦିବାସୀ ଏହି ପ୍ରକଳ୍ପ ଯୋଗୁଁ ଭିଟାମାଟି ହରାଇବାର ଆଶଙ୍କା ରହିଛି। ଶହଶହ ଏକର ଚାଷ ଜମି ଓ ଜଙ୍ଗଲ ଜମି ଜଳମଗ୍ନ ହେବ। ମାତ୍ର ସମ୍ପୃକ୍ତ ପରିବାରର ସୁରକ୍ଷା, ପୁନର୍ବାସ ଓ ଜୀବିକାର ଗ୍ୟାରେଣ୍ଟି କିଏ ଦେବ ? ଏହି ଆଦିବାସୀମାନଙ୍କର ଜୀଇବାର ହକ୍ ନାହିଁ ନା ସେମାନଙ୍କ ଜୀବନର ମୂଲ୍ୟ ନାହିଁ?

**AFFIDAVIT**

By virtue of an Affidavit sworn before Executive Magistrate, Cuttack, dtd.22/07/2026. I ,Jitendra Choudhury, S/o. Late Ashok Kumar Choudhury of Mangalabag, Gopalsahi, Po-Buxibazar, P.S-Mangalabag, Dist.-Cuttack declare that I have changed the name of my daughter From Havya Hansika Choudhury to Havya Hanshika. Henceforth she shall be known as **Havya Hanshika** for all purposes.

**Jitendra Choudhury**

**AFFIDAVIT**

By virtue of an Affidavit sworn before Executive Magistrate, Nayagarh, dtd.03.08.2026. I, Jayanta Kumar Mohapatra, S/o Jagabandhu Mohapatra, Vill-Baghara, P.O.- Biruda, P.S.-Itamati, Dist.- Nayagarh do hereby declare that I have changed my name from Jayant Kumar Mohapatra To Jayanta Kumar Mohapatra. Henceforth I shall be known as **Jayanta Kumar Mohapatra** for all purposes.

**Jayanta Kumar Mohapatra**

**NOTICE**

By virtue of an affidavit sworn before the Executive Magistrate, Athmallik dated 10th August 2026, I, Mrs. KOIL NAIK address Wife of ANTARYAMI NAIK, Village : TIKARPADA, P.O. : TIKARPADA, P.S.: BOUDH , District: BOUDH, PIN : 762026 , STATE : ODISHA, declare that I have changed the name of my daughter from "PRIYA NAIK" to "TULASI NAIK". Henceforth, she shall be known as **"TULASI NAIK"** for all purposes.

**KOIL NAIK**

**AFFIDAVIT**

I, Chhatram Singh, S/o. Late Siba Singh, resident of L.P-84, Prasanti Vihar, Po.-KIIT, Ps.- Infocity, Bhubaneswar, Dist.- Khordha, Pin: 751024, Odisha declare by this affidavit No. Vol.-II, Sl. No.- 381, Dtd.: 11.08.2025 that, now onwards I shall be known as **CHHOTRAM SINGH** for all future purposes.

**AFFIDAVIT**

By virtue of an affidavit (SL No. A/33, dtd- 10.08.2026) sworn before The Executive Magistrate, Panposh, Uditnagar, Rourkela. I, **Roshni Biswakarma** (new name), resident of AT- Sibshankar Nagar, Rourkela-1, PS-Plantsite, Dist- Sundargarh, Odisha, PIN- 769001 declare that I have changed my name from **Roshani Kumari** (old name) to **Roshni Biswakarma** (new name). Henceforth, I shall be known as **Roshni Biswakarma** (new name) for all purposes.

**Roshni Biswakarma**

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-13/2026-27

34001/613/2627

1. Number of works -(01)
2. Approximate estimated cost: - 13.54 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 13.08.2026 to 19.08.2026
5. Last Date / Time of receipt of bid in the portal :- Dt. 19.08.2026 up to 5.00 PM
6. Date of Opening of bid:- Dt. 20.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR-34001/34025/1/26-27/0011

**OFFICE OF THE NOTIFIED AREA COUNCIL, ATHMALLIK.**

NO. 2947 | e-Procurement | DT. 10.08.26

13001/1494/2627 **Bid identification No.Alkn-02/2026-27**

Bid documents consisting of work, estimated cost, cost of tender paper, EMD time of completion, Class of contractors and the set of term and conditions of contract and detals of other necessary documents can be seen in Govt.website i.e. www.tendersorissa.gov.in

| | | | |
|---|---|---|---|
| 1. | Name of the works | : | Electrical works & Civil work |
| 2. | No. of works | : | 02nos. |
| 3. | Estimated cost | : | Rs.5,26,282/- & 13,73,086/- |
| 4. | Date & Time of availability of Bid Documents in the portal | : | From 10.00A.M of dt.11.08.2026 to 17.08.2026 Up to 5.00P.M |
| 5. | Last Date of receive of Bid through Online | : | On or before 17.08.2026 up to 5.00P.M |
| 6. | Submission of original Document (DD/ EMD/ Affidavit) | : | On 18.08.2026 upto 11.00AM |
| 7. | Date of opening of bid on | : | At 11.00A.M on.18.08.2026 |

Executive Officer
N.A.C Athmallik.

OIPR-13001/13161/1/26-27/0004

**IDBI BANK** ଆଞ୍ଚଳିକ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨
CIN-L65190MH2004GOI148838

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ **୧୭.୦୯.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୧ ନିମନ୍ତେ)** ଏବଂ **୨୮.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୨ ନିମନ୍ତେ)** ମଧ୍ୟରେ ସ୍ଥାବର ସମ୍ପତ୍ତି ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍। ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୬(୨) ଏବଂ ରୁଲ୍ ୮(୬)/୯(୧) ପ୍ରାବଧାନ ସହିତ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା, ବନ୍ଧକଦାତା ଏବଂ ଜାମିନଦାରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ଆଇଡ଼ିବିଆଇ ବ୍ୟାଙ୍କ ଲିଃ.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତିଗୁଡିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାମାନଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସମ୍ପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଡିମାଣ୍ଡ ନୋଟିସ୍ ଅନୁଯାୟୀ ଆଇଡ଼ିବିଆଇ ବ୍ୟାଙ୍କ ଲିଃ. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିସ୍ତୃକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଅଛି। ଋଣଗ୍ରହୀତା(ମାନ) / ବନ୍ଧକଦାତା(ମାନ) / ଜାମିନ୍‌ଦାର(ମାନ) / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଏବଂ ସମୟ, ଅମାନତ ରାଶି ଏବଂ ବିଡ୍ ବୃଦ୍ଧି ରାଶିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସୁରକ୍ଷିତ ସମ୍ପତ୍ତିଗୁଡିକର ବିକ୍ରୟ ଅନୁସୂଚୀ:**

| କ୍ର. ନଂ. | ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ ଖ) ସାଙ୍କେତିକ ଦଖଲ ତାରିଖ ଗ) ବକେୟା ଦେୟ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ରାଶି |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅଭିଷେକ ମହାନ୍ତି / ସହ-ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାନ୍ତି, ଉଭୟଙ୍କ ଯୋଗାଯୋଗ/ସ୍ଥାୟୀ ଠିକଣା- ପ୍ଲଟ୍ ନଂ.: ୧୮୮୪/୨୦୯୪, ବାଲିଅନ୍ତା ରୋଡ୍, ଆଇଓବି ବ୍ୟାଙ୍କ ନିକଟ, ବାଲିଅନ୍ତା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୨୧୦୧ | କ) ୧୫.୦୫.୨୦୨୬ ଖ) ୨୪.୦୭.୨୦୨୬ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୩୭,୭୧,୦୫୭.୦୦ ଏବଂ ସେବାବଦ ସୁଧ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୧ (ଟାଇପ୍- ୩ ବିଏଚ୍‌କେ), ସୁପର ବିଲ୍ଟ ଅପ୍ ଏରିଆ: ୧୪୬୯ ବର୍ଗଫୁଟ, ୪ର୍ଥ ମହଲା, ହର୍ଷପ୍ରିୟା ରିଟ୍ରୀଟ୍ ଆପାର୍ଟମେଣ୍ଟ ସହିତ ସମୁଦାୟ କ୍ଷେତ୍ର: ଏକର୦.୨୨୦ ଡିସିମିଲ୍‌ରୁ ଆନୁପାତିକ ଅବିଭକ୍ତ ଜମିର ଅଂଶ ସହିତ ଷ୍ଟିଲ୍ଟ ଫ୍ଲୋର୍‌ରେ ଥିବା ଏକ ପାର୍କିଂ ସ୍ଥାନ, ହାଲ୍ ମ୍ୟୁଟେସନ୍ ଖାତା ନଂ.: ୬୨୩/୧୯୫, ପ୍ଲଟ୍ ନଂ.: ୩୨୮, ସତ୍ତ୍ୱ: ସ୍ଥିତିବାନ, କିସମ: ଘରବାରି/ହୋମଷ୍ଟେଡ୍, ଅନୁରୂପ ଖାତା ନଂ.: ୧୬୩, ମୌଜା: ଅଣ୍ଡିଲୋ, ଥାନା ନଂ.: ୧୪ (ବାଲିଅନ୍ତା), ତହସିଲ/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ପିନ୍-୭୫୨୧୦୧, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା, ଜମିର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୩୨୯ ଏବଂ ୩୩୧, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୩୨୧ (ସରକାରୀ ଜମି), ଦକ୍ଷିଣ: ପ୍ଲଟ୍ ନଂ. ୩୨୭ (ଶ୍ରୀ ନଳିନୀକାନ୍ତ ଆଚାର୍ଯ୍ୟ), ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ | ଟ.୫୭,୯୦,୦୦୦/- / ଟ.୫,୭୯,୦୦୦/- / ଟ.୫୦,୦୦୦/- |
| | **ଅମାନତ ରାଶି ଜମାର ଅନ୍ତିମ ତାରିଖ : ୧୬.୦୯.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ** | | | |
| | **ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୧୧.୦୯.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ** | | | |
| ୨. | ଋଣଗ୍ରହୀତା: ଶ୍ରୀ ଲଳିତ ନାରାୟଣ ରଥ, ପିତା: ଲକ୍ଷ୍ମୀ ନାରାୟଣ ରଥ / ସହ-ଋଣଗ୍ରହୀତା: ଶ୍ରୀମତୀ ସନ୍ତୋଷିନୀ ରଥ, ସ୍ୱାମୀ: ଲଳିତ ନାରାୟଣ ରଥ, ଉଭୟଙ୍କ ଠିକଣା-୧: ପ୍ଲଟ୍ ନଂ.: ୬୬୫/୩୦୭୧, ଶ୍ରୀ ବିହାର, ଲେନ୍ ନଂ.-୭, ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬, ଠିକଣା-୨: ପଣ୍ଡା ରେସିଡେନ୍ସୀ, ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ବ୍ଲକ୍-ଡ଼ି, ପ୍ରଥମ ମହଲା, ମୌଜା: ସତ୍ୟଭାମାପୁର, ରଙ୍ଗ ବଜାର, ଥାନା: ବାଲିଅନ୍ତା, ଭୁବନେଶ୍ୱର-୭୫୧୦୩୧ | କ) ୧୨.୧୨.୨୦୨୪ ଖ) ୧୨.୦୩.୨୦୨୫ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୫୬,୮୧,୦୯୮.୩୬ ଏବଂ ସେବାବଦ ସୁଧ | ପଣ୍ଡା ରେସିଡେନ୍ସୀ ନାମକ ଆପାର୍ଟମେଣ୍ଟରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ପ୍ରଥମ ମହଲା, ଖାତା ନଂ.: ୨୫/୧୧, ପ୍ଲଟ୍ ନଂ.: ୭୦୮ ଏବଂ ଖାତା ନଂ.: ୨୫/୧୩, ପ୍ଲଟ୍ ନଂ.: ୭୦୮/୮୪୨, ମୌଜା: ସତ୍ୟଭାମାପୁର, ଥାନା/ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ (ପଞ୍ଜୀକୃତ ବିକ୍ରୟ ଦଲିଲ ଅନୁଯାୟୀ)- ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୭୦୯, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୬୬୧, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୭୨୩, ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର୍ ଓ ନିର୍ମାଣ | ଟ.୩୩,୪୫,୦୦୦/- / ଟ.୩,୩୫,୦୦୦/- / ଟ.୫୦,୦୦୦/- |
| | **ଅମାନତ ରାଶି ଜମାର ଅନ୍ତିମ ତାରିଖ : ୨୭.୦୮.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ** | | | |
| | **ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୨୬.୦୮.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ** | | | |

**RTGS / NEFT ମାଧ୍ୟମରେ ଅମାନତ ରାଶି ଦାଖଲ କରିବାର ଆକାଉଣ୍ଟ ଏବଂ IFSC Codeର ବିବରଣୀ: ଆକାଉଣ୍ଟ ନଂ.: ୦୪୨୩୪୯୧୫୦୧୦୦୨୬, IFSC Code: IBKL0000042**

**କ୍ଷମତାପ୍ରାପ୍ତ ଅଧିକାରୀ/ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ଶୁକଦେବ ପାଲ- ସହାୟକ ମହାପ୍ରବନ୍ଧକ (୯୦୭୩୩୦୩୧୦୧), ସୁଚିତ କୁମାର ବେହେରା- ପ୍ରବନ୍ଧକ (୯୩୩୭୬୧୫୯୯୦)**

ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ: ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। (୧) ଆଇଡ଼ିବିଆଇ ବ୍ୟାଙ୍କ ଲିଃ. ଅର୍ଥାତ ସୁରକ୍ଷିତ ଋଣଦାତାଙ୍କ ଅର୍ଥାତ IDBI Bank Ltd. ପକ୍ଷରୁ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" "ଯାହା ଯେପରି ଅଛି ଭିତ୍ତିରେ", "ସେଠାରେ ଯାହାଅଛି ଭିତ୍ତିରେ" ଏବଂ "ବିନା ଆଇନଗତ ସହାୟତା ଭିତ୍ତିରେ" ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ। (୨) "ବିଡ୍ କାଗଜପତ୍ର" ଏବଂ ଏହି ବିଜ୍ଞାପନରେ ଦିଆଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। ବିଡ୍ କାଗଜପତ୍ର ଆମର ଯେ କୌଣସି କାର୍ଯ୍ୟାଳୟରୁ କିମ୍ବା ଆଇଡ଼ିବିଆଇ ୱେବସାଇଟ୍: www.idbibank.in ଏବଂ https://baanknet.com, https://psballiance.com ରୁ ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ। (୩) ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍: https://baanknet.com ରେ ଇ-ନିଲାମ ସେବାପ୍ରଦାନକାରୀ: PSB Alliance Private Limited (BAANKNET Platform) ମାଧ୍ୟମରେ ଅନୁଷ୍ଠିତ ହେବ। ଯୋଗାଯୋଗ: ମିସ୍ ସ୍ୱନୀ, ମୋ.: +୯୧-୯୯୯୦୬୦୫୦୭୫, ଶ୍ରୀ ଧର୍ମେଶ ଅସର, ମୋ.: +୯୧-୯୮୯୨୨୧୯୮୪୮। (୪) କ୍ଷମତାପ୍ରାପ୍ତ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି, ଯଦି ବିଡ୍ ଗ୍ରହଣ ଯୋଗ୍ୟ ନହେଲା ତେବେ କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ସ୍ଥଗିତ / ବାତିଲ କରିପାରନ୍ତି ଏବଂ ଏବିଷୟରେ ତାଙ୍କର ନିଷ୍ପତ୍ତି ଚୂଡାନ୍ତ ଅଟେ। (୫) ସଫଳ ନିଲାମଧାରୀ ବିକ୍ରୟ ଚୂଡ଼ାନ୍ତ ସମୟରେ ବିକ୍ରୟ ମୂଲ୍ୟର ୧୦% (ଅମାନତ ରାଶି ଅନ୍ତର୍ଭୁକ୍ତ କରି) ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ପଡ଼ିବ କିନ୍ତୁ ତାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ବିଫଳ ହେଲେ ଅମାନତରାଶି ସହ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ। (୬) ନିଲାମ ରାଶି ୧୦% ସଙ୍ଗେ ସଙ୍ଗେ ଦାଖଲ କରିବାରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୯୦% ନିଲାମରାଶି ଦାଖଲ କରିବାରେ ବିଫଳ ହୋଇଥିଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯାଇ ସୁରକ୍ଷିତ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ। (୭) କ୍ରେତା ସମସ୍ତ ଆଇନଗତ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ରେଜିଷ୍ଟ୍ରେସନ ଦେୟ, ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଟିକସ ଇତ୍ୟାଦି ବହନ କରିବେ। (୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀଙ୍କୁ ବିକ୍ରୟ ଚୂଡାନ୍ତ ଚିଠି ଜାରି ପୂର୍ବରୁ ଯଦି ଋଣଗ୍ରହୀତା ବ୍ୟାଙ୍କକୁ ଚୁକ୍ତି ହାରରେ ବକେୟା ରାଶି ସହିତ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରନ୍ତି ତେବେ ବିକ୍ରୟ ଚୂଡାନ୍ତ ହେବ ନାହିଁ। ଏପରି କ୍ଷେତ୍ରରେ ବ୍ୟାଙ୍କ ବିନା ସୁଧରେ ସମସ୍ତ ଅର୍ଥ ସଫଳ ନିଲାମଧାରୀଙ୍କୁ ଫେରସ୍ତ କରଦେବ। ସବିଶେଷ ବିବରଣୀ ଏବଂ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍: www.idbibank.in ଦେଖନ୍ତୁ ଏବଂ/କିମ୍ବା ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ଉପରଦର୍ଶିତ ଶାଖା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୮.୨୦୨୬ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଯାଜପୁର ରୋଡ୍ ଶାଖା, ଯାଜପୁର

**ଇ-ନିଲାମ ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୨୦.୦୮.୨୦୨୬ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ
ଗାଡ଼ି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୧୯.୦୮.୨୦୨୬ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର. ନଂ | ଋଣଗ୍ରହୀତା/ଗ୍ୟାରେଣ୍ଟି ଦାତାଙ୍କ ନାମ ଠିକଣା | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡ଼ିର ବିକ୍ରୟ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧ | ଋଣଗ୍ରହୀତା: ଶ୍ରୀ ବିବେକ କୁମାର ତିୱାରୀ, ପିତା- ଜନାର୍ଦ୍ଦନ ତିୱାରୀ, ଦଳା ଛକ, ଘର ନଂ.- 28JR 33, ଶିବ ମନ୍ଦିର ନିକଟ, ଯାଜପୁର ରୋଡ୍, ଯାଜପୁର | Model: Celerio ZXi; Year of Manufacture: 2017; Regd. No.: OD-05Z-6804; Chassis No.: MA3ETDE1S00390336; Engine No.: K10BN 7892424 | ତା.୧୧.୦୮.୨୦୨୬ ସୁଦ୍ଧା ଟ.୫,୨୭,୫୩୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧,୦୮,୦୦୦/- / ୧୦,୮୦୦/- / ୫୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଇଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦ ୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୭୭୩୫୬୬୩୬୭୦୦ ସହିତ ଯୋଗାଯୋଗ କରନ୍ତୁ।

https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି। ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡ଼ିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com

ଗାଡ଼ିର ପାର୍କିଂ ସ୍ଥାନ: ଭାରତୀୟ ଷ୍ଟେଟ ବ୍ୟାଙ୍କ, ଯାଜପୁର ରୋଡ, ଯାଜପୁର

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ୭୭୩୫୬୩୬୭୦୦ (କ୍ଷମତାପ୍ରାପ୍ତ ଅଧିକାରୀ), ଯାଜପୁର ରୋଡ୍ ଶାଖା, ଯାଜପୁର

ତାରିଖ: ୧୧.୦୮.୨୦୨୬
ସ୍ଥାନ : ଯାଜପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ

ଜଗତସିଂହପୁର,୧୧।୮ (ସମିସ)



'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନ୍ତର୍ଗତ ତ୍ରିରଙ୍ଗା ଯାତ୍ରା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରେ ଶୁଭାରମ୍ଭ ହୋଇଯାଇଛି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବାଇକ୍ ଶୋଭାଯାତ୍ରାରେ ଯୋଗ ଦେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇଥିଲା।

ସ୍ୱାଧୀନତା ଦିବସ ଏବଂ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶବ୍ୟାପୀ 'ହର ଘର ତିରଙ୍ଗା' ଅଭିଯାନ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଯାଇଛି। ଆଜିର ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସେଲ୍‌ଫି ୱିଥ ତ୍ରିରଙ୍ଗା, ଦସ୍ତଖତ ଅଭିଯାନ ଏବଂ ଦେଶ ଭକ୍ତିର ଗୀତ ବାଜୁଥିବା ତ୍ରିରଙ୍ଗା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ଶୋଭାଯାତ୍ରା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ସଅଁରାସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇଥିଲା। ପଦଯାତ୍ରା ଓ ସାଇକଲ ଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପରିସମାପ୍ତି ଘଟିଥିବା ବେଳେ ମୋଟର ସାଇକଲ ଯାତ୍ରା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଯାତ୍ରାର ପ୍ରାରମ୍ଭରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ତ୍ରିରଙ୍ଗା ପତାକା ସହ କାନଭାସରେ ନିଜର ଦସ୍ତଖତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶ ଭକ୍ତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଘୋଡ଼ା ନାଚ ପ୍ରଦର୍ଶନ କରାଯାଇଥିଲା। ଏହି ତ୍ରିରଙ୍ଗା ଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ତହସିଲଦାର, ଜଗତସିଂହପୁର ଅଜୟ କୁମାର ମହାନ୍ତି, ତହସିଲଦାର, ନାଉଗାଁ ବିକାଶ ରଞ୍ଜନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେଶ କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ସମସ୍ତ ଜିଲ୍ଲାସ୍ତରୀୟ ତଥା କ୍ଷେତ୍ରୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଏନସିସି, ଏନ୍‌ଏସ୍‌ଏସ୍, ଶିକ୍ଷକ ଶିକ୍ଷୟିତ୍ରୀ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ନେହରୁ ଯୁବ କେନ୍ଦ୍ର, ବିକେଏସ୍‌ଏସ୍‌ର ସଦସ୍ୟ, ଅଳକା ଆଶ୍ରମର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ।

# କୁକୁଡ଼ା ଫାର୍ମ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବାଲିକୁଦା,୧୧।୮ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଓଳାଶ ଗ୍ରାମର ଜଣେ ଯୁବକଙ୍କ ମୃତଦେହ କଟିଜଙ୍ଗା ଗ୍ରାମ ନିକଟସ୍ଥ ଏକ କୁକୁଡ଼ା ଫାର୍ମ ନିକଟରେ ଥିବା ଚାକୁଣ୍ଡା ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ମୃତକ ଓଳାଶ ଗ୍ରାମର ଗୌରାଙ୍ଗ ଚରଣ ଦାସ (୩୬) ବୋଲି ଜଣାପଡ଼ିଛି। ସକାଳେ କିଛି ସ୍ଥାନୀୟ ଲୋକ ଗୌରାଙ୍ଗଙ୍କ ମୃତଦେହ ଗଛରେ ରଶି ଲାଗିଥିବା ଅବସ୍ଥାରେ ଦେଖିବା ପରେ ପୁଲିସ ଓ ପରିବାରକୁ ଖବର ଦେଇଥିଲେ। ଖବର ପାଇ ବାଲିକୁଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳ ନିକଟରୁ ଗୌରାଙ୍ଗଙ୍କ ସାଇକଲ ମଧ୍ୟ ମିଳିଛି। ତେବେ ଗୌରାଙ୍ଗ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ମୃତକଙ୍କ ପତ୍ନୀ ସ୍ୱର୍ଣ୍ଣପ୍ରଭା ବାଗଙ୍କ ଅଭିଯୋଗ ଅନୁଯାୟୀ, ଗୌରାଙ୍ଗ କାଠ ମିସ୍ତ୍ରୀ ଭାବେ କାମ କରୁଥିବା ବେଳେ କିଛି ବ୍ୟକ୍ତିଙ୍କଠାରୁ ଟଙ୍କା ଉଧାର ନେଇଥିଲେ। ଆର୍ଥିକ ଅସୁବିଧା ଯୋଗୁଁ ସେ ଉଧାର ଟଙ୍କା ଫେରସ୍ତ କରିପାରିନଥିଲେ। ଟଙ୍କା ଫେରସ୍ତ ଦାବିରେ ସମ୍ପୃକ୍ତ କିଛି ବ୍ୟକ୍ତି ରବିବାର ଦିନଠାରୁ ରାତି ପର୍ଯ୍ୟନ୍ତ ଗୌରାଙ୍ଗଙ୍କ ଘରେ ଜଗି ରହିଥିଲେ। ଟଙ୍କା ନଦେଲେ ଗୌରାଙ୍ଗଙ୍କ ଜୀବନ ନେଇଯିବାକୁ ଧମକ ଦିଆଯାଇଥିବା ମଧ୍ୟ ପତ୍ନୀ ଅଭିଯୋଗ କରିଛନ୍ତି। ଏନେଇ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ବାଲିକୁଦା ଥାନାରେ କେସ୍ ନମ୍ବର ୨୯୩/୨୦୨୬ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ହତ୍ୟା କି ଆତ୍ମହତ୍ୟା, ସେନେଇ ଅଧିକ ସ୍ପଷ୍ଟତା ମିଳିପାରିବ ବୋଲି ସେ କହିଛନ୍ତି। ଏସଡିପିଓ ଦିବ୍ୟରଞ୍ଜନ ନାଥ କହିଛନ୍ତି ଯେ, ପରିବାରର ଅଭିଯୋଗକୁ ଗୁରୁତ୍ୱ ଦେଇ ପୁଲିସ ତଦନ୍ତ ଚଳାଇଛି। ସମସ୍ତ ସମ୍ଭାବ୍ୟ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି।

# ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ



ଜଗତସିଂହପୁର,୧୧।୮ (ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସ୍ନିଗ୍ଧାମୟୀ ମହାନ୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଓ ଶିକ୍ଷକ,ଶିକ୍ଷୟିତ୍ରୀ ମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ବାରିକ ଯୋଗଦେଇ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ମହାନ୍ତି କୃମି ଦ୍ୱାରା ସଂକ୍ରମିତ ହେଲେ ପୁଷ୍ଟିହୀନତା, ରକ୍ତହୀନତା, ବଦହଜମୀ, ଶାରୀରିକ ତଥା ମାନସିକ ଅନଗ୍ରସରତା ଦେଖାଯିବା ସହ କାର୍ଯ୍ୟ ଦକ୍ଷତା କମିଯାଏ ବୋଲି କହିଥାଏ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୧୪୦୩ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୮୧୬ ଅଙ୍ଗନବାଡି କେନ୍ଦ୍ରରେ କୃମି ନାଶକ ଦିବସ ଆରମ୍ଭ ହୋଇଛି। ଏହି ସମସ୍ତ ସ୍ଥାନରେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତିରେ ପିଲାମାନଙ୍କୁ କୃମି ନାଶକ ବଟିକା ଓ ଶିରପ ଖାଇବାକୁ ଦିଆଯାଇଛି। ଜିଲ୍ଲାର ୧,୯୧,୬୬୫ ଜଣ ୧ ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର, ୨୦,୦୩୯ ଜଣ ୨୦ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳାଙ୍କୁ ଏହି ବଟିକା ଓ ସିରପ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ରୁକ୍ମଣୀ ଲାକ୍ରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାସନ୍ତୀ ପାଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ସ୍ୱାସ୍ଥ୍ୟ ବିଭାଗର କନ୍‌ସଲଟାଣ୍ଟ ଓ ଅନ୍ୟାନ୍ୟ କର୍ମକର୍ତ୍ତା, ତଥା ବିଦ୍ୟାଳୟର ଛାତ୍ରୀ ଗଣ ଉପସ୍ଥିତ ଥିଲେ। ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମ ରେ ମହିଳା ସ୍ୱାସ୍ଥ୍ୟ କର୍ମୀ, ସହରାଞ୍ଚଳର ଆଶା ଆଦି ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ରାସ୍ତା ଓଗାଳିଲେ ଅସାମାଜିକ ଯୁବକ

# ପ୍ରତିବାଦ କରିବାରୁ ଡାକ୍ତରଙ୍କୁ ମାଡ଼

ପାରାଦୀପ,୧୧।୮ (ସମିସ): ଗତକାଲି ରାତି ପାଖାପାଖି ୧୦ଟା ବେଳେ ଜଣେ ଡାକ୍ତରଙ୍କୁ କିଛି ଅସାମାଜିକ ଯୁବକ ରାସ୍ତାରେ ଘେରି ଆକ୍ରମଣ କରିଥିବା ନେଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କରିଥିବା ଡାକ୍ତର ହେଲେ ଅଠରବାଙ୍କୀ ହସ୍ପିଟାଲର ଡାକ୍ତର ରୋନିତ ଅଭିଷେକ। ଗତକାଲି ରାତିରେ ଡ. ଅଭିଷେକ ଅଠରବାଙ୍କି ହସ୍ପିଟାଲକୁ ଜଣେ ପେସେଣ୍ଟଙ୍କୁ ଦେଖିବା ଲାଗି ଘରୁ ବାହାରି ଆସିଥିଲେ। ଠିକ ଟର୍ମିନାଲ ଛକ ନିକଟରେ ତାଙ୍କୁ କିଛି ଯୁବକ ଅଟକାଇ ସେ ରାସ୍ତାରେ ଯିବାକୁ ବାରଣ କରିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକାଟି ଓ ଗାଳି ଗୁଲଜ ହେବାରୁ ଦୁଇ ଯୁବକ ଡାକ୍ତର ଅଭିଷେକଙ୍କୁ ମାଡ଼ ମାରିଥିଲେ। ସେ ଜଣେ ଡାକ୍ତର ଏବଂ ମେଡିକାଲ ଡିୟୁଟି ପାଇଁ ଯାଉଥିବା ବୋଲି କହିବା ପରେ ମଧ୍ୟ ସେମାନେ ତାଙ୍କର କୌଣସି କଥାକୁ ବୁଝିବାକୁ ଚେଷ୍ଟା କରି ନଥିଲେ। ଓଲଟା ସେମାନେ ଡାକ୍ତରଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ନାକରେ ଗଭୀର ଆଘାତ ଲାଗିଛି। ସେହି ବିଳମ୍ବିତ ରାତିରେ ଡାକ୍ତର ରୋନିତ ଥାନାକୁ ଜଣାଇବା ପରେ ଆଦର୍ଶ ଥାନା ପକ୍ଷରୁ ଦୁଇ ଯୁବକଙ୍କୁ ଗିରଫ କରାଯାଇଛି। ତେବେ ଆକ୍ରମଣ କରିଥିବା ଏହି ଯୁବକମାନଙ୍କୁ ଏକ ଠିକା ସଂସ୍ଥା ମାଧ୍ୟମରେ ସେଠାରେ ବ୍ରିଜ କାର୍ଯ୍ୟ ଚାଲିଥିବାରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟୋଜିତ କରିଥିବା ଜଣାପଡିଛି। ତେବେ ଏହି ଦୁଇ ଯୁବକଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ବବିତା ଦେହୁରୀ ସୂଚନା ଦେଇଛନ୍ତି।

## ● ବାହାଘରର ଦେଢ଼ ମାସରେ ଲିଭିଗଲା ସିନ୍ଦୁର, ଅଳତା

# ଟ୍ରେନ୍ ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ



ପାରାଦୀପ,୧୧।୮ (ସମିସ): ପାରାଦୀପ ନିକଟସ୍ଥ ବିଶ୍ୱାଳି ଗ୍ରାମପଞ୍ଚାୟତର କୋଲଡିଆ ଗ୍ରାମରେ ଜଣେ ଯୁବକଙ୍କ ଟ୍ରେନ୍ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ମୃତକ ସେହି ଗାଁର ରାକେଶ ଦାସ। ରାକେଶ ରେଲୱେ ସାଇଡିଂରେ ଠିକା ଶ୍ରମିକ ଭାବେ କାମ କରୁଥିବାବେଳେ ଆଜି ତାଙ୍କର ଦୁର୍ଘଟଣା ଘଟିଥିଲା। ରାକେଶଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ କୋଲଡିଆ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବା ଦାବି କରି ଗ୍ରାମବାସୀ ଅଡି ବସିଥିଲେ। ଦାବି ପୂରଣ ନହେଲେ ମୃତଦେହକୁ ରେଲୱେ ସାଇଡିଂରୁ ଉଠାଇବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଥିଲେ। ପରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବା ନେଇ ପ୍ରତିଶ୍ରୁତି ମିଳିଥିଲା। ଏହି ଆଲୋଚନାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସମେତ ଆଦର୍ଶ ଥାନା ଆଇଆଇସି ବବିତା ଦେହୁରୀ, ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ, ରେଳ ବିଭାଗ ଥାନା ଅଧିକାରୀ, ୟୁନିୟନ କର୍ମକର୍ତ୍ତା ଓ ପରିବାର ଲୋକେ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁସାରେ ରାକେଶଙ୍କର ବାହାଘରକୁ ମାସେ ଏଇ ନିକଟରେ ହୋଇଥିଲା। ବାହାଘର ପରେ ସ୍ୱାମୀଙ୍କ ହାତ ଧରି ନୂଆ ଜୀବନର ସ୍ୱପ୍ନ ଦେଖୁଥିଲେ ନବବଧୂ। ହେଲେ ହଠାତ୍ ଆସିଲା ଦୁଃଖଦ ଖବର। ମାସେ ପୂରିବା ଆଗରୁ ଲିଭିଗଲା ମଥାରୁ ସିନ୍ଦୁର, ପାଦରୁ ଅଳତା, ଭାଙ୍ଗିଗଲା ହାତରୁ ଶଙ୍ଖା।

# ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ

ବାଲିକୁଦା,୧୧।୮ (ସମିସ): ବାଲିକୁଦା ଥାନା ପରିସରରେ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧ ଓ ଅନଲାଇନ୍ ଠକେଇର ବିଭିନ୍ନ ଉପାୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଏଥିରୁ ନିଜକୁ ସୁରକ୍ଷିତ ରଖିବା ନେଇ ଥାନା ଅଧିକାରୀ କାବୁଲି ବାରିକ ଓ ଅତିରିକ୍ତ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଓଟିପି ଓ ୟୁପିଆଇ ଠକେଇ, ଫିସିଂ ଲିଙ୍କ୍, ନକଲି କଷ୍ଟମର କେୟାର, ଡିଜିଟାଲ ଆରେଷ୍ଟ, ଅନଲାଇନ୍ ନିବେଶ ଓ ଚାକିରି ଠକେଇ, ସୋସିଆଲ ମିଡିଆ ଠକେଇ ଏବଂ ସେକ୍ସଟର୍ସନ୍ ଭଳି ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଯାଇଥିଲା। କୌଣସି ବ୍ୟକ୍ତି ସାଇବର ଠକେଇର ଶିକାର ହେଲେ ବିଳମ୍ବ ନକରି ତୁରନ୍ତ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିବା ସହ ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲରେ ଅଭିଯୋଗ କରିବାକୁ ସଚେତନ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁଁ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଥିଲା। ଦିନକୁ ଦିନ ବଢୁଥିବା ସାଇବର ଠକେଇକୁ ରୋକିବା ପାଇଁ ଜନସଚେତନତା ହିଁ ଏକ ପ୍ରମୁଖ ଅସ୍ତ୍ର ବୋଲି ମତ ପ୍ରକାଶ ପାଇଥିଲା।

# ଜ୍ୟୋତିରଞ୍ଜନଙ୍କୁ 'ଗୋଦାବରୀଶ ଶିକ୍ଷା ରତ୍ନ' ସମ୍ମାନ

ତିର୍ତ୍ତୋଲ,୧୧।୮ (ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଶଙ୍ଖେଶ୍ୱର ସ୍ଥିତ ସାଇ ନ୍ୟାସନାଲ ପବ୍ଲିକ ସ୍କୁଲର



ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ସାହୁଙ୍କୁ ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏସନ୍‌ର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ଗୋଦାବରୀଶ ଶିକ୍ଷା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଆସୋସିଏସନ୍‌ର ସଭାପତି ଅଜିତ୍ ଦାସ ଓ ଅତିଥି ମାନେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଉତ୍କୃଷ୍ଟ ବିଦ୍ୟାଳୟ ପରିଚାଳନା, ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ବିଶେଷ ଭୂମିକା ପାଇଁ ଶ୍ରୀ ସାହୁଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ମାନ ପତ୍ର ପ୍ରଦାନ ପୂର୍ବକ ଏହି ସମ୍ମାନରେ ସମ୍ମାନିତ କରିଥିଲେ।

# ବନ୍ୟା ସହାୟତା ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୁଜଙ୍ଗ,୧୧।୮ (ସମିସ): ଅଲ ଓଡ଼ିଶା ସେଫଟି ଆସୋସିଏସନ (ଓଏଏସ୍‌ଏ) ପକ୍ଷରୁ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ବାଲିକଣୀ ପଞ୍ଚାୟତର କାଳୀକୁଦ ଗ୍ରାମରେ ଏକ ବିଶେଷ ବନ୍ୟା ସହାୟତା ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଆସୋସିଏସନର ରାଜ୍ୟ ଉପସଭାପତି ଦେବାଶିଷ ଶର୍ମା ଏବଂ ଜଗତସିଂହପୁର ଜିଲ୍ଲା ସଭାପତି ସନ୍ଦୀପ ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୁଖ ସଦସ୍ୟ ରମାକାନ୍ତ ଦାସ, ଦିବ୍ୟ ରଞ୍ଜନ ଦାସ, ଦେବାଶିଷ ଜେନା, ସୁବେନ୍ଦ୍ର ସିଂହ ଏବଂ ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ଶୁଖିଲା ଖାଦ୍ୟ ସାମଗ୍ରୀ ସହିତ କିଛି ଜରୁରୀ କାଳୀନ ସାମଗ୍ରୀ ବଣ୍ଟନ କରାଯିବା ସହ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରାଯାଇଥିଲା। ଏହି ସଫଳ ଆୟୋଜନ ପାଇଁ ଅଲ ଓଡ଼ିଶା ସେଫଟି ଆସୋସିଏସନର ରାଜ୍ୟ ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ପିପି ମିଶ୍ର, ଉପଦେଷ୍ଟା କମିଟି ଏବଂ ରାଜ୍ୟ କମିଟି ପକ୍ଷରୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଓ ସହଯୋଗର ହାତ ବଢ଼ାଇଥିବା ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଯାଇଛି।

# ରାସ୍ତାରେ ମାଳ ମାଳ ବୁଲା ଗୋରୁଗାଈ



କୁଜଙ୍ଗ,୧୧।୮ (ସମିସ): କଟକ-ପାରାଦୀପ ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା। ବୁଲା ଗୋରୁଗାଈ ଓ ଷଣ୍ଢମାନଙ୍କ ପାଇଁ ଦୈନନ୍ଦିନ ଘଟିଚାଲିଛି ଛୋଟବଡ ଦୁର୍ଘଟଣା। ବିଶେଷ କରି ଯୁବ ଗୋଷ୍ଠୀ ବାଇକ୍ ଆରୋହୀ ଓ ପଥଚାରୀମାନେ ଦୁର୍ଘଟଣାର ଶିକାର ହେବା ସହ ଅକାଳରେ ଚାଲି ଯାଉଛି କେତେ ଜୀବନ। ବନ୍ୟା ପାଣି ମାଡି ଚାରଣଭୁଇଁ ଜଳାର୍ଣ୍ଣବ ହୋଇଥିବା ବେଳେ ଅପରପାଶ୍ୱର୍ରେ ଚାଷକାମ ଆରମ୍ଭ ହେବା ଦ୍ୱାରା କ୍ଷେତରେ ଆଉ ଗୋରୁଗାଈ ଚରିବା ପାଇଁ ସୁବିଧା ନାହିଁ। ଯାହା ଦ୍ୱାରା କଟକ-ପାରାଦୀପ ଭଳି ଏକ ବ୍ୟସ୍ତ ବହୁଳ ରାସ୍ତାରେ ମାଳମାଳ ଗୋରୁଗାଈ ଅବାଧରେ ବୁଲିବା ଦ୍ୱାରା ସଡ଼କ ଦୁର୍ଘଟଣା ବଢି ଚାଲିଛି। ବିଶେଷ କରି ରାତି ସମୟରେ ରାସ୍ତାରେ ଶୋଇବା ଦ୍ୱାରା ବାଇକ ଆରୋହୀ ମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି। ବୁଲା ଗୋରୁଗାଈଙ୍କ ବେକରେ ରେଡିୟମ ବେଲ୍ଟ ଲଗାଇବା ସହ ପ୍ରତ୍ୟେକ ପଞ୍ଚାୟତରେ ପୂର୍ବରୁ ଥିବା କାଞ୍ଜିଆହୁଦା ପୁନଃ କାର୍ଯକ୍ଷମ କରିବା ପାଇଁ କୁଜଙ୍ଗର ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ବେହେରା ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଅନ୍ତିମ ଦାସ ସ୍ମୃତି ସମ୍ମାନ ପ୍ରଦାନ


ଜଗତସିଂହପୁର,୧୧।୮ (ସମିସ): ଏନ୍‌ଜେଡବ୍ଲୁ(ଓପନ୍) ୟୁନିଟ୍ ଜଗତସିଂହପୁର ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡସ୍ ଆନୁକୂଲ୍ୟରେ ଏନ୍‌ଜେଡବ୍ଲୁର ପ୍ରତିଷ୍ଠାତା ଅନ୍ତିମ କୁମାର ଦାସଙ୍କ ୩୨ତମ ଜୟନ୍ତୀ ଉପଲକ୍ଷେ ଅନ୍ତିମ ଦାସ ସ୍ମୃତି ପରିଷଦ ତରଫରୁ ଏକ ସ୍ମୃତି ସଭା ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛି। ଏହି ସ୍ମୃତି ସଭାରେ ସମ୍ମାନନୀୟ ଅତିଥି ଭାବରେ ଗୌରାଙ୍ଗ ଚରଣ ହୋତା, ସୋମନାଥ ମହାରଣା, ମଧୁସୂଦନ ସାହୁ, ଦେବେନ୍ଦ୍ରନାଥ ରାଉତ, ସୁଭାଷ ଚନ୍ଦ୍ର ରାଉତ, ଦାମୋଦର ପଣ୍ଡା, ଅଜୟ ଗୋଛାୟତ ପ୍ରଭୃତି ଯୋଗ ଦେଇଥିଲେ। ୟୁନିଟ୍ ଲିଡର୍ ବିଜୟ କୁମାର ରଥ ସଭାପତିତ୍ୱ କରିଥିଲେ। ରାକେଶ ରୋଶନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡାଙ୍କୁ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ "ଅନ୍ତିମ ଦାସ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ପାଦକ ଆଶୁତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତ ରୋଭର ମେଟ୍ ସୁବ୍ରତ କ୍ରାନ୍ତି, ସନ୍ତୋଷ, ସୋମପ୍ରକାଶ, ସିଦ୍ଧାନ୍ତ, ବିଭୁ, ସତ୍ୟଜିତ୍, ଶକ୍ତିପ୍ରସାଦ, ସତ୍ୟବ୍ରତ, ରୁଦ୍ରନାରାୟଣ, ଗୌରବ, ସାଇଶୁମନ୍, ବଦ୍ରି ଏବଂ ସୁଦର୍ଶନ ସହଯୋଗର ହାତ ବଢ଼ାଇ ଥିଲେ।


# 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମ

କୁଜଙ୍ଗ/କରାଦୀପ,୧୧।୮ (ସମିସ): ଜଗତସିଂହପୁର ଜିଲ୍ଲାର ପରିବେଶପ୍ରେମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ତରଫରୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ୟାପକ ଫଳ ଓ ଔଷଧୀୟ ଚାରାରୋପଣ କରାଯାଇଛି। 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଶୁଭଦର୍ଶିନୀ, ଶିକ୍ଷୟିତ୍ରୀ ସୁଜାତା ହୋତା, ଜ୍ୟୋତିଷ କୁମାର ସାହୁ, ଜିତେନ୍ଦ୍ର ବେହେରା, ପୁନମ ପ୍ରିୟମ୍ବଦା ପ୍ରଧାନ, ରୀନାଲି ସ୍ୱାଇଁ, ସମାଜସେବୀ ହିମାଂଶୁ ଶେଖର ସାହୁ ଓ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ରହି ଅଁଳା, ହରିଡ଼ା, ଆମ୍ବ, ପଣସ, ଲେମ୍ବୁ, ଜାମୁରାଳ ପ୍ରଭୃତି ଫଳ ଓ ଔଷଧୀୟ ଚାରାରୋପଣ କରିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତ, ବରିଷ୍ଠ ସଭ୍ୟ ଅମୂଲ୍ୟ ଦାସ, ଅଭିଜିତ ପଲେଇ, ସୁମନ ସାହୁ, ଶିବ ପ୍ରସାଦ ସାହୁ, ଦୀପକ ପରିଡା, ପ୍ରଦୀପ ପରିଡା, ତପନ ସ୍ୱାଇଁ, କାଳନ୍ଦୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ସ୍କୁଲ ଓ କଲେଜ ପରିସରରେ ଫଳ ଓ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଅନୁଷ୍ଠାନର ସଭାପତି ଅଶୋକ ମାଝୀ ଓ ସମ୍ପାଦକ ଦିଲୀପ ପଲେଇ ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟ ବୀମା ଯୋଜନା ଅପରିବର୍ତ୍ତିତ ରଖିବାକୁ ଦାବି

ଜଗତସିଂହପୁର,୧୧।୮ (ସମିସ)





ଓଡିଶା ସାମ୍ବାଦିକ ସଙ୍ଘ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଓଜେୟୁର ଜିଲ୍ଲା ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଂଘର କର୍ମକର୍ତ୍ତା ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି। ସମ୍ପ୍ରତି ଓଡ଼ିଶାରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତିତ କରାଯିବାର ପ୍ରୟାସ କରାଯାଉଥିବା ବିଭାଗୀୟ ପ୍ରକ୍ରିୟାରୁ ଜଣାଯାଉଛି। ଯାହା ସାରା ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ମନରେ କ୍ଷୋଭ ସୃଷ୍ଟି କରୁଛି। ଏଣୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ ଅପରିବର୍ତ୍ତିତ ରଖାଯିବା ସହିତ ଏଥିରେ ସାମ୍ବାଦିକଙ୍କ ପିତା ମାତାଙ୍କୁ ତାଲିକାଭୁକ୍ତ କରାଯିବା ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଓଜେୟୁ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଜିଲ୍ଲା କୋଷାଧ୍ୟକ୍ଷ ଗୟାଧର ମହାରଣା, ସଂଗଠନ ସମ୍ପାଦକ ବିପିନ କୁମାର ସେଠୀ, ମିଲନ ଜେନା, ମନୋଜ କୁମାର ସାହୁ, ଦୀପକ କୁମାର ନାଥ, ସୁବ୍ରତ ମଲ୍ଲିକ, ଦେବାଶିଷ ଜେନା ପ୍ରମୁଖଙ୍କ ସହିତ ବିଭିନ୍ନ ବ୍ଲକରୁ ଆସିଥିବା ଓଜେୟୁର ସଦସ୍ୟ ମାନେ ଉପସ୍ଥିତ ଥିଲେ।

**ପାରାଦୀପ** : ରାଜ୍ୟର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ ନକରି ପୂର୍ବ ପରି ସ୍ୱତନ୍ତ୍ର ଭାବେ ଜାରି ରଖିବାକୁ ଓଡ଼ିଶା ସାମ୍ବାଦିକ ସଙ୍ଘ ଦାବି ରଖିଥିବା ବେଳେ ଓଜେୟୁ ପାରାଦୀପ ଶାଖା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଦାବି ଉପସ୍ଥାପନ କରିଛି। ଏନେଇ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଡ. ନିରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଓଜେୟୁ ପାରାଦୀପ ଶାଖା ସଭାପତି କର୍ମେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ, ଉପଦେଷ୍ଟା ଅଜିତ ଦାସ, ପାରାଦୀପ ଶାଖା ସମ୍ପାଦକ ସମୀର କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ବସନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ଜିତେନ୍ଦ୍ର ସାହୁ, ରାଜଦିପ ବିଶ୍ୱାସ, ପୁରୁଷୋତ୍ତମ ଶତପଥୀ, ବିରଜା ସେଠୀ, ନାରାୟଣ ବେହେରା, ବିରଜା ତ୍ରିପାଠୀ, ଲାଲା ବିନୟ କୁମାର ରାଏ, ପ୍ରଶାନ୍ତ ସ୍ୱାଇଁ, ଶୁଭ୍ରାଂଶୁ ଶେଖର ପୃଷ୍ଟି, ସଂଗ୍ରାମ ରାଉତ ଓ ହିମାଂଶୁ ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ହୋଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ୨ କୋଟିର ରାସ୍ତା, ୨ ବର୍ଷରେ ବେହାଲ

# ରାସ୍ତାରେ ବଡ଼ ବଡ଼ ଖାଲ, ଲୋକେ ହନ୍ତସନ୍ତ



ରାଜନଗର, ୧୧।୮ (ସମିସ): ରାଜନଗର ଗାଁ ବାହାରେ ଗାଡ଼ି ଚଳାଚଳ ପାଇଁ ବାଇପାସ ରାସ୍ତା ନିର୍ମାଣ ହେଲା। ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ୨ ବର୍ଷ ପୂର୍ବେ ରାସ୍ତା ନିର୍ମାଣ ହୋଇଥିଲା। ଏବେ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଏବେ ଚାରିଚକିଆ ତ ଦୂରର କଥା, ଚାଲି କରି ଯିବା ସମ୍ଭବ ହେଉନି। ଗତ ଆର୍ଥିକ ବର୍ଷରେ ପ୍ରାୟ ୫୦ ଲକ୍ଷ ଟଙ୍କା ରଠ କାମ କରି ଲୁଟି ନେଇଥିବା ଅଭିଯୋଗ ହୋଇଛି। ରାସ୍ତା ପାଇଁ ଅର୍ଥ ବ୍ୟୟ ସତ୍ତ୍ୱେ ରାସ୍ତା ଯାତାୟାତ ଯୋଗ୍ୟ ହୋଇରହିନାହିଁ। ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ୧୫ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜନଗର ଗାଁ ଦେଇ ୧୫ଟି ପଞ୍ଚାୟତ ଓ ଭିତରକନିକାକୁ ବସ୍‌ଠାରୁ ଆରମ୍ଭ କରି ଟ୍ରକ ଓ ଚାରିଚକିଆ ଗାଡ଼ି ଯାତାୟାତ କରିଥାଏ। ଗାଁ ମଧ୍ୟରେ ଗାଡ଼ି ଚଳାଚଳ ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଓ ରାସ୍ତା ଜାମ ପରିସ୍ଥିତି ସୃଷ୍ଟି ହୋଇଥାଏ। ଗାଁ ବାହାରେ ଗାଡ଼ି ଚଳାଚଳ ପାଇଁ ରାଜନଗର ଜୟଗୁରୁ ଆଶ୍ରମଠାରୁ ସାନଓର ଯାଏଁ ୧୭୦୦ ମିଟର ନୂତନ ରାସ୍ତା ୨ କୋଟି ବ୍ୟୟରେ ନିର୍ମାଣ ହୋଇଥିଲା। ଠିକାଦାର ଠିକ ସମୟରେ କାମ ନ କରିବା ଓ ନିମ୍ନମାନର କାମ କରିବା ଯୋଗୁଁ ରାସ୍ତା ଉଦ୍‌ଘାଟନ ପୂର୍ବରୁ ଅଧିକାଂଶ ସ୍ଥାନରେ ଫାଟିବା ସହ ରାସ୍ତାରୁ ପିଚୁ ଉଠିଯାଇଥିଲା। ରଠ କରି ମରାମତି କରି ରାସ୍ତା ଉଦ୍‌ଘାଟନ କରିଦେଲେ। ମାତ୍ର ଗାଡ଼ି ଚଳାଚଳ କରିବା ପରେ ଅଧିକାଂଶ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଗତ ଦୁର୍ଗାପୂଜା ଓ ମାର୍ଚ୍ଚ ମାସରେ କେବଳ ପିଚୁ ଘଷି ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମରାମତି ପାଇଁ ବିଲ୍ ହୋଇଥିବା ନେଇ ଅଭିଯୋଗ ହୋଇଛି।

ଏପଟେ ଗତ ୩ ମାସ ହେଲା ରାସ୍ତାରେ ଗାଡ଼ି ଚଳାଚଳ କରି ହେଉନି। ରାସ୍ତାରେ ୨ରୁ ୩ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଗାଡ଼ି ଚଳାଚଳ ତ ଦୂରର କଥା, ବାଇକ୍‌ରେ ଯିବା ସମ୍ଭବ ହେଉନି। ଏହି ରାସ୍ତା ଭିତରକନିକା ଜାତୀୟ ଉଦ୍ୟାନକୁ ଆସୁଥିବା ପର୍ଯ୍ୟଟକଙ୍କ ଏକମାତ୍ର ରାସ୍ତା ହୋଇଥିବାବେଳେ ଏହି ରାସ୍ତା ଉପରେ ୧୫ଟି ପଞ୍ଚାୟତର ଦେଢ଼ ଲକ୍ଷ ଲୋକ ନିର୍ଭର କରିଥା'ନ୍ତି। ଯଥାଶୀଘ୍ର ଉକ୍ତ ରାସ୍ତାର ସଠିକ୍ ମରାମତି କରାଯିବାକୁ ଦାବି ହେଉଛି।

### ■ ଡେରାବିଶ ବ୍ଲକ୍ ଅଞ୍ଚଳରେ ଚାଲିଛି ଅବାଧରେ ବାଲି ବେପାର

## ନଷ୍ଟ ହେଉଛି ରାସ୍ତା, ଅଞ୍ଚଳବାସୀଙ୍କ ଅସନ୍ତୋଷ

ଡେରାବିଶ, ୧୧।୮ (ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବାଲିମାଫିଆ ସରକାରୀ ଓ ବେସରକାରୀ ଜାଗାରେ ବାଲି ଷ୍ଟକ ରଖି ବେପାରରେ ମାତିଛନ୍ତି। ଫଳରେ ବର୍ଷାଦିନେ ବିଭିନ୍ନ ଗାଁ ଗହଳିକୁ ଟ୍ରାକ୍ଟର ଓ ହାଇୱାରେ ବାଲି ଚାଲାଣ ହେଉଛି। ଫଳରେ ଗ୍ରାମାଞ୍ଚଳ ରାସ୍ତା ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ବାଲି ମାଫିଆମାନେ ଡେରାବିଶ ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମରେ ରହିଥିବା ସରକାରୀ ଦଣ୍ଡା ଓ ଗୋଚର ଜମିରେ ବିପୁଳ ପରିମାଣର ବାଲି ମହଜୁଦ ରଖିଛନ୍ତି। ଏବେ ସମସ୍ତ ନଦୀରେ ବନ୍ୟାଜଳ ଆସିଥିବାରୁ ନଦୀରୁ ବାଲି ଉଠାଇବା ସମ୍ଭବ ହେଉନାହିଁ। ଏହି ଆଳରେ ବାଲି ମାଫିଆ ଲୋକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ବହୁଗୁଣ ଅଧିକ ଦରରେ ଏହି ବାଲି ବିକ୍ରି କରି ବେଶ୍ ମୁନାଫା ପାଉଛନ୍ତି। ଫଳରେ ବର୍ଷାଦିନେ ଗ୍ରାମାଞ୍ଚଳରେ ଟ୍ରାକ୍ଟର ଓ ହାଇୱା ଦ୍ୱାରା ବାଲିଚାଲାଣ ହେଉଥିବାରୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି। ତେବେ ଖଣି ବିଭାଗ ପକ୍ଷରୁ ହାତଗଣତି ମାତ୍ର ଦୁଇ/ତିନୋଟି ସ୍ଥାନରେ ଚଢ଼ଉ କରାଯାଇ ଏହି ବାଲି ନିଲାମ କରାଯାଇଥିବାବେଳେ ଏବେବି ବହୁ ସ୍ଥାନରେ ମାଲ ମାଲ ବାଲି ଗଦା ଦେଖିବାକୁ ମିଳିଛି। ଯଦି ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବାଲି ଜବତ କରାଯାଇପାରନ୍ତା, ତେବେ ବାଲିମାଫିଆଙ୍କୁ ରୋକ୍ ଦିଆଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ମାର୍ଶାଘାଇ,୧୧।୮ (ସମିସ): ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସହ ଜିଲ୍ଲା ପ୍ରମୁଖ ଦିନେଶ ଦେବନାଥ, ସମ୍ମାନିତ ଅତିଥି ଭାବେ ସଂକୁଳ ପ୍ରମୁଖ ରାଜେଶ ଜେନା ଯୋଗଦେଇ ଉଦଘାଟନ କରିଥିଲେ। ଜ୍ଞାନ ବିଜ୍ଞାନ ପ୍ରଦର୍ଶନୀରେ ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃତିତ୍ୱ ଅର୍ଜନ କରିଥିବା ଗଣିତ ପ୍ରକଳ୍ପ, ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ବିଜ୍ଞାନ ପତ୍ରବାଚକ, ଗଣିତ ପତ୍ରବାଚକ, ସଂସ୍କୃତିଜ୍ଞାନ ପତ୍ରବାଚକ, ମୂର୍ତ୍ତି କଳା ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ୩୦୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୨୫ ଜଣ ବିଚାରକ ଏହି ପ୍ରକଳ୍ପକୁ ବିଚାର କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଚୟନ କରିଥିଲେ। ଉଦଯାପନୀ ଉତ୍ସବରେ ମାର୍ଶାଘାଇ ସରକାରୀ ନୋଡାଲ ସ୍କୁଲର ବିଜ୍ଞାନ ଶିକ୍ଷକ ସତ୍ୟାନନ୍ଦ ବେଜ ଯୋଗଦେଇ ଅନୁଷ୍ଠାନ, ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ

## ଜେଇଇ, ନିଟ୍ ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ



କେନ୍ଦ୍ରାପଡ଼ା,୧୧।୮ (ସମିସ)

ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ସହିତ ଭବିଷ୍ୟତରେ ବିଭିନ୍ନ ପ୍ରତିଯୋଗିତାମୂଳକ ଓ ନିଯୁକ୍ତି ପରୀକ୍ଷାରେ ସଫଳତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍ଗଦର୍ଶନ ଓ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କ୍ଲାସ୍ ନେବା ସହ ସେମାନଙ୍କୁ କ୍ୟାରିୟର ସମ୍ପର୍କିତ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି।

ଏ ଅବସରରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଶିକ୍ଷା, କ୍ୟାରିୟର ଯୋଜନା ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମତ ବିନିମୟ କରିଥିଲେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଁ ନିୟମିତ ଅଧ୍ୟୟନ, ସମୟର ସୁପରିଚାଳନା, ଆତ୍ମବିଶ୍ୱାସ ଓ ନିରନ୍ତର ଅଭ୍ୟାସ ଅତ୍ୟନ୍ତ ଜରୁରୀ ବୋଲି ସେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଶେଷକରି ଜେଇଇ ଓ ନିଟ୍ ଭଳି ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷା ପାଇଁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉପଲବ୍ଧ ଅନଲାଇନ୍ କୋଚିଂ ସୁବିଧାର ସୁଯୋଗ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ଏକାଡେମିକ ସପୋର୍ଟ ପ୍ରୋଗ୍ରାମ ମାଧ୍ୟମରେ ସାଧାରଣ ଜ୍ଞାନ, ଇଂରାଜୀ, ଗଣିତ ଓ ରିଜୋନିଂ ଭଳି ବିଷୟରେ ମିଳୁଥିବା ପ୍ରଶିକ୍ଷଣର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ କହିଥିଲେ ଯେ, ଏଭଳି ପ୍ରସ୍ତୁତି କେବଳ ଜେଇଇ ଓ ନିଟ୍ ଭଳି ପ୍ରବେଶିକା ପରୀକ୍ଷା ପାଇଁ ନୁହେଁ, ବରଂ ବିଭିନ୍ନ ପ୍ରତିଯୋଗିତାମୂଳକ ଓ ନିଯୁକ୍ତି ପରୀକ୍ଷାରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସଫଳ ହେବାରେ ସହାୟକ ହେବ। ଉପଲବ୍ଧ ସୁଯୋଗର ସଠିକ୍ ଉପଯୋଗ କରି ନିଜର ଦକ୍ଷତା ବିକାଶ କରିବା ସହ ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ +୨ ଛାତ୍ରଛାତ୍ରୀ ନିଜ ନିଜ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କିମ୍ବା ମୁଖ୍ୟଙ୍କ ସହ ଯୋଗାଯୋଗ କରି ଜେଇଇ ଓ ନିଟ୍ ଅନଲାଇନ୍ କୋଚିଂ ସହ ଏକାଡେମିକ ସପୋର୍ଟ ପ୍ରୋଗ୍ରାମର ସୁଯୋଗ ନେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଜିଲ୍ଲା ପ୍ରଶାସନର ଏଭଳି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ କ୍ୟାରିୟର ଗଠନରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି।

## କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ପଟ୍ଟାମୁଣ୍ଡାଇ, ୧୧।୮ (ସମିସ): ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ କ୍ରୀୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ୬୭ତମ ଜନ୍ମ ଜୟନ୍ତୀ ଅବସରରେ ବେଲତଳସ୍ଥ ହରିହରାନନ୍ଦ ଧ୍ୟାନ ମନ୍ଦିର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସ୍ୱାମୀଜୀଙ୍କ ପାଦୁକା ପୂଜା, ସମୂହ ପ୍ରାର୍ଥନା, ଦୀପଦାନ, ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ସହ ଗୁରୁବନ୍ଦନା ଗାନ କରାଯାଇଥିଲା। ଧ୍ୟାନ ମନ୍ଦିରରେ ଉପସ୍ଥିତ ଭକ୍ତ ପରମପୂଜ୍ୟ ସ୍ୱାମୀଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ପ୍ରାର୍ଥନା କରିଥିଲେ। ପରେ ଧ୍ୟାନ ମନ୍ଦିର ପରିସରରେ ବାବା ଦୁଷ୍ମନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରରେ ସ୍ୱାମୀ ଆଦିତ୍ୟନାଥ ଗିରି, ସ୍ୱାମୀ ଧ୍ୟାନ ନିଷ୍ଠାନନ୍ଦ ଗିରି, ସ୍ୱାମୀ ବ୍ରଜେଶାନନ୍ଦ ଗିରି, ବାବା ଗୋପିନାଥ କର, ବାବା ବ୍ରଜକିଶୋର ପଣ୍ଡା, ବାବା ଅଭିମନ୍ୟୁ ପଢିହାରୀ, ବାବା ପାବନୀ ରାଉତ, ସଂଯୁକ୍ତା ବିଶ୍ୱାଳ, ଧନେଶ୍ୱର ଦାସ, ବିଜୟ ରାୟ, ଗୋପିନାଥ ତ୍ରିପାଠୀ, ମିଟୁ ମନୋଜ ନାୟକ, ନବକିଶୋର ପଣ୍ଡା, ପ୍ରମୋଦ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ଶିଷ୍ୟ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ପାଟପୁରା ଥାନାରେ ସାଇବର ସୁରକ୍ଷା ସଚେତନା



ଗରଦପୁର,୧୧।୮ (ସମିସ): ପାଟକୁରା ଥାନାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଓ ପାଟକୁରା ଥାନା ପୁଲିସ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପାଟକୁରା ଥାନାଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତି, ଅବସରପାପ୍ତ ପ୍ରଶାସନିକ ଅଧିକାରୀ ଶରତ ସେଠୀ, ସମାଜସେବୀ ନରୋତ୍ତମ ପରିଡା, ଅବସରପ୍ରାପ୍ତ ଶିକ୍ଷକ ଅଜିତ୍ ପଣ୍ଡା ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅତିଥିମାନେ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଓ ଟ୍ରେଡ଼ିଂ ଠକେଇ, ପାର୍ସଲ/କଷ୍ଟମସ୍ ଠକେଇ, ନକଲି ଋଣ, ତତ୍କାଳ କ୍ରେଡିଟ୍ ଆପ୍ ଠକେଇ, ନକଲି ପରିଚୟ, ଓଟିପି ଠକେଇ, ଘରେ କାମ କରିବାର ଠକେଇ, ଇ-କମର୍ସ ରିଫଣ୍ଡ/ ଅଫର ଠକେଇ ସମ୍ବନ୍ଧରେ ସାବଧାନ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ୍‌ର ବରିଷ୍ଠ ନାଗରିକ ଉପସ୍ଥିତ ଥିବାବେଳେ ଶିକ୍ଷାବିତ୍ ଗଗନ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସବଇନ୍ସପେକ୍ଟର ଦୀପକ ସାମନ୍ତସିଂହାର, କର୍ମଚାରୀ ଖଗେଶ୍ୱର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ଅଶୋକ ସାହୁଙ୍କ ସ୍ମୃତିଚାରଣ ସଭା



କେନ୍ଦ୍ରାପଡ଼ା,୧୧।୮ (ସମିସ): କେନ୍ଦ୍ରାପଡ଼ା ପୌରାଞ୍ଚଳ ୧୧ ନମ୍ବର ୱାର୍ଡ ଅନ୍ତର୍ଗତ ମଢିଆଳସ୍ଥ ଅଶୋକ ସାହୁଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଅଶୋକ ସାହୁ ଜଣେ ସ୍ୱର୍ଣ୍ଣକାର ଭାବେ ନିଜ କର୍ମକ୍ଷେତ୍ରରେ ପରିଚିତ ଥିବାବେଳେ ତାଙ୍କ ବିୟୋଗରେ ପରିବାର, ବନ୍ଧୁବର୍ଗ ଓ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ମୃତିଚାରଣ ସଭାରେ ଅତିଥି ଓ ଶୁଭେଚ୍ଛୁ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, ସମାଜସେବୀ ରଂଜିତ ସାହୁ, ଖୋର୍ଦ୍ଧା ଜିଲ୍ଲା ବାଣପୁରର ସ୍ୱର୍ଣ୍ଣକାର କାରିଗର ସଭାପତି ରବିନ୍ଦ୍ର ପାଲ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ସ୍ୱର୍ଗତ ଅଶୋକ ସାହୁଙ୍କପତ୍ନୀ କବିତା ସାହୁ, ଝିଅ ଭାଗ୍ୟଶ୍ରୀ ସାହୁ, ବଡ଼ଭାଇ କ୍ଷୀରୋଦ ସାହୁ, ବଡ଼ଭାଉଜ ମିନାରାଣୀ ସାହୁଙ୍କ ସମେତ ପରିବାରର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଅଶୋକ କୁମାର ସାହୁଙ୍କ ସ୍ମୃତି ଚିରଦିନ ପର୍ଯ୍ୟନ୍ତ ପରିବାର ଓ ପରିଚିତ ମହଲରେ ଅମ୍ଳାନ ରହିବ ବୋଲି ଉପସ୍ଥିତ ବ୍ୟକ୍ତି ମତବ୍ୟକ୍ତ କରିଥିଲେ।

## ଏମଏନ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ



ପଟ୍ଟାମୁଣ୍ଡାଇ, ୧୧।୮ (ସମିସ): ପଟ୍ଟାମୁଣ୍ଡାଇର ସର୍ବପୁରାତନ ମନ୍ମଥନାଥ ହାଇସ୍କୁଲ ୧୯୮୩ ମାଟ୍ରିକ ଜୁନିୟର ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଓ ଗୁରୁପୂଜନ ପଟ୍ଟାମୁଣ୍ଡାଇ ପୌରପାଳିକା କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଚ୍ଚିକାନ୍ତ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଗୁରୁ ପରୀକ୍ଷିତ ରାୟ, ଖଗେଶ୍ୱର ପରିଡ଼ା, କୃଷ୍ଣଚନ୍ଦ୍ର ପଣ୍ଡା ଓ ବିଷ୍ଣୁଚରଣ କରଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଦାମୋଦର ସାହୁ, ରମେଶ ସାହୁ, କୃଷ୍ଣଚନ୍ଦ୍ର ମିଶ୍ର, ଅକ୍ଷୟ ସାହୁ ପ୍ରମୁଖ ଗୁରୁଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ବକ୍ତବ୍ୟ ରଖିଥିବାବେଳେ ତୁଷାର ଜେନା, ଅଞ୍ଜନ ରାଉତ, ଅଜିତ ନାୟକ, ବଂଶୀଧର ପଣ୍ଡା, ବୈଦ୍ୟନାଥ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅକ୍ଷୟ ସାହୁ ଲଟେରି ଜିତି ଗୁରୁଙ୍କଠାରୁ 'ଭାଗ୍ୟବାନ ଛାତ୍ର' ପୁରସ୍କାର ପାଇଥିଲେ। ରଞ୍ଜିତ ଦାସ, ସୁବୋଧ ଖଣ୍ଡାୟୀ, ଦିଲ୍ଲୀପ ନାୟକ, ବିକାଶ ଦାସ, ବାସୁଦେବ ସାହୁ, ସତ୍ୟନାରାୟଣ ସାମନ୍ତରାୟ, ଅଶୋକ ନାୟକ, ଅଭିମନ୍ୟୁ ଦାସ, ହୃଷିକେଶ ନାଥ, ତାରକେଶ୍ୱର ଦାସ, ଲକ୍ଷ୍ମୀଧର ନାୟକ, ଶରତ ନାୟକ, ବିଚିତ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍‌ଏନ୍ କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ଚାରାରୋପଣ

ରାଜକନିକା,୧୧।୮ (ସମିସ): ରାଜକନିକା ଏସଏନ କଲେଜ ୧୯୯୦ରୁ ୧୯୯୫ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ମୃତିମନ୍ଦିର ଆନୁକୂଲ୍ୟରେ ଅଗଷ୍ଟ କ୍ରାନ୍ତି ଦିବସରେ ରାଜକନିକାର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କନିକା ତହସିଲଦାର ଭାନୁମତୀ ମାଝୀ, ଥାନା ଅଧିକାରୀ ସଞ୍ଜୟ ମଲିକ, ଅବସରପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହୁରା, ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀଙ୍କ ସହ ସ୍ମୃତି ମନ୍ଦିରର ସଦସ୍ୟ ଯୋଗଦେଇ ଶ୍ମଶାନରେ ବୃକ୍ଷରୋପଣ କରାଇଥିଲେ।

## ଅରଡ଼ପଲ୍ଲୀ ହାଇସ୍କୁଲରେ ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ,୧୧।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅରଡ଼ପଲ୍ଲୀ ଆଞ୍ଚଳିକ ସରକାରୀ ଉଚ୍ଚବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସ୍କୁଲ ଏସଆଇ ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟଅତିଥି, କେନ୍ଦ୍ରାପଡା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ, କଷଣଅଣ୍ଡା ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାସ ପ୍ରଧାନ, ବରିଷ୍ଠ ସମାଜସେବୀ ସୁନାକର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜଶ୍ରୀ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ମଲିକ ଓ ବିଦାୟୀ କ୍ରୀଡ଼ା ଶିକ୍ଷକ ସହଦେବ ଘଡାଇ, ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ, ପ୍ରାକ୍ତନ ପିଇଓ ରମେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଡ. ଜେନା କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ବୀରଭଦ୍ର ମେମୋରିଆଲ ପକ୍ଷରୁ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶୁଭଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ଆର୍ଥିକ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ ବିଦ୍ୟାଳୟର ଶିକ୍ଷକଙ୍କ ଅଭାବ ଦୃଷ୍ଟିରୁ ଯଥାଶୀଘ୍ର କ୍ରୀଡ଼ା ଶିକ୍ଷକ, କିରାଣି, ପିଅନ ନିଯୁକ୍ତି ଦେବା ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ସମସ୍ତ ଅତିଥିଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଦାୟୀ ଶିକ୍ଷକ ସହଦେବ ଘଡାଇ, ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ, କିରାଣି ନିରଞ୍ଜନ ଦାସଙ୍କ କର୍ମମୟ ଜୀବନ ଓ ବିଦ୍ୟାଳୟ ବିକାଶରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବିଦାୟୀ ଶିକ୍ଷକ, କିରାଣି ଓ ପୂର୍ବତନ ପିଇଓ ରମେଶ ସ୍ୱାଇଁଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ଶରତ ମଲିକ ସ୍ୱାଗତ ଭାଷଣ ଓ ଶ୍ରୀନିବାସ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଶ୍ରୀଜଗନ୍ନାଥ କଲେଜରେ ଜାତୀୟ କୃମିନାଶକ ଦିବସ

ରାଜନଗର,୧୧।୮ (ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଓ କିଶୋରକିଶୋରୀଙ୍କୁ କୃମି ସଂକ୍ରମଣରୁ ସୁରକ୍ଷିତ ରଖି ସେମାନଙ୍କ ସୁସ୍ଥ ବିକାଶ ସୁନିଶ୍ଚିତ କରିବା ଉପରେ ଦିଆଯାଉଛି ବିଶେଷ ଗୁରୁତ୍ୱ ଓ ନିୟମିତ କୃମିନାଶକ ଔଷଧ ସେବନ ଦ୍ୱାରା କୃମି ସଂକ୍ରମଣର ନିୟନ୍ତ୍ରଣ ସହ ଶରୀରରେ ପୋଷକ ତତ୍ତ୍ୱର ଉପଯୁକ୍ତ ବ୍ୟବହାର ହୋଇଥାଏ। ଯାହା ଶିଶୁଙ୍କ ଶାରୀରିକ ଓ ସାମଗ୍ରିକ ବିକାଶରେ ସହାୟକ ହୁଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଡିଏମଓ ଡାକ୍ତର ନମିତା ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ,ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ବିଡିଓ ଅଶୋକ ମହାନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୀୟ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡାକ୍ତର ମନୋରଞ୍ଜନ ସାହୁ, ସୁକାନ୍ତ ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଶୁଭନାରାୟଣ ନାୟକ, ସିଡିପିଓ ଦୀପାଲି ମିଶ୍ର ପ୍ରମୁଖ ଯୋଗଦେଇ କୃମିମୁକ୍ତ, ସୁସ୍ଥ ଓ ସୁରକ୍ଷିତ ଶୈଶବ ଗଢ଼ିବା ପାଇଁ ସମସ୍ତେ ମିଶି ସଚେତନତା ସୃଷ୍ଟି କରିବା ଓ କୃମିନାଶକ ଅଭିଯାନକୁ ସଫଳ କରିବା ବୋଲି କହିଥିଲେ। ମହାବିଦ୍ୟାଳୟର ୧୦୦୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ କୃମି ନାଶକ ବଟିକା ଖୁଆଯାଇଥିଲା।

## ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଶିକ୍ଷକ ତାଲିମ କର୍ମଶାଳା

ଡେରାବିଶ, ୧୧।୮ (ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଶିକ୍ଷକ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପ୍ତି ନାୟକ, ସ୍ୱତନ୍ତ୍ର ଅତିଥି ଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ପରିଡ଼ା, ଡେରାବିଶ ବ୍ଲକ୍ ବିଆରସିସି ଦେବଦତ୍ତ ଶତପଥି, ଏବିଇଓ ଖଗେଶ୍ୱର ନାୟକ, ନୋଡାଲ ପ୍ରଧାନଶିକ୍ଷୟିତ୍ରୀ ଡଃ କାନନବାଳା ନାୟକ, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଚେୟାରମ୍ୟାନ ନିରଞ୍ଜନ ବେହେରା, କଳିଙ୍ଗ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି, ଶୁଭାଂଶୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ବୈଷୟିକ କର୍ମଶାଳାରେ ସାଧନ କର୍ମୀ ଭାବେ ପୀତବାସ ପଣ୍ଡା, ମନୋଜ ଶତପଥି, ଭାଗୀରଥି ମହାନ୍ତି, ସୁଧାଂଶୁ ଦାସ, ଡକ୍ଟର କାନନବାଳା ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କେଉଁ କେଉଁ ସମସ୍ୟା ସମ୍ପର୍କରେ କିଭଳି ପଥପ୍ରଦର୍ଶନ କରିବେ, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିବିରାର୍ଥୀ ଶିକ୍ଷକ ନିଜ ନିଜ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏ ସମ୍ପର୍କରେ ପ୍ରସ୍ତୁତ କରାଇ ସମସ୍ୟାର ସାମାଧାନ ନିମନ୍ତେ ପ୍ରକଳ୍ପ ପ୍ରସ୍ତୁତ କରିବାରେ ପଥପ୍ରଦର୍ଶକ ହେବେ। ଏଥିସହିତ ଏକ ସନ୍ଦର୍ଭ ପ୍ରସ୍ତୁତ କରି ଆସନ୍ତା ନଭେମ୍ବର ମାସରେ ହେବାକୁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ପ୍ରକଳ୍ପ ପ୍ରଦର୍ଶିତ କରିବେ। କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ କ୍ୟାମ୍ପସର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମକୁ ଶିବନାରାୟଣ ମହାନ୍ତି, ଦୀପକ ଓଝା ପ୍ରମୁଖ ପରିଚାଳନା କରିଥିଲେ।

### କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତା କାମ ନିମ୍ନମାନର ଅଭିଯୋଗ

## ଫାଟି ଆଁ କଲାଣି; ସ୍ଥାୟିତ୍ୱ ନେଇ ସନ୍ଦେହ



ଡେରାବିଶ, ୧୧।୮ (ସମିସ)

ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜ ଛକଠାରୁ ଗୋଲରାହାଟ ପଞ୍ଚାୟତର ଗୋଲରାହାଟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ମାତ୍ର କେଇମାସ ତଳେ ନିର୍ମାଣ ହୋଇଥିଲା। ତେବେ ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଫାଟି ଆଁ କରିଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାଟି ବ୍ଲକ୍ ଅଞ୍ଚଳର ଏକ ମୁଖ୍ୟ ରାସ୍ତା ହୋଇଥିବାବେଳେ ଏହା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଓ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ସଂଯୋଗ କରିଛି। ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଏହାର ପ୍ରଶସ୍ତୀକରଣ ଓ ପିଚୁ କାର୍ଯ୍ୟ କରାଯାଇଥିଲା। ଏପରିକି ରାସ୍ତା ପ୍ରଶସ୍ତିକରଣ ସମୟରେ ଆବଶ୍ୟକ ସ୍ଥଳେ ରାସ୍ତା କଡ଼ରେ କଂକ୍ରିଟ୍ ଗାଡର୍‌ୱାଲ୍ ମଧ୍ୟ ନିର୍ମାଣ କରାଯାଇଥିଲା। ହେଲେ ମାତ୍ର ଅଳ୍ପ କେଇଦିନ ତଳେ ନିର୍ମାଣ କରାଯାଇଥିବା ଏହି ରାସ୍ତା ଏବେ ଫାଟି ଆଁ କଲାଣି। ଅବସ୍ଥା ଏପରି ହୋଇଛି ଯଦି କୌଣସି ଭାରୀଯାନ ଏହି ରାସ୍ତାରେ ଯାଏ, ତେବେ ଏହି ରାସ୍ତା ଦବି ଗାଡ଼ି ଓଲଟି ପଡ଼ିବା ସମ୍ଭାବନା ଦେଖାଦେଇଛି। ଏହା ଅଁଳାବାଙ୍କ ଛକଠାରୁ ଗୁଆଲସିଂ ଅନ୍ତର୍ଗତ ରେଲୱେ ଓଭରବ୍ରିଜ୍ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି। ଏହି ସ୍ଥାନରେ ରାସ୍ତା କଡ଼ରେ କଂକ୍ରିଟ୍ ଗାଡର୍ ୱାଲ ଦିଆଯାଇଥିଲେ ମଧ୍ୟ ସାମାନ୍ୟ ବର୍ଷାରେ ଏହି ରାସ୍ତା ଫାଟି ଧସିଗଲାଣି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଠିକାଦାର ଜଣକ ରାସ୍ତା ପ୍ରଶସ୍ତୀକରଣ ସମୟରେ ମାଟି ପକାଇଥିଲେ ମଧ୍ୟ ଏହାକୁ ସଠିକ୍ ଭାବେ କମ୍ପାକ୍ଟ ନ କରି ତା' ଉପରେ ପିଚୁ କରିଦେଇ ତରବରିଆ ଭାବେ କାମ ସାରିଦେଇଛନ୍ତି। ଯଦ୍ୱାରା ରାସ୍ତାର ଏପରି ଅବସ୍ଥା ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅଜୟ ଦାସଙ୍କୁ ପଚାରିବାରୁ ସେ କହିଲେ, ନିର୍ମାଣ ଅବଧି ସରି ନ ଥିବାରୁ ଠିକାଦାର ଏହି ରାସ୍ତାକୁ ପୁନଃ ମରାମତି କରିବେ। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୩୦ ● ପାଉଣ୍ଡ ୧୨୮.୮୯
- ୟୁରୋ ୧୧୦.୧୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୪୧,୦୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୧୫୪.୦୦
- ନିଫ୍ଟି ୨୪,୪୭୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ଜିଏସ୍‌ଟି ସଂସ୍କାରର ଉତ୍ସାହ ଶେଷ!

# ଧିମା ପଡିବ ଆର୍ଥିକ ଅଭିବୃଦ୍ଧି

ନୂଆଦିଲ୍ଲୀ,୧୧।୮(ଏଜେନ୍ସି): ଚଳିତ ଆର୍ଥିକବର୍ଷରେ ଅଭିବୃଦ୍ଧି କ୍ଷେତ୍ରରେ ଦେଶକୁ ଲାଗିପାରେ ବଡ଼ ଝଟ୍‌କା। କାରଣ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଅଭିବୃଦ୍ଧିର ଏହି ଗତିକୁ ମନ୍ଥର କରିପାରେ। ଏମିତିକି ୨୦୨୫ରେ ସରକାର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କ୍ଷେତ୍ରରେ ଆଣିବା ସଂସ୍କାର ପଦକ୍ଷେପ ଯୋଗୁ ବଜାରକୁ ମିଳିଥିବା ଉତ୍ସାହ ମଧ୍ୟ କ୍ରମଶଃ ହ୍ରାସ ପାଉଥିବା ପରି ମନେହେଉଛି। ଫିଚ୍ ସଲ୍ୟୁସନ୍ସର କମ୍ପାନୀ ବିଏମ୍‌ଆଇ ଏହାର ସଦ୍ୟତମ ରିପୋର୍ଟରେ ଏ ନେଇ ଚେତାବନୀ ଦେଇଛି।

ରିପୋର୍ଟ ଅନୁଯାୟୀ, ୨୦୨୬-୨୭ ଆର୍ଥିକବର୍ଷରେ ଭାରତର ଅଭିବୃଦ୍ଧି ୬.୬ ପ୍ରତିଶତ ରହିବ ବୋଲି ଆଶା କରାଯାଉଛି, ଯାହା ପୂର୍ବ ଆର୍ଥିକବର୍ଷ ୨୦୨୬ରେ ୭.୭ ପ୍ରତିଶତ ଥିଲା। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଚିନ୍ତାର କାରଣ ସାଜିଥିବା ମୁଦ୍ରାସ୍ଫୀତି ମଧ୍ୟ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରୁଛି।

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଅଭିବୃଦ୍ଧି ହ୍ରାସ ସତ୍ତ୍ୱେ, ଭାରତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସବୁଠାରୁ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ରହିବ। ତଥାପି, ପଶ୍ଚିମ ଏସିଆରେ ନୂତନ ଉତ୍ତେଜନା, ଅର୍ଥାତ୍ ଭାରତର ଅଭିବୃଦ୍ଧି ପ୍ରତି ଆମେରିକା-ଇରାନ ବିବାଦର ବିପଦ ରହିଛି। ଏହାସହିତ ଏକ ଦୁର୍ବଳ ମୌସୁମୀ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ। ସାମ୍ପ୍ରତିକ ବିଏମ୍‌ଆଇ ରିପୋର୍ଟ ଅନୁଯାୟୀ, ଜିଏସ୍‌ଟି





ସଂସ୍କାରର ବୁଷ୍ଟର ଡୋଜ୍ ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଧୀମା ରହିବ। ଏବେ ବି ସରକାରଙ୍କୁ କାରଣ ମୁଦ୍ରାସ୍ଫୀତି ଚିନ୍ତା ଜାରି ରହିଛି। ଚଳିତ ଆର୍ଥିକବର୍ଷରେ ହାରାହାରି ମୁଦ୍ରାସ୍ଫୀତି ହାର ୫.୪% ରହିବ ବୋଲି ଆଶା କରାଯାଉଛି। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ପରିବାର ଆୟ ଉପରେ ନକାରାତ୍ମକ ପ୍ରଭାବ ପକାଇବ।

କେନ୍ଦ୍ର ସରକାର ଆର୍ଥିକ ଅଭିବୃଦ୍ଧି ବଜାୟ ରଖିବା ପାଇଁ ଗତ ବର୍ଷ ସେପ୍ଟେମ୍ବରରେ ଜିଏସ୍‌ଟି ସଂସ୍କାର ଘୋଷଣା କରିଥିଲେ, କିନ୍ତୁ ମୁଦ୍ରାସ୍ଫୀତି ବିପଦ ଏବେ ଅଭିବୃଦ୍ଧି ଉପରେ ଭାରି ପଡୁଥିବା ପରିଲକ୍ଷିତ ହେଉଛି। ଜିଏସ୍‌ଟି ସଂସ୍କାର ଅଧୀନରେ, ସରକାର ୩୭୫ଟି ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିଛନ୍ତି। ଏଥିରେ ପୂର୍ବରୁ ପ୍ରଚଳିତ ଚାରି-ସ୍ତରୀୟ ଜିଏସ୍‌ଟି ସରଞ୍ଚନାକୁ ୫% ଏବଂ ୧୮% ଦୁଇଟି ସ୍ଲାବ୍‌ରେ ବିଭକ୍ତ କରାଯାଇଛି।

ରିପୋର୍ଟ ଅନୁଯାୟୀ, ବିଏମ୍‌ଆଇ ଏବେ ବି ଆମେରିକା-ଇରାନ ଉତ୍ତେଜନାକୁ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ଏକ ପ୍ରମୁଖ ବିପଦ ବୋଲି ବିବେଚନା କରୁଛି। କାରଣ ଏଭଳି ଉତ୍ତେଜନା ଅଶୋଧିତ ତୈଳ ମୂଲ୍ୟକୁ ବୃଦ୍ଧି କରିପାରେ। ଫଳସ୍ୱରୂପ,

### ଚିନ୍ତା ବଢ଼ାଇବ ମୁଦ୍ରାସ୍ଫୀତି ?

### ଜିଏସ୍‌ଟିରେ ୨ ସ୍ଲାବ୍ ବ୍ୟବସ୍ଥା

ଏହାର ସିଧାସଳଖ ପ୍ରକୃତ ଆୟ ଏବଂ ବ୍ୟକ୍ତିଗତ ବ୍ୟବହାରକୁ ପ୍ରଭାବିତ କରେ। ଫଳସ୍ୱରୂପ, ୨୦୨୭ରେ ଏପିଏସି ଅଭିବୃଦ୍ଧି ୪.୧% ହେବ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ, ପ୍ରାରମ୍ଭିକ ଆମେରିକା-ଇରାନ ଚୁକ୍ତି ଏହି ତ୍ରୈମାସିକରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଯଦି ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୮୬ ଡଲାରର ମୂଳସୀମା ଉପରେ ବୃଦ୍ଧି ପାଏ, ତେବେ ଅଭିବୃଦ୍ଧି ଆକଳନ ପୁଣି ଥରେ ସଂଶୋଧନ କରାଯାଇପାରେ।

# ଚଳିତ ବର୍ଷ ସୁନା ୨୮ ହଜାର ମହଙ୍ଗା

ନୂଆଦିଲ୍ଲୀ,୧୧।୮(ଏଜେନ୍ସି): କିଛି ଦିନ ହେବ ଘରୋଇ ବଜାରରେ କ୍ରମାଗତ ଭାବେ ସୁନା ଓ ରୁପା ମୂଲ୍ୟରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ମଙ୍ଗଳବାର ମଧ୍ୟ ସୁନା ଏବଂ ରୁପା ମୂଲ୍ୟ ବଢ଼ିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧.୫୪ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ସୁନା ଚଳିତ ବର୍ଷ ୨୮ ହଜାର ଟଙ୍କା ମହଙ୍ଗା ହେଲାଣି। କେବଳ ଅଗଷ୍ଟ ମାସରେ ସୁନା ମୂଲ୍ୟ ୧୧,୬୩୦ ଟଙ୍କା ବଢ଼ିଛି। ସେହିପରି ଏକ କିଲୋଗ୍ରାମ ରୁପା ମୂଲ୍ୟ ୨.୫୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଅଗଷ୍ଟ ମାସରେ ସୁନା ଭଳି ରୁପା ମୂଲ୍ୟରେ ମଧ୍ୟ ବଡ଼ ବୃଦ୍ଧି ଘଟିଛି। ଚଳିତ ମାସ ରୁପା ଦରରେ ୨୩ ହଜାର ଟଙ୍କା ମହଙ୍ଗା ହୋଇଛି।

ଚଳିତବର୍ଷ ସୁନା ଏବଂ ରୁପାର ମୂଲ୍ୟରେ ନିରନ୍ତର ପରିବର୍ତ୍ତନ ଜାରି ରହିଛି। ୩୧ ଡିସେମ୍ବର ୨୦୨୫ରେ ୧୦ ଗ୍ରାମ ସୁନା ୧. ୩୩ ଲକ୍ଷ ଟଙ୍କା ଉପରେ ଥିଲା, ଯାହା ଏବେ ୧.୫୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ରୁପାର ମୂଲ୍ୟକୁ ଯଦି ଆମେ ଦେଖିବା ଏଥିରେ ୨୫ ହଜାର ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି। ୩୧ ଡିସେମ୍ବର ୨୦୨୫ରେ ରୁପା କିଲୋଗ୍ରାମ ପ୍ରତି ୨.୩୦ ଲକ୍ଷ ଟଙ୍କା ଥିଲା, ଯାହା ଏବେ



### ରୁପା ଦର ୨୫ ହଜାର ବଢ଼ିଛି

୨.୫୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ଚଳିତ ବର୍ଷ ଜାନୁଆରୀ ମାସରେ ସୁନା ଓ ରୁପା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚି ଥିଲା। ୧୦ ଗ୍ରାମ ୨୪ କ୍ୟାରେଟ ସୁନା ଦର ୨୯ ଜାନୁଆରୀରେ ୧.୭୬ ଲକ୍ଷ ଟଙ୍କା ହୋଇଯାଇଥିଲା। ସେତେବେଳେ ରୁପା କେଜି ୩.୮୬ ଲକ୍ଷ ଟଙ୍କା ରହିଥିଲା ।

# ଆମେରିକା କୋର୍ଟରେ ଆଦାନୀ ମାମଲା ଖାରଜ

ୱାଶିଂଟନ୍, ୧୧।୮(ଏଜେନ୍ସି): ସୋମବାର ଏକ ଆମେରିକୀୟ କୋର୍ଟ ଗୌତମ ଆଦାନୀଙ୍କ ବିରୋଧରେ ଲାଞ୍ଚ ଏବଂ ଠକେଇ ମାମଲାକୁ ଖାରଜ କରିଦେଇଛନ୍ତି। ବ୍ରୁକଲିନର ଆମେରିକୀୟ ଜିଲ୍ଲା କୋର୍ଟର ବିଚାରପତି ନିକୋଲାସ୍ ଗାରୌଫିସ୍ ମାମଲା ଖାରଜ କରିବା ପାଇଁ ଆମେରିକୀୟ ନ୍ୟାୟ ବିଭାଗର ଅନୁରୋଧକୁ ମଞ୍ଜୁର କରିଛନ୍ତି। ଗୌତମ ଆଦାନୀଙ୍କ ବିରୋଧରେ ୨୦୨୪ରେ ଭାରତୀୟ ସରକାରୀ ଅଧିକାରୀମାନଙ୍କୁ ଲାଞ୍ଚ ଦେବାକୁ ରାଜି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ମଧ୍ୟ ଅଭିଯୋଗ ହୋଇଥିଲା ଯେ ଏହି ଲାଞ୍ଚ ଆଦାନୀ ଗ୍ରୁପ୍ କମ୍ପାନୀ ପାଇଁ ଏକ ସୌର ଶକ୍ତି ପ୍ଲାଣ୍ଟ ଚୁକ୍ତିନାମା ସୁରକ୍ଷିତ କରିବା ପାଇଁ ବ୍ୟବହାର କରାଯାଇଥିଲା। ଆଦାନୀ ଗ୍ରୁପ୍ ଏହି ଅଭିଯୋଗଗୁଡ଼ିକୁ କ୍ରମାଗତ ଭାବରେ ଖଣ୍ଡନ କରିଛି। କୋର୍ଟର ନିଷ୍ପତ୍ତି ପରେ, ଗୌତମ ଆଦାନୀ ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛନ୍ତି, ସେ ନ୍ୟାୟିକ ପ୍ରକ୍ରିୟା ପ୍ରତି ନମ୍ରତା ଏବଂ ଗଭୀର ସମ୍ମାନ ସହିତ ଆମେରିକୀୟ କୋର୍ଟର ନିଷ୍ପତ୍ତିକୁ ସ୍ୱାଗତ କରୁଛନ୍ତି।

ଏହି ମାମଲାରେ ଭାରତରେ ଲାଞ୍ଚ ଏବଂ ସୌରଶକ୍ତି ଚୁକ୍ତିନାମା ସାମିଲ ଥିଲା, କିନ୍ତୁ ଏଥିରେ ଆମେରିକୀୟ ନିବେଶକମାନେ ମଧ୍ୟ ସାମିଲ ଥିଲେ। ଆଦାନୀ ଗ୍ରୀନ୍ ଏନର୍ଜି ସେପ୍ଟେମ୍ବର ୨୦୨୧ରେ ୭୫ କୋଟି ଡଲାର ମୂଲ୍ୟର ବଣ୍ଡ ଜାରି କରିଥିଲା। ଏଥିମଧ୍ୟରୁ ପ୍ରାୟ ୧୭.୫ କୋଟି ଡଲାର ଆମେରିକୀୟ ନିବେଶକଙ୍କ ଦ୍ୱାରା



### ଦୁଇ ବର୍ଷ ପୂର୍ବେ ଦାୟର ହୋଇଥିଲା ମାମଲା

### ଭାରତୀୟ ଅଧିକାରୀଙ୍କୁ ଲାଞ୍ଚ ଦେଇ ଆମେରିକୀୟ ନିବେଶକଙ୍କୁ ଠକିବା ଅଭିଯୋଗ

ନିବେଶ କରାଯାଇଥିଲା। ଆମେରିକୀୟ ତଦନ୍ତକାରୀ ଏଜେନ୍ସି ଅନୁଯାୟୀ, କମ୍ପାନୀ ଏହି ନିବେଶକମାନଙ୍କୁ ଲାଞ୍ଚ ସହିତ ଜଡିତ ବିପଦ ଏବଂ ଏହାକୁ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେଇ ନ ଥିଲା। ଏହାର ଅର୍ଥ ହେଉଛି ନିବେଶକମାନଙ୍କୁ କମ୍ପାନୀ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇ ନ ଥିଲା। ଏହି କାରଣରୁ ମାମଲା କେବଳ ଭାରତରେ କଥିତ ଲାଞ୍ଚଠାରୁ ଆଗକୁ ବଢ଼ିଥିଲା। ଏଥିରେ ଆମେରିକୀୟ ନିବେଶକଙ୍କ ଟଙ୍କା ମଧ୍ୟ ଜଡିତ ଥିଲା ଏବଂ ଆମେରିକାରେ ଠକେଇ ଅଭିଯୋଗ ଦାୟର କରାଯାଇଥିଲା। ଆମେରିକୀୟ ପବ୍ଲିକ ପ୍ରସିକ୍ୟୁଟରମାନେ ଅଭିଯୋଗ କରିଛନ୍ତି ଯେ କଥିତ ଲାଞ୍ଚ ଭାରତୀୟ ଅଧିକାରୀମାନଙ୍କୁ ଦେବା ପାଇଁ ଯୋଜନା କରାଯାଇଥିଲା, ନିବେଶକମାନଙ୍କୁ ସଠିକ୍ ଭାବରେ ସୂଚନା ଦିଆଯାଇ ନଥିଲା ଏବଂ ଇଲେକ୍ଟ୍ରୋନିକ୍ ଉପାୟ ବ୍ୟବହାର କରି ଠକେଇ କରାଯାଇଥିଲା। ଏହା ବ୍ୟତୀତ, ଆମେରିକୀୟ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି) ମଧ୍ୟ ନିବେଶକମାନଙ୍କୁ ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବା ପାଇଁ ଆମେରିକୀୟ ବିନିମୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ପ୍ଲାଷ୍ଟିକ ନୋଟ୍‌ର ପରୀକ୍ଷାମୂଳକ ପ୍ରଚଳନକୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୧।୮(ଏଜେନ୍ସି): କେନ୍ଦ୍ର ସରକାର ୧୦ ଏବଂ ୨୦ ଟଙ୍କିଆ ମୂଲ୍ୟର ନୂତନ ପଲିମର (ପ୍ଲାଷ୍ଟିକ୍) ନୋଟ୍ ପ୍ରଚଳନକୁ ଅନୁମୋଦନ କରିଛନ୍ତି। ଏଥିରେ ୧୦ ଓ ୨୦ ଟଙ୍କିଆ ପଲିମର ନୋଟ୍ ଫିଲ୍ଡ ଟ୍ରାଏଲ୍(ପରୀକ୍ଷା ମୂଳକ ପ୍ରଚଳନ) ପାଇଁ ମଞ୍ଜୁର କରାଯାଇଛି। ପ୍ରତ୍ୟେକ ନୋଟ୍ ମୂଲ୍ୟର ୧୦୦ କୋଟି ପଲିମର କିମ୍ବା ପ୍ଲାଷ୍ଟିକ୍ ନୋଟ୍ ଜାରି କରାଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କେନ୍ଦ୍ରୀୟ ବୋର୍ଡର ସୁପାରିଶ ଉପରେ ଆଧାର କରି, ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ, ୧୯୩୪ର ଧାରା ୨୫ ଅନୁଯାୟୀ ୧୦ ଏବଂ ୨୦ ଟଙ୍କା ମୂଲ୍ୟର ପଲିମର ନୋଟ୍ ପାଇଁ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା, ଯାହାକୁ ସରକାର ଅନୁମୋଦନ କରିଛନ୍ତି। ଯୋଜନା ଅନୁଯାୟୀ ଏହି ନୋଟ୍ ଗୁଡ଼ିକର ପ୍ରଥମେ ପରୀକ୍ଷଣ କରାଯିବ। ଯଦି ପରୀକ୍ଷା ସଫଳ ହୁଏ, ତେବେ ଭବିଷ୍ୟତରେ





### ୧୦ -୨୦ ଟଙ୍କିଆ ନୋଟ୍ ହେବ ପ୍ଲାଷ୍ଟିକ୍

### ଉଭୟ ମୂଲ୍ୟର ୧୦୦ କୋଟି ଲେଖାଁଏ ନୋଟ୍ ଆସିବ

ସେଗୁଡ଼ିକ ନିୟମିତ ଭାବରେ ଜାରି କରାଯିବ। ଆରବିଆଇ ଅନୁଯାୟୀ, ପଲିମର ନୋଟ୍ କାଗଜ ନୋଟ୍ ସହିତ ଜାରି କରାଯିବ। ଅର୍ଥାତ୍ କାଗଜ ନୋଟ୍ ବନ୍ଦ ହେବ ନାହିଁ। ପଲିମର ନୋଟ୍ ସହିତ କାଗଜ ନୋଟ୍ ବି ପୂର୍ବପରି ବଜାରରେ ଚାଲୁ ରହିବ। ଆର୍‌ବିଆଇ ଓ କେନ୍ଦ୍ର ସରକାର ଏ ନେଇ ସ୍ପଷ୍ଟ ଭାବରେ କହିସାରିଛନ୍ତି। ନୂଆ ପଲିମର ନୋଟ୍‌କୁ ପର୍ଯ୍ୟାୟକ୍ରମେ ବଜାରକୁ ଛଡ଼ାଯିବ। ତା ସହିତ କାଗଜ ନୋଟ ବି ଚାଲୁ ରହିବ। ଧୀରେ ଧୀରେ ବଜାରରେ ପଲିମର ନୋଟ କବ୍‌ଜା କରିବା ପରେ କାଗଜ ନୋଟ୍ ବନ୍ଦ ହେବା ନେଇ ସରକାର ନିଷ୍ପତ୍ତି ନେଇପାରନ୍ତି। ତେବେ ଏଥିପାଇଁ ସରକାର ଏକ ସର୍କୁଲାର ମଧ୍ୟ ଜାରି କରିବେ। ସର୍କୁଲାର ଜାରି ନ ହେବା ପର୍ଯ୍ୟନ୍ତ କାଗଜ ନୋଟ ପୂର୍ବପରି ଜାରି ରହିବ। ଏମିତିକି ନୂଆ ୧୦ ଓ ୨୦ ଟଙ୍କିଆ ପଲିମର ନୋଟ୍ ପ୍ରଚଳନ ପରେ ମଧ୍ୟ ପୁରୁଣା ୧୦ ଏବଂ ୨୦ ଟଙ୍କା ମୂଲ୍ୟର କାଗଜ ନୋଟ୍ ଜାରି ରହିବ। ୨୦୧୨ରେ ଭାରତରେ ପଲିମର ମୋଟ୍ ପ୍ରଚଳନ ପାଇଁ ପ୍ରଚେଷ୍ଟା କରାଯାଇଥିଲା। ହେଲେ ଟେକ୍ନିକାଲ ସମସ୍ୟା ଯୋଗୁ ଏହାକୁ ସେତେବେଳେ ସ୍ଥଗିତ ରଖାଯାଇଥିଲା। ତେବେ ଅଷ୍ଟ୍ରେଲିଆ, କାନାଡା, ୟୁକେ ସମେତ ବିଶ୍ୱର ୬୦ରୁ ଅଧିକ ଦେଶରେ ପଲିମର ନୋଟ୍ ପ୍ରଚଳନ ଜାରି ରହିଛି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ‘ମେଟାଲ ବଜାର ଏକ୍ସପୋର୍ଟସ୍’

ଭୁବନେଶ୍ୱର, ୧୧।୮(ସମିସ): ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍ ପକ୍ଷରୁ ଏହାର ପ୍ରମୁଖ ଡିଜିଟାଲ୍ ଇ-କମର୍ସ ପ୍ଲାଟଫର୍ମ ‘ବେଦାନ୍ତ ମେଟାଲ୍ ବଜାର’ (ଭିଏମବି)କୁ ଅନ୍ତର୍ଜାତୀୟ ବଜାରକୁ ସମ୍ପ୍ରସାରଣ କରାଯାଇଥିବା ଆଜି



ଘୋଷଣା କରାଯାଇଛି। ଭାରତର ପ୍ରଥମ ଡିଜିଟାଲ୍ ଆଲୁମିନିୟମ୍ ମାର୍କେଟପ୍ଲେସ୍ ଗୁଡ଼ିକ ମଧ୍ୟରୁ ଏହା ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରକୁ ପ୍ରବେଶ କରିଛି। ଏହା ମାଧ୍ୟମରେ ବିଦେଶୀ ଗ୍ରାହକମାନେ ଏବେ ସହଜ, ସ୍ୱଚ୍ଛ ଓ ସୁବିଧାଜନକ ଭାବେ ଅନଲାଇନ୍‌ରେ ଉଚ୍ଚମାନର ଆଲୁମିନିୟମ୍ ଉତ୍ପାଦ ଅର୍ଡର ଓ କ୍ରୟ କରିପାରିବେ।ଭାରତୀୟ ବଜାରରେ ପ୍ଲାଟଫର୍ମର ବିପୁଳ ସଫଳତା ପରେ ‘ବେଦାନ୍ତ ମେଟାଲ୍ ବଜାର’ ଏବେ ଏସିଆ, ୟୁରୋପ, ଆଫ୍ରିକା ଓ ଆମେରିକା ମହାଦେଶର ବଜାରରେ ଉପଲବ୍ଧ ହେବ। ଆର୍ଥିକ ବର୍ଷ୨୬ରେ ଏହି ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୪.୧ ବିଲିୟନ୍ ଡଲାର୍ (୩୮,୦୦୦ କୋଟିରୁ ଅଧିକ ଟଙ୍କା) ମୂଲ୍ୟର କାରବାର ହୋଇଥିବାବେଳେ ୨୩,୦୦୦ରୁ ଅଧିକ ଅର୍ଡର ପୂରଣ କରାଯାଇଛି। ଭାରତୀୟ ଉତ୍ପାଦନକାରୀଙ୍କ ମଧ୍ୟରେ ମଧ୍ୟ ଏହାର ଗ୍ରହଣୀୟତା ବୃଦ୍ଧି ପାଇଛି। ବଡ଼ ଓଇଏମଗୁଡ଼ିକ ସହିତ ୫୫୦ରୁ ଅଧିକ ଏମଏସଏମଇ ଗୁଡିକ ନିୟମିତ ଭାବେ ସେମାନଙ୍କ ଆଲୁମିନିୟମ୍ ଆବଶ୍ୟକତା ପାଇଁ ବେଦାନ୍ତ ମେଟାଲ୍ ବଜାର ବ୍ୟବହାର କରୁଥିବା ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜେଶ କୁମାର କହିଛନ୍ତି।

## ଭାରତ ବଜାରରେ ଏଚପି ଓମନିପ୍ୟାଡ ୧୨

ନୂଆଦିଲ୍ଲୀ, ୧୧।୮: ଏଚପି ଇଣ୍ଡିଆ ଆଜି ଏଚପି ଓମନିପ୍ୟାଡ ୧୨ର ଉପଲବ୍ଧତା ବିଷୟରେ ଘୋଷଣା କରିଛି, ଯାହା ଲୋକଙ୍କ ପାଠପଢ଼ା, କାମ ଏବଂ ସୃଜନଶୀଳତାକୁ ଧ୍ୟାନରେ ରଖି ତିଆରି କରାଯାଇଛି। ଏହା ଉଭୟ ଲାପଟପ ଏବଂ ଟାବଲେଟର ଅନୁଭବ ପ୍ରଦାନ କରିବ। ଛାତ୍ରଛାତ୍ରୀ, ପ୍ରଥମଥର ବ୍ୟବହାରକାରୀ,



ଏମଏସଏମଇ ଏବଂ ଯୁବ ପେଷାଦାରଙ୍କ ପାଇଁ ଉଦ୍ଦିଷ୍ଟ ଏହି ଏଚପି ଓମନିପ୍ୟାଡ ୧୨ ଆଜିକାଲିର ଶିକ୍ଷା, ସହଯୋଗିତା ଏବଂ ଦୈନନ୍ଦିନ ଉତ୍ପାଦକତାକୁ ସହଜ କରିବା ପାଇଁ ତିଆରି ହୋଇଛି। ଏଚପି ଓମନିପ୍ୟାଡ ୧୨ର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଗୁଡିକ ମଧ୍ୟରେ ରହିଛି, ୧୨-ଇଞ୍ଚର ୨କେ ମଲ୍ଟି-ଟଚ୍ ଡିସପ୍ଲେ, ୪୦୦ ନିଟ୍ସ ପର୍ଯ୍ୟନ୍ତ ବ୍ରାଇଟନେସ୍ ଏବଂ ୯୦ହର୍ଜ ପର୍ଯ୍ୟନ୍ତ ରିଫ୍ରେସ୍ ରେଟ୍ ଅଛି। ଏଚପି ଓମନିପ୍ୟାଡ ୧୨ ଏବେ ଡେନିମ୍ ବ୍ଲୁ ଏବଂ ମିଟିଓର୍ ସିଲଭର୍ ରଙ୍ଗରେ ଏଚପି ଅନଲାଇନ୍ ଷ୍ଟୋର୍, ଆମାଜନ୍,ରିଲାଏନ୍ସ, ଫ୍ଲିପକାର୍ଟ, କ୍ରୋମା ଏବଂ ଏଚପି ୱାର୍ଲ୍ଡ ଷ୍ଟୋର୍‌ଗୁଡ଼ିକରେ ୪୮,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ।

## ବାନ୍ଦ୍ରା ଟର୍ମିନସ୍-ଜୟପୁର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବଢ଼ାଇଲା ପଶ୍ଚିମ ରେଳବାଇ

ଅହମଦାବାଦ,୧୧।୮: ଯାତ୍ରୀଙ୍କ ସୁବିଧା ପାଇଁ ଏବଂ ଅତିରିକ୍ତ ଭିଡ଼କୁ ନଜରରେ ରଖି ପଶ୍ଚିମ ରେଳବାଇ ଟ୍ରେନ ନମ୍ବର ୦୯୭୦୬/୦୯୭୦୫ ବାନ୍ଦ୍ରା ଟର୍ମିନସ୍-ଜୟପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳକୁ ବିଦ୍ୟମାନ ଷ୍ଟପେଜ୍, ସମୟ ଏବଂ କୋଚ୍ ଗଠନ ସହିତ ବୃଦ୍ଧି କରିଛି। ପଶ୍ଚିମ ରେଳବାଇର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ବିନୀତ ଅଭିଷେକଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଟ୍ରେନ ନମ୍ବର ୦୯୭୦୬ ବାନ୍ଦ୍ରା ଟର୍ମିନସ୍ - ଜୟପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନର ଚଳାଚଳକୁ ସେପ୍ଟେମ୍ବର ୭ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି, ଟ୍ରେନ ନମ୍ବର ୦୯୭୦୫ ଜୟପୁର - ବାନ୍ଦ୍ରା ଟର୍ମିନସ୍ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନର ଚଳାଚଳକୁ ସେପ୍ଟେମ୍ବର ୬ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଟ୍ରେନ ନମ୍ବର ୦୯୭୦୬ର ବର୍ଦ୍ଧିତ ଚଳାଚଳ ପାଇଁ ବୁକିଂ ଅଗଷ୍ଟ ୧୩ରୁ ସମସ୍ତ ପିଆର୍‌ଏସ୍ କାଉଣ୍ଟର ଏବଂ ଆଇଆର୍‌ସିଟିସି ୱେବସାଇଟରେ ଖୋଲାଯିବ।

## ନବସାରୀ ଷ୍ଟେସନ୍‌ରେ କର୍ଣ୍ଣାବତୀ ଏକ୍ସପ୍ରେସ୍‌ର ଅତିରିକ୍ତ ରହଣି

ଅହମଦାବାଦ୍,୧୧।୮: ଯାତ୍ରୀଙ୍କ ସୁବିଧା ପାଇଁ ପଶ୍ଚିମ ରେଳବାଇ ପରୀକ୍ଷାମୂଳକ ଭାବରେ ଟ୍ରେନ ନମ୍ବର ୧୨୯୩୩/୧୨୯୩୪ ବାନ୍ଦ୍ରା ଟର୍ମିନସ୍-ଭାଟଭା/ଅହମ୍ମଦାବାଦ - ବାନ୍ଦ୍ରା ଟର୍ମିନସ୍ କର୍ଣ୍ଣାବତୀ ଏକ୍ସପ୍ରେସ୍ ପାଇଁ ନବସାରୀ ଷ୍ଟେସନରେ ଏକ ଅତିରିକ୍ତ ରହଣି ପ୍ରଦାନ କରିଛି। ପଶ୍ଚିମ ରେଳବାଇର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ



ବିନୀତ ଅଭିଷେକଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ଅଗଷ୍ଟ ୧୪ରୁ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ ନମ୍ବର ୧୨୯୩୩ ବାନ୍ଦ୍ରା ଟର୍ମିନସ୍ - ଭାଟଭା କର୍ଣ୍ଣାବତୀ ଏକ୍ସପ୍ରେସ୍ ନବସାରୀ ଷ୍ଟେସନରେ ରହଣି କରିବ। ସେହିପରି, ଅଗଷ୍ଟ ୧୫ରୁ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ ନମ୍ବର ୧୨୯୩୪ ଅହମଦାବାଦ - ବାନ୍ଦ୍ରା ଟର୍ମିନସ୍ କର୍ଣ୍ଣାବତୀ ଏକ୍ସପ୍ରେସ୍ ନବସାରୀ ଷ୍ଟେସନରେ ରହଣି କରିବ। ଏହି ନୂତନ ରହଣି ଯୋଗୁଁ ଭଲସାଡ ଏବଂ ସୁରତ ଷ୍ଟେସନରେ ଆଗମନ/ପ୍ରସ୍ଥାନ ସମୟ ସଂଶୋଧନ କରାଯାଇଛି।

# ଲାଗୁ ହେବ ମଲ୍ଟି-ଲେନ୍ ଫ୍ଲୋ ଫ୍ରି ସିଷ୍ଟମ୍

## ଟୋଲ୍ ପ୍ଲାଜା ନିକଟସ୍ଥ ଲୋକ ବି ନେବେ ବାର୍ଷିକ ୩୦୦୦ ଟଙ୍କିଆ ପାସ୍

ନୂଆଦିଲ୍ଲୀ,୧୧।୮(ଏଜେନ୍ସି):ଏଣିକି ଜାତୀୟ ରାଜପଥର ଟୋଲ୍ ପ୍ଲାଜା ନିକଟରେ ରହୁଥିବା ଲୋକଙ୍କୁ ମଧ୍ୟ ବାର୍ଷିକ ପାସ୍ ନେବାକୁ ପଡିବ। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦେଶବ୍ୟାପୀ ଟୋଲ୍ ପ୍ଲାଜାରେ ମଲ୍ଟି-ଲେନ୍ ଫ୍ଲୋ ଫ୍ରି (ଏମ୍‌ଏଲ୍‌ଏଫ୍‌ଏଫ୍) ସିଷ୍ଟମ୍ ଲାଗୁ କରିବାକୁ ପ୍ରସ୍ତୁତି ଚଳାଇଛି। ଏହାକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ, ଦେଶର ୫ଟି ଟୋଲ୍ ପ୍ଲାଜାରେ ଏମ୍‌ଏଲ୍‌ଏଫ୍‌ଏଫ୍ ସିଷ୍ଟମ ଲାଗୁ କରାଯାଇଛି। ଏହାକୁ ଖୁବ୍ ଶୀଘ୍ର ଦେଶର ଅନ୍ୟ ୧୦୪ଟି ଟୋଲ୍ ପ୍ଲାଜାରେ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଛି।

ବର୍ତ୍ତମାନ, ଏକ ଟୋଲ୍ ପ୍ଲାଜାର ୨୦ କିଲୋମିଟର ପରିଧି ମଧ୍ୟରେ ରହୁଥିବା





ଲୋକଙ୍କ ଯାନବାହନ ପାଇଁ ଏକ ମାସିକ ପାସ୍ ବ୍ୟବସ୍ଥା ରହିଛି। ଏହି ମାସିକ ପାସର ମୂଲ୍ୟ ୩୫୦ ଟଙ୍କା। ବର୍ତ୍ତମାନ, କୌଣସି ବାର୍ଷିକ ପାସ୍ ଆବଶ୍ୟକତା ନାହିଁ। ମନ୍ତ୍ରଣାଳୟ ଜାତୀୟ ରାଜପଥ ଆଇନ ଅନୁଯାୟୀ ପରିଚାଳିତ ଏକ୍ସପ୍ରେସ ୱେ ଏବଂ ରାଜପଥରେ ସାଧାରଣ ଯାନବାହନ ପାଇଁ ଏକ ବାର୍ଷିକ ପାସ୍ ବ୍ୟବସ୍ଥା ଲାଗୁ କରିଛି। ସୂତ୍ର ଅନୁଯାୟୀ, ଯଦି ଜଣେ ଡ୍ରାଇଭର ମାସିକ ପାସ୍ ପାଆନ୍ତି, ତେବେ ପ୍ରତି ମାସରେ ତାଙ୍କୁ ୩୫୦ ଟଙ୍କା ହିସାବରେ ବାର୍ଷିକ ୪୨୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ତଥାପି, ବାର୍ଷିକ ପାସ୍ ପାଇଁ ପ୍ରାୟ ୩୦୦୦ ଟଙ୍କା ଧାର୍ଯ୍ୟ କରାଯିବ ବୋଲି ଆଶା କରାଯାଉଛି। ଏହାର ଅର୍ଥ ହେଉଛି ଯେଉଁମାନେ ବାର୍ଷିକ ପାସ୍ ନେବେ ସେମାନେ ଟୋଲ୍‌ରେ ପ୍ରାୟ ୧୨୦୦ ଟଙ୍କା ସଞ୍ଚୟ କରିବେ।

ସୂତ୍ର ଅନୁଯାୟୀ, ଏହି ବ୍ୟବସ୍ଥାରେ ଆଧାର ମାଧ୍ୟମରେ ଲୋକଙ୍କ ଠିକଣା ଯାଞ୍ଚ କରାଯିବ। ଏହାର ଅର୍ଥ ହେଉଛି କେବଳ ଆଧାରରେ ତାଲିକାଭୁକ୍ତ ଠିକଣାକୁ ବିଚାର କରାଯିବ। ଗ୍ରାମବାସୀ କେବଳ ସମ୍ପୃକ୍ତ ଜିଲ୍ଲାର ଗାଡ଼ି ନମ୍ବର ଉପରେ ଆଧାର କରି ଛାଡ଼ି ପାଇବେନାହିଁ। ଚାଷୀମାନଙ୍କୁ ବାର୍ଷିକ ପାସ୍ ପାଇଁ ସେମାନଙ୍କ ଗାଁ ନିକଟରେ ଯେକୌଣସି ଟୋଲ୍ ପ୍ଲାଜା ବାଛିବାର ବିକଳ୍ପ ମଧ୍ୟ ଦିଆଯିବ। ଉଦାହରଣ ସ୍ୱରୂପ, ଯଦି ଜଣେ ଚାଷୀଙ୍କ ଗାଁରେ ଦୁଇଟି ଟୋଲ୍ ପ୍ଲାଜା ଅଛି, ଗୋଟିଏ ଗାଁ ନିକଟରେ ଏବଂ ଅନ୍ୟଟି ଦୂରରେ, କିନ୍ତୁ ସେ ପ୍ରାୟତଃ ବାରମ୍ବାର ଯେଉଁ ଟୋଲ୍ ପ୍ଲାଜାକୁ ଯାଆନ୍ତି ତାହାକୁ ବାଛିପାରିବେ। ଏମିତିକି ସେ ଦୂରରେ ଥିବା ଟୋଲ୍ ପ୍ଲାଜା ପାଇଁ ପାସ୍ ପାଇପାରିବେ। ଏଥିପାଇଁ ସଫ୍ଟୱେର୍ ମଧ୍ୟ ବିକଶିତ କରାଯିବ।

ମନ୍ତ୍ରଣାଳୟ ଏକ୍ସପ୍ରେସ ୱେ ଏବଂ ଜାତୀୟ ରାଜପଥରେ ମଲ୍ଟି-ଲେନ୍ ଫ୍ଲୋ ଫ୍ରି ବ୍ୟବସ୍ଥା କାର୍ଯ୍ୟକାରୀ କରୁଛି। ଭବିଷ୍ୟତରେ ଟୋଲ୍ ପ୍ଲାଜାରେ କୌଣସି ପ୍ରତିବନ୍ଧକ ନ ଥିବାରୁ କୌଣସି ଟୋଲ୍ ସଂଗ୍ରହକାରୀ ରହିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ଯୋଜନା ବିକଶିତ କରାଯାଉଛି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଧନ ଲାଭର ଯୋଗ ରହିଛି। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଖର୍ଚ୍ଚ ବଢ଼ିପାରେ।

**ସିଂହ:** ଦିନଟି ହସଖୁସିରେ କଟିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦାନ ଧର୍ମ କରିବେ।

**ତୁଳା:** ବ୍ୟବସାୟରେ କ୍ଷତି ସହି ପାରନ୍ତି। ଚିନ୍ତାଗ୍ରସ୍ତ ରହିବେ। ପାରିବାରିକ ବିବାଦ ଦେଖା ଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିପାରନ୍ତି। ବନ୍ଧୁମିଳନ ଯୋଗ ଅଛି। ଆଶା ପୂରଣ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେଇପାରେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚକ୍ଷୁ ସମସ୍ୟା ଦେଖା ଦେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୩୩- ଆମେରିକାର ସିକାଗୋ ସହରର ସ୍ଥାପନା।
- ୧୯୦୯- ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ।
- ୧୯୧୯: ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ଜନ୍ମ।
- ୧୯୭୧- ସାଲେପୁର ମିଠାର ଜନକ ବିକଳାନନ୍ଦ କରଙ୍କ ଦେହାନ୍ତ।
- ୨୦୧୨- ଓଡ଼ିଆ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଭଗବାନ ସାହୁଙ୍କ ବିୟୋଗ।

# ଅନ୍ତର୍ଜାତୀୟ ଯୁବ ଦିବସ



ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ। ଯୁବପିଢ଼ିଙ୍କ ସମସ୍ୟା, ସେମାନଙ୍କର ଆବଶ୍ୟକତା ଉପରେ ଧ୍ୟାନ ଆକର୍ଷଣ କରିବା ଏବଂ ସମାଜର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଜଣାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ମିଳିତ ଜାତିସଂଘ ଦ୍ୱାରା ଏହି ଦିବସଟି ଆନୁଷ୍ଠାନିକ ଭାବେ ପାଳନ କରାଯାଇ ଆସୁଛି। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ରେଖାଙ୍କିତ କରିବା ଏହି ଦିବସର ଲକ୍ଷ୍ୟ। 'ଅନ୍ତର୍ଜାତୀୟ ଯୁବ ଦିବସ' ପ୍ରଥମେ ୧୨ ଅଗଷ୍ଟ, ୨୦୦୦ରେ ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ୧୭ ଡିସେମ୍ବର, ୧୯୯୯ରେ ଏହି ଦିନ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ଏହାପରେ ୨୦୦୦ରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଯୁବ ଦିବସ' ପାଳନ କରାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୨ ଅଗଷ୍ଟରେ ପାଳନ କରାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସମାଜକୁ ଶିକ୍ଷିତ କରିବା, ଯୁବକମାନଙ୍କୁ ରାଜନୈତିକ କ୍ଷେତ୍ରରେ ଏକତ୍ରିତ କରିବା ଏବଂ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଏହି ଦିନ ପାଳନ କରାଯାଏ। ସମସ୍ତ ଦେଶ ଯୁବ ଜନସଂଖ୍ୟା ଉପରେ ଧ୍ୟାନ ଦେବା ଉଚିତ। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ। ଯୁବ ଦିବସ ପାଳନ ଅବସରରେ ବିଦ୍ୟାଳୟ, କଲେଜ ଏବଂ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ୨୦୨୬ ମସିହା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଏହି ଦିବସର ବିଷୟବସ୍ତୁ " ଭିନ୍ନ ପରିବେଶ, ସମାନ ଆକାଂକ୍ଷା" ରଖାଯାଇଛି। ଏହାର ଅର୍ଥ ହେଉଛି, ପୃଥିବୀର ବିଭିନ୍ନ ପ୍ରାନ୍ତରେ ଥିବା ଯୁବପିଢ଼ିଙ୍କର ସାମାଜିକ ଓ ଆର୍ଥିକ ପରିସ୍ଥିତି ଭିନ୍ନ ହୋଇପାରେ, କିନ୍ତୁ ଏକ ସୁରକ୍ଷିତ, ସମୃଦ୍ଧ ଏବଂ ସମାନତାର ଭବିଷ୍ୟତ ଗଢ଼ିବା ପାଇଁ ସମସ୍ତଙ୍କର ଆଶା ଓ ଆକାଂକ୍ଷା ସମାନ।

# 'ବଟୱାରା ୧୯୪୭'

## ସନ୍ନିଙ୍କୁ ୬୦, ପ୍ରୀତିଙ୍କୁ ୧୦



ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଭାରତ-ପାକିସ୍ତାନ ବିଭାଜନ ଉପରେ ଆଧାରିତ ଚଳଚ୍ଚିତ୍ର 'ବଟୱାରା ୧୯୪୭' ଆଉ ଅଳ୍ପ କେତୋଟି ଦିନ ପରେ ରିଲିଜ୍ ହେବ। ଏହି ସମୟରେ ଫିଲ୍ମର କଳାକାରମାନଙ୍କ ପାରିଶ୍ରମିକ ଖବର ସାମ୍ନାକୁ ଆସିଛି। ଫିଲ୍ମରେ ଲିଡ୍ ରୋଲରେ ନଜର ଆସିଥିବା ଅଭିନେତା ସନ୍ନି ଦେଓ୍ୱଲଙ୍କୁ ଏଥିପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଛି। ଅନ୍ୟପଟେ ଦୀର୍ଘ ସମୟ ପରେ ମୁଖ୍ୟ ଚରିତ୍ରରେ କମବ୍ୟାକ୍ କରୁଥିବା ପ୍ରୀତି ଜିଣ୍ଟା ଏବଂ ସ୍ପେଶାଲ ରୋଲ୍ କରୁଥିବା ଅଲି ଫଜଲ୍ ମଧ୍ୟ ଏହି ଚଳଚ୍ଚିତ୍ର ପାଇଁ ଭଲ ପାରିଶ୍ରମିକ ନେଇଛନ୍ତି। ଫିଲ୍ମର ବଜେଟ୍ ୧୫୦ କୋଟି ହୋଇଥିବାବେଳେ କେବଳ ସନ୍ନି ନେଇଛନ୍ତି ୬୦ କୋଟି। ଅନ୍ୟପଟେ, ପ୍ରୀତିଙ୍କୁ ଏହି ଚଳଚ୍ଚିତ୍ର ପାଇଁ ୧୦ କୋଟି ଟଙ୍କା ମିଳିଛି। 'ବଟୱାରା ୧୯୪୭' ପୂର୍ବରୁ ସନ୍ନି ଓ ପ୍ରୀତି 'ଦି ହିରୋ: ଲଭ୍ ଷ୍ଟୋରୀ ଅଫ୍ ଏ ସ୍ପାଏ', 'ଫର୍ଜ' ଏବଂ 'ଭୈୟାଜୀ ସୁପରହିଟ୍' ଭଳି ଫିଲ୍ମରେ ଏକାଠି କାମ କରିଥିଲେ। ଶବାନା ଆଜମୀ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ହେଲେ ତାଙ୍କ ଫିସ୍‌କୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ସାମ୍ନାକୁ ଆସିନାହିଁ। ଅନ୍ୟପଟେ, ଅଲି ଫଜଲ୍ ଫିଲ୍ମରେ ଅତିଥି କଳାକାର ଭାବେ ଦେଖାଯିବେ। ଏଥିପାଇଁ ସେ ପାରିଶ୍ରମିକ ବାବଦକୁ ୭ କୋଟି ଟଙ୍କା ଚାର୍ଜ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଆଇକନିକ୍ ଯୋଡ଼ି ଅନେକ ବର୍ଷ ପରେ ଏକାଠି ଫେରୁଛନ୍ତି। ଫିଲ୍ମରେ ସଙ୍ଗୀତ ଏ.ଆର୍. ରେହମାନ ଦେଇଥିବା ବେଳେ ଏହାର ଗୀତଗୁଡ଼ିକୁ ଜାଭେଦ ଅଖତର ଲେଖିଛନ୍ତି। 'ବଟୱାରା ୧୯୪୭' ଅଗଷ୍ଟ ୧୪ରେ ସିନେମାହଲ୍‌ରେ ରିଲିଜ୍ ହେବ। ବକ୍ସ ଅଫିସ୍‌ରେ ଏହାର ମୁକାବିଲା ଇମ୍ରାନ୍ ହାସ୍‌ମୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ ୨' ସହିତ ହେବାକୁ ଯାଉଛି।

# ହାତୀ ପାଇଁ ଦିନଟିଏ




ହାତୀମାନଙ୍କ ସୁରକ୍ଷା, ସେମାନଙ୍କ ବାସସ୍ଥାନର ସଂରକ୍ଷଣ ଏବଂ ହାତୀ ଓ ମନୁଷ୍ୟ ମଧ୍ୟରେ ବିବାଦ ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ 'ବିଶ୍ୱ ହସ୍ତୀ ଦିବସ' ଭାବେ ପାଳନ କରାଯାଉଛି। ଏହିଦିନ ହାତୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରଥମ ବିଶ୍ୱ ହସ୍ତୀ ଦିବସ ୨୦୧୨ ମସିହା ଅଗଷ୍ଟ୧୨ରେ ପାଳନ କରାଯାଇଥିଲା। ଜଙ୍ଗଲର ସନ୍ତୁଳନ ରକ୍ଷା କରିବାରେ ଏବଂ ଗଛର ବୀଜ ବିସ୍ତାର କରିବାରେ ହାତୀମାନଙ୍କର ପ୍ରମୁଖ ଭୂମିକା ରହିଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗଜ ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ ରାଜୁଡ଼ା ଅମଳରେ ପରିବହନ ଏବଂ ପତିଆରା ପାଇଁ ରାଜା ମହାରାଜାମାନେ ହାତୀକୁ ନିଜ ଦରବାରରେ ରଖୁଥିଲେ। ଯେଉଁ ରାଜାଙ୍କର ଯେତେ ହାତୀ ଅଛି, ସେ ସେତେ ବଳଶାଳୀ ବୋଲି ଗଣନା କରାଯାଉଥିଲା। ଏବେ ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ପାହାଡ଼ଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁଁ ବନ୍ୟଜନ୍ତୁଗୁଡ଼ିକ ଜନବସତି ମୁହାଁ ହେଉଛନ୍ତି। ବିଶେଷକରି ଖାଦ୍ୟ ଅନ୍ୱେଷଣରେ ହାତୀ ଜନବସତି ମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଆ ସଂସ୍କୃତି ପରମ୍ପରାରେ ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀକୁ ଓଡ଼ିଆରେ "ଗଜ" ଏବଂ "ଗଜରାଜ" ବୋଲି କୁହନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ହାତୀ ବା ଗଜ ବେଶ ହୋଇଥାନ୍ତି। ଓଡ଼ିଶାର ପ୍ରମୁଖ ପର୍ବ ରଜରେ ଗାଁରୁ ସହର ସବୁଠି ଝିଅମାନେ ଦୋଳିରେ ଝୁଲି ଗୀତ ଗାଇଥାନ୍ତି "ବନସ୍ତେ ଡାକିଲା ଗଜ"। ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେବେଳେ ଟ୍ରେନ୍ ଚକ ତଳେ ତ କେତେବେଳେ ବିଦ୍ୟୁତ୍ ତାର ତଳେ ତ ଆଉ କେତେବେଳେ ଦାନ୍ତ ପାଇଁ ଏମାନଙ୍କ ଜୀବନ ଅକାଳରେ ଚାଲିଯାଉଛି। ତେବେ ଆଗକୁ ହାତୀ ବଂଶ କିପରି ବୃଦ୍ଧି ପାଇବ , ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ପ୍ରାଣୀ ଗବେଷକ ମତ ଦିଅନ୍ତି। ହାତୀ ଦାନ୍ତର ବେଆଇନ ବ୍ୟବସାୟ ପାଇଁ ଆଜି ବି ଅନେକ ସ୍ଥାନରେ ଦନ୍ତା ହାତୀମାନଙ୍କୁ ହତ୍ୟା କରାଯାଉଛି। ଏହାବାଦ୍ ଜଙ୍ଗଲ ନଷ୍ଟ ହେବା ଏବଂ ସେମାନଙ୍କ ଚଳପ୍ରଚଳ ରାସ୍ତା ବା କରିଡର ମଧ୍ୟରେ ମନୁଷ୍ୟର ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ସୁରକ୍ଷା ବିପନ୍ନ ହେଉଛି। ବିଶ୍ୱ ହସ୍ତୀ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହାତୀମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଭଲ ଭଲ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବା ସହ ହାତୀ ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ।

# ସମ୍ଭାବନା



## ଅଫିସ୍ ଅଭ୍ୟାସ



**ଅଫିସ୍‌ରେ ଯୋଗ୍ୟତା ସହିତ ବ୍ୟବହାର, ପୋଷାକ ପରିପାଟୀ ଏବଂ ନିତିଦିନର ଅଭ୍ୟାସ ମଧ୍ୟ ଏହା ସ୍ଥିର କରେ ଯେ, ସହକର୍ମୀ ତଥା ବରିଷ୍ଠ ଅଧିକାରୀ ଜଣକୁ କେଉଁ ଦୃଷ୍ଟିକୋଣରେ ଦେଖନ୍ତି। ଅନେକ ସମୟରେ ଲୋକେ ନିଜ ଅଜାଣତରେ କିଛି ଏଭଳି ଅଭ୍ୟାସକୁ ଆପଣାଇଥାନ୍ତି, ଯାହାକି ସେମାନଙ୍କ ବୃତ୍ତିଗତ ଛବି ଉପରେ ନକାରାତ୍ମକ ପ୍ରଭାବ ପକାଏ।**

- ପୋଷ୍ଟର, ଷ୍ଟିକର୍ ତଥା ଟି-ସାର୍ଟରେ ରାଜନୈତିକ, ଧାର୍ମିକ, ଆପତ୍ତିଜନକ ବାର୍ତ୍ତା ଥିଲେ ସେସବୁ ବ୍ୟବହାର କରିବା ଅନୁଚିତ। ଏହା କାର୍ଯ୍ୟାଳୟର ପରିବେଶକୁ ପ୍ରଭାବିତ କରେ।
- ଅଫିସ୍‌ରେ ସ୍ପିକରରେ ଗୀତ ବଜାଇବା, ମୋବାଇଲରେ ରିଙ୍ଗ ଟୋନ୍ ଜୋର୍‌ରେ ବାଜିବା ତଥା ଭିଡିଓ ସାଉଣ୍ଡ ଅନ୍ୟମାନଙ୍କ କାମକୁ ବାଧାପ୍ରାପ୍ତ କରିପାରେ।
- ନେଲ୍ ପଲିସ୍, ହେୟାର୍ ସ୍ପ୍ରେ, ଡିୟୋଡ୍ରାଣ୍ଟ ଅନ୍ୟ ଉଚ୍ଚଗନ୍ଧ ଯୁକ୍ତ ଉତ୍ପାଦ ଅଫିସ୍‌ରେ ବ୍ୟବହାର କରିବାରୁ ଦୂରେଇ ରହିବା ଉଚିତ।
- ଅଫିସ୍‌ରେ ବ୍ୟକ୍ତିଗତ ଦସ୍ତାବିଜ୍‌କୁ ଖୋଲି ରଖନ୍ତୁ ନାହିଁ।
- କମ୍ପାନିର ଗୋପନୀୟ ଦସ୍ତାବିଜ୍ ଆବଶ୍ୟକତା ନ ଥିଲେ ଅନ୍ୟ କୁଆଡ଼େ ନିଅନ୍ତୁ ନାହିଁ।

## ବ୍ଲଗିଂରେ କ୍ୟାରିୟର

**ବ୍ଲଗିଂ କେବଳ ସଉକ ନୁହେଁ, ବରଂ ଏବେ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିଛି। ଏଥିଲାଗି ମହଙ୍ଗା କ୍ୟାମେରା କିମ୍ବା ଅଧିକ ପାଠପଢ଼ାର ଆବଶ୍ୟକତା ନାହିଁ।**




ଭିଡିଓ ଡାଏରୀକୁ ବ୍ଲଗ୍ କୁହାଯାଏ। ଏହା ମାଧ୍ୟମରେ ଜଣେ ନିଜର ନିତିଦିନର ଜୀବନ, ଟ୍ରାଭେଲିଂ, ଖାଦ୍ୟପାନୀୟ ସ୍ଥାନ, ନଚେତ୍ ନିଜର ରୋଷେଇ କଳା, ଗେମ୍ ଆଦି ବିଷୟରେ କ୍ୟାମେରା ସାମ୍ନାରେ ରେକର୍ଡ କରି ଲୋକଙ୍କୁ ଦେଖାନ୍ତି। ସେହିପରି ଆଜିର ସମୟରେ ଲୋକେ ଟିଭି ଦେଖିବା ପରିବର୍ତ୍ତେ ମୋବାଇଲରେ ବ୍ଲଗ୍ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି। ଏହି କାରଣ ଯୋଗୁଁ ବଡ଼ ବଡ଼ କମ୍ପାନି ବିଜ୍ଞାପନ ଦେବା ଲାଗି ଟିଭି ପରିବର୍ତ୍ତେ ବ୍ଲଗର୍‌ଙ୍କୁ ଲକ୍ଷାଧିକ ଟଙ୍କା ଦେଉଛନ୍ତି।

ଯେଉଁ ଜିନିଷରେ ରୁଚି ରହିଛି, ତାହା ଉପରେ ବ୍ଲଗ୍ କରିବା ଭଲ। ନିତିଦିନ ଜୀବନରେ ନିଜ ରୁଟିନ ଓ ପାରିବାରିକ ଜୀବନ ଦେଖାନ୍ତୁ। ଟ୍ରାଭେଲ ବ୍ଲଗିଂରେ ନୂଆ ନୂଆ ସ୍ଥାନ ବୁଲିବା ଏବଂ ସେଠାକାର ତଥ୍ୟ ଦେଇପାରିବେ। ଫୁଡ୍ ବ୍ଲଗିଂରେ ଅଲଗା ଅଲଗା ଷ୍ଟ୍ରିଟ୍ ଫୁଡ୍, ରେସ୍ତୋରାଁ ଖାଦ୍ୟର ସମୀକ୍ଷା କରିବାକୁ ହୋଇଥାଏ। ଏହାବାଦ୍ ଟେକ୍, ଗେମିଂ, ଫେଶନ୍ ବ୍ଲଗ୍‌ରେ ନିଜ ପସନ୍ଦ ବିଷୟରେ ଭିଡିଓ ତିଆରି କରିବାକୁ ହୋଇଥାଏ।

ପ୍ରଥମେ ଏନେଇ ଲକ୍ଷାଧିକ ଟଙ୍କାର କ୍ୟାମେରା କିଣିବା ଦରକାର ନାହିଁ। କୌଣସି ସ୍ମାର୍ଟଫୋନରୁ ଏହାକୁ ଆରମ୍ଭ କରିପାରିବେ। ଏଥିପାଇଁ କେବଳ ଦୁଇଟି ଜିନିଷ ଦରକାର। ତାହା ହେଉଛି ଭଲ ମାଇକ ଓ ଟ୍ରାଇପଡ୍। ଆଜିକାଲି ଅନେକ ଅନଲାଇନ ପ୍ଲାଟ୍‌ଫର୍ମ, ୟୁଟ୍ୟୁବ୍ ଚ୍ୟାନେଲ , ଡିଜିଟାଲ ମିଡିଆ ଇନଷ୍ଟିଚ୍ୟୁଟ୍‌ରେ ୭ଦିନରୁ ଆରମ୍ଭ କରି ମାସେ ପର୍ଯ୍ୟନ୍ତ ସର୍ଟ ଟର୍ମ ବ୍ଲଗିଂ ଏବଂ ଭିଡିଓ ଏଡିଟିଂ କୋର୍ସ ଉପଲବ୍ଧ ଅଛି। ଏହି କୋର୍ସ ମାଧ୍ୟମରେ କ୍ୟାମେରା ସାମ୍ନାରେ କହିବାର ଆତ୍ମବିଶ୍ୱାସ, ଭିଡିଓ ଏଡିଟିଂ, ୟୁଟ୍ୟୁବ୍ ଓ ଇନଷ୍ଟାଗ୍ରାମ ପାଇଁ ଥମ୍ବନେଲ ଆଦି ତିଆରି କରିବା ଶିଖାଯାଏ। ସେହିପରି ସ୍ପନରସିପ୍‌ରୁ କିଭଳି ଟଙ୍କା କମାଇ ହେବ, ସେ ଉପାୟ ଶିଖାଯାଏ। ଅନ୍ୟପଟେ ଏଥିପାଇଁ ୧୦-୧୫ଦିନର ବେସିକ୍ ଏଡିଟିଂ ଓ କଣ୍ଟେଣ୍ଟ କ୍ରିଏସନ କୋର୍ସ କରି ହେବ।

## ଚାକିରିରୁ ଇସ୍ତଫା ଦେଉ ଥିଲେ...

**ଭଲ ଦରମା, କ୍ୟାରିୟରରେ ଉନ୍ନତି, କାମ ଚାପ, ବ୍ୟକ୍ତିଗତ କାରଣ ଯୋଗୁଁ ଲୋକେ ଚାକିରି ବଦଳାନ୍ତି। ବେଳେ ବେଳେ ତରବରିଆ ଭାବେ ଗ୍ରହଣ କରାଯାଉଥିବା ନିଷ୍ପତ୍ତି ଭବିଷ୍ୟତରେ ସମସ୍ୟାର କାରଣ ହୋଇପାରେ। ଚାକିରି ଛାଡ଼ିବା ବେଳେ କିଛି ଭୁଲ୍ ଏମିତି ହୋଇଯାଏ, ଯାହାକି ପ୍ରଫେସନାଲ ଇମେଜ୍ ଓ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।**




- ନୂଆ ଚାକିରି ନ ଖୋଜି ଇସ୍ତଫା ଦିଅନ୍ତୁ ନାହିଁ। ଏହା କ୍ୟାରିୟର ପାଇଁ ବଡ଼ ଭୁଲ ହୋଇପାରେ। ସେହିପରି ନୂଆ ଚାକିରି ସହଜରେ ମିଳି ନ ଥାଏ। ଏହା ଦ୍ୱାରା ଆର୍ଥିକ ଚାପ ବଢ଼ିପାରେ।
- ଅନେକ ଲୋକ ନୂଆ ଚାକିରିରେ ଯୋଗ ଦେବା ପାଇଁ ନୋଟିସ୍ ପିରିୟଡ୍ ପୂରା କରନ୍ତି ନାହିଁ। ଏହାଦ୍ୱାରା କମ୍ପାନି ଅଭିଜ୍ଞତା ପ୍ରମାଣପତ୍ର ଏବଂ ସେଟଲମେଣ୍ଟରେ ବିଳମ୍ବ କରିଥାନ୍ତି।
- ଅଫିସ୍‌ରେ କୌଣସି ବିବାଦ, ଚାପ ଯୋଗୁଁ ତୁରନ୍ତ ଚାକିରି ଛାଡ଼ିବା ଭୁଲ୍ କରନ୍ତୁ ନାହିଁ। ପ୍ରଥମେ ଶାନ୍ତ ମନରେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ।
- ଚାକିରି ଛାଡ଼ିବା ବେଳେ କମ୍ପାନିର ଡାଟା, କ୍ଲାଏଣ୍ଟ ତଥ୍ୟ, ଗୋପନୀୟ ଦସ୍ତାବିଜ ନିଜ ପାଖରେ ରଖିବା କିମ୍ବା ଅନ୍ୟ କାହା ସହିତ ସେୟାର୍ କରିବା ଆଇନଗତ ସମସ୍ୟା ସୃଷ୍ଟି କରିପାରେ।
- ଚାକିରି ଛାଡ଼ିବା ବେଳେ ମ୍ୟାନେଜର, ସହକର୍ମୀ, ଟିମ୍ ସହିତ ଭଲ ସମ୍ବନ୍ଧ ବଜାୟ ରଖନ୍ତୁ। ଭବିଷ୍ୟତରେ ସେମାନେ ନୂଆ ଅବସରର ମାଧ୍ୟମ ହୋଇପାରନ୍ତି।

## ୟୁଟ୍ୟୁବ୍ ଲାଗି ଏଆଇ ଫିଚର୍

**ୟୁଟ୍ୟୁବ୍ କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ନୂଆ ଏଆଇ ଫିଚରକୁ ପରିଚିତ କରାଇଛି। ଏହା ସାହାଯ୍ୟରେ ଭିଡିଓ ପାଇଁ ଆକର୍ଷଣୀୟ ଥମ୍ବନେଲ୍ ତିଆରି କରିବା ପୂର୍ବ ତୁଳନାରେ ବହୁତ ସହଜ ହୋଇଯିବ। ଏହି ନୂଆ ଫିଚର୍‌ର ଉଦ୍ଦେଶ୍ୟ ହେଉଛି କ୍ରିଏଟରଙ୍କ ସମୟ ସଂଚୟ କରିବା ଏବଂ ଉନ୍ନତ ଭିଜୁଆଲ ପ୍ରସ୍ତୁତ କରିବା।**

ୟୁଟ୍ୟୁବ୍ ତା'ର ୟୁଟ୍ୟୁବ୍ ଷ୍ଟୁଡିଓରେ ଏଆଇ ଆଧାରିତ ଫିଚର୍ ଯୋଡ଼ିବା ଆରମ୍ଭ କରିଛି। ଏଠାରେ କ୍ରିଏଟର କଥାବାର୍ତ୍ତା ମାଧ୍ୟମରେ ଥମ୍ବନେଲ୍ ପ୍ରସ୍ତୁତ କରିପାରିବେ। ଏହି ଫିଚର୍ 'ଆସ୍କ ଷ୍ଟୁଡିଓ'ର ଅଂଶ। କ୍ରିଏଟର ନିଜ ଭିଡିଓ ବାବଦରେ ତଥ୍ୟ ତଥା ନିର୍ଦ୍ଦେଶ ପ୍ରଦାନ କରିବେ ଏବଂ ଏଆଇ ସେହି ଆଧାରରେ ଥମ୍ବନେଲ ତିଆରି କରିବ। ଏହାଦ୍ୱାରା ଡିଜାଇନିଂରେ ଲାଗୁଥିବା ସମୟ କମ୍ ହୋଇପାରିବ।

ସେହିପରି ୟୁଟ୍ୟୁବ୍ ଷ୍ଟର୍ଟସ ଲାଗି କଷ୍ଟମ ଥମ୍ବନେଲ ଅପଲୋଡ୍ କରିପାରିବେ। ଏହି ଫିଚର୍ ଦ୍ୱାରା ଡିଜାଇନିଂର ଅନୁଭବ ରଖୁଥିବା କ୍ରିଏଟରଙ୍କ ପାଇଁ ଉପଯୋଗୀ ହେବ। ଭିଡିଓ ପାଇଁ ଅଲଗା ଅଲଗା ଥମ୍ବନେଲ ପରିକଳ୍ପନା ସହଜରେ ମିଳିଯିବ। ସେହିପରି ଉନ୍ନତ ଥମ୍ବନେଲ ମାଧ୍ୟମରେ ଭିଡିଓର କ୍ଲିକ୍ ଥ୍ରୁ ରେଟ୍ ବଢ଼ିବାରେ ସାହାଯ୍ୟ ମିଳିବ। ୟୁଟ୍ୟୁବ୍ ଷ୍ଟୁଡିଓ ଭିତରେ ହିଁ କାମ ପୂରା ହୋଇଯିବ। ଅଲଗା ସଫ୍ଟୱେରର ଆବଶ୍ୟକତା କମ୍ ହେବ। ୟୁଟ୍ୟୁବ୍ ଅନୁସାରେ, ଏଆଇର ଉଦ୍ଦେଶ୍ୟ କ୍ରିଏଟରଙ୍କ ସୃଜନଶୀଳତାକୁ ଶେଷ କରିବା ନୁହେଁ, ବରଂ ସେମାନଙ୍କୁ ସାହାଯ୍ୟ କରିବା। ଅନ୍ତିମ ନିର୍ଣ୍ଣୟ ଓ ଥମ୍ବନେଲ ଚୟନ କ୍ରିଏଟରଙ୍କ ହାତରେ ହିଁ ରହିବ। ଏଆଇ କେବଳ ପରାମର୍ଶ ଅନୁସାରେ, ପ୍ରାରମ୍ଭିକ ଡିଜାଇନ ପ୍ରସ୍ତୁତ କରିବ। ଯାହାକୁ ଆବଶ୍ୟକତା ହିସାବରେ ପରିବର୍ତ୍ତନ କରାଯାଇପାରିବ।



### ବେଲ୍‌ଜିୟମ-ନେଦରଲ୍ୟାଣ୍ଡସରେ ଏଫଆଇଏଚ୍ ହକି ବିଶ୍ୱକପ୍ ୧୫ରୁ

# ଷୋଡ଼ଶ ସଂସ୍କରଣରେ ୧୬ଟି ଦଳ, ୧୬ ଦିନର ଖେଳ

FIH HOCKEY WORLD CUP BELGIUM & NETHERLANDS 2026

ଆମଷ୍ଟଲଭିନ୍,୧୧।୮ (ଏଜେନ୍ସି)

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ୧୬ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ପ୍ରଥମଥର ଲାଗି ଏହି ପ୍ରତିଯୋଗିତା ଦୁଇଟି ଦେଶ ଯଥା ୟୁରୋପର ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ଖେଳାଯିବ। ଉଭୟ ବିଭାଗରେ ୫୦ଟି ଲେଖାଏଁ ବା ମୋଟରେ ୧୦୦ଟି ମ୍ୟାଚ୍ ମାତ୍ର ୨ଟି ଭେନ୍ୟୁରେ ଖେଳାଯିବ। ଚତୁର୍ଥଥର ବିଶ୍ୱକପ୍ ଆୟୋଜନ କରୁଥିବା ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ ଓ ପ୍ରଥମଥର ଆୟୋଜନ କରୁଥିବା ବେଲ୍‌ଜିୟମ୍‌ର ୱାଭରେ ସହରରେ ସମସ୍ତ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁରୁଷ ବିଭାଗର ଫାଇନାଲ ବେଲଜିୟମର ୱାଭ୍‌ରେଠାରେ ଅଗଷ୍ଟ ୩୦ରେ ଓ ମହିଳା ବିଭାଗର ଫାଇନାଲ ନେଦରଲାଣ୍ଡସର ଆମଷ୍ଟଲଭିନ୍‌ରେ ଅଗଷ୍ଟ ୨୯ରେ ଖେଳାଯିବ।

### ଟିମ୍ ଓ ଫର୍ମାଟ

ବିଶ୍ୱକପ୍ ହକିରେ ଭାଗ ନେଇଥିବା ୧୬ଟି ଦଳକୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ଲେଖାଏଁ ପୁଲ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଦଳ ରହିଥିଲାବେଳେ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷରେ ଦ୍ୱିତୀୟ ପର୍ଯ୍ୟାୟ ବା କ୍ରସ୍ ଓଭର (କ୍ୱାର୍ଟର ଫାଇନାଲ ଲିଗ୍ କହିଲେ ଅତ୍ୟୁକ୍ତି ହେବ ନାହିଁ) ଖେଳାଯିବ। ଏହା ମଧ୍ୟରୁ ପୁଲ୍‌ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ଟାଇଟଲ ଦୌଡ଼ରେ ସାମିଲ ହେବେ। ଏହି ୮ଟି ଦଳକୁ ମଧ୍ୟ ୨ଟି ପୁଲରେ ଭାଗ କରାଯିବ। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଟିମ୍ ରହିବେ। ପୁଲ-ଇ'ରେ ପୁଲ୍-ଏ ଓ ପୁଲ-ଡି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସ୍ଥାନ ପାଇବେ। ସେହିପରି ପୁଲ-ଏଫ୍'ରେ ପୁଲ-ବି ଓ ପୁଲ-ସି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ରହିବେ। ଏମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ପୁଲ ବା ପୁଲ୍-ଇ ଓ ଏଫ୍'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ୨ଟି, ତୃତୀୟ ସ୍ଥାନ ଓ ଫାଇନାଲ ଲାଗି ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ।

ସେହିପରି ପୁଲ୍‌ରେ ଶେଷ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ନେଇ ମଧ୍ୟ ଉପରୋକ୍ତ ଫର୍ମାଟ ପରି ମ୍ୟାଚ୍ ହେବ। ଏହା ପରେ ପ୍ରଥମରୁ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ଗୁଡିକ ମଧ୍ୟରେ ୫ମରୁ ୧୬ତମ ସ୍ଥାନ ଯାଏ କ୍ଲାସିଫିକେସନ ମ୍ୟାଚ୍ ଖେଳାଯିବ। ଏହି ବିଶ୍ୱକପ୍‌ରେ ପ୍ରଥମ ପର୍ଯ୍ୟାୟରେ ୨୪ଟି, କ୍ରସ୍ ଓଭରରେ ୧୬ଟି, କ୍ଲାସିଫିକେସନରେ ୬ଟି ଓ ସେମିଫାଇନାଲପରଠାରୁ ୪ଟି ବା ମୋଟରେ ୫୦ଟି ମ୍ୟାଚ୍ ଖେଳାଯିବ। ଫଳରେ ଉଭୟ ବିଭାଗରେ ମୋଟ ୧୦୦ଟି ମ୍ୟାଚ୍ ଅନୁଷ୍ଠିତ ହେବ।

ଏହି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଓ ମହିଳା ଦଳ ପୁଲ୍-ଡି'ରେ ସ୍ଥାନ ପାଇଛନ୍ତି। ଅଗଷ୍ଟ ୧୫ରେ ୱେଲ୍ସ ସହ ଖେଳି ଭାରତୀୟ ପୁରୁଷ ଦଳ ଅଭିଯାନ ଆରମ୍ଭ କରିବ। ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ହାଇଭୋଲ୍ଟେଜ ମୁକାବିଲା ହେବ। ସେହିପରି ମହିଳା ଦଳ ଅଗଷ୍ଟ ୧୬ରେ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପରେ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ଅଗଷ୍ଟ ୨୦ରେ ଇଂଲଣ୍ଡ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ। ହରମନପ୍ରୀତ୍ ପୁରୁଷ ଓ ସଲିମା ଟେଟେ ମହିଳା ଦଳର ନେତୃତ୍ୱ ନେଉଛନ୍ତି।

| ପୁରୁଷ ବିଭାଗ | |
|---|---|
| ପୁଲ-ଏ | ଆର୍ଜେଣ୍ଟିନା, ଜାପାନ, ନେଦରଲାଣ୍ଡସ, ଜାପାନ |
| ପୁଲ-ବି | ଜର୍ମାନୀ, ବେଲଜିୟମ, ଫ୍ରାନ୍ସ ଓ ମାଲେସିଆ |
| ପୁଲ୍-ସି | ଅଷ୍ଟ୍ରେଲିଆ, ସ୍ପେନ୍, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା |
| ପୁଲ୍-ଡି | ଇଂଲଣ୍ଡ, ଭାରତ, ପାକିସ୍ତାନ ଓ ୱେଲ୍ସ |
| **ମହିଳା ବିଭାଗ** | |
| ପୁଲ-ଏ | ନେଦରଲକ୍ରାଣ୍ଡସ, ଅଷ୍ଟ୍ରେଲିଆ, ଚିଲି ଓ ଜାପାନ |
| ପୁଲ-ବି | ଜର୍ମାନୀ, ଆର୍ଜେଣ୍ଟିନା, ସ୍କଟଲାଣ୍ଡ ଓ ଆମେରିକା |
| ପୁଲ୍-ସି | ବେଲ୍‌ଜିୟମ, ସ୍ପେନ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ |
| ପୁଲ-ଡି | ଚୀନ୍, ଇଂଲଣ୍ଡ, ଭାରତ ଓ ଦକ୍ଷିଣ ଆଫ୍ରିକା |

## କ୍ରିକେଟର ଅଭିଷେକ ପୋରେଲ ଗିରଫ



କୋଲକାତା,୧୧।୮ (ଏଜେନ୍ସି): କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗକୁ ଆଧାର କରି ବେଙ୍ଗଲ ତଥା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କ୍ରିକେଟ ଖେଳୁଥିବା ଯୁବ ୱିକେଟରକ୍ଷକ ଅଭିଷେକ ପୋରେଲଙ୍କୁ ହୁଗୁଳି ପୁଲିସ୍ ଗିରଫ୍ କରିଛି। ହୁଗୁଳି ପୁଲିସ୍ ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ମହିଳା ଜଣଙ୍କ କୋର୍ଟରେ ଅଭିଯୋଗ କରିବା ପରେ କୋଲକାତା ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଅଭିଷେକଙ୍କୁ ପୁଲିସ୍ ଆନୁଷ୍ଠାନିକ ଭାବେ ଗିରଫ କରି ପଚରାଉଚୁରା କରୁଛି। କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଅଭିଷେକ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ସାଢ଼େ ୩ ବର୍ଷ ହେଲା ସମ୍ପର୍କରେ ରହିଛନ୍ତି। ଶାରିରୀକ ସମ୍ପର୍କ ରଖିବା ସତ୍ତ୍ୱେ ଅଭିଷେକ ଏହାକୁ ଅସ୍ୱୀକାର କରିବା ସହ ବାହା ହେବାକୁ ମନାକରିଦେଇଥିଲେ। ଏପରିକି ଚଳିତବର୍ଷ ଏପ୍ରିଲ ୨ରେ ଉଭୟ ଦିଲ୍ଲୀରେ ରହୁଥିଲେ। ଦୁଇ ପରିବାର ମଧ୍ୟରେ ମଧ୍ୟ ବିବାହ ଲାଗି ଆଲୋଚନା ହୋଇଥିଲା। କିନ୍ତୁ ଏପ୍ରିଲ ୨ରେ ଅଭିଷେକ ହିଂସାତ୍ମକ ଆଚରଣ କରିବା ସହ ଆକ୍ରମଣ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପ୍ରଥମେ ଦୁଷ୍କର୍ମ, ପରେ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ଫଳରେ ଅଭିଷେକଙ୍କ କ୍ୟାରିୟର ଏବେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି। ଉଭୟ ବେଙ୍ଗଲ ଓ ଆଇପିଏଲ୍ ଦିଲ୍ଲୀ କ୍ୟାପିଟାଲ୍ସରେ ସେ ଜଣେ ପ୍ରମୁଖ ଓ ନିୟମିତ ଖେଳାଳି। ଗତବର୍ଷ ମଧ୍ୟ ଉତ୍ତରପ୍ରଦେଶ ଓ ଆଇପିଏଲ୍ ଟିମ୍ ରାୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜଣେ ଖେଳାଳି ଯଶ ଦୟାଲଙ୍କ ନାମରେ ସମାନ ଅଭିଯୋଗ ହୋଇଥିଲା। ଏବେ ଯଶ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଅଭିଷେକଙ୍କୁ ଧାରା ୬୯ ଅନୁଯାୟୀ ଗିରଫ କରାଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ସୁଶିଲଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ହତ୍ୟା ଅଭିଯୋଗରେ ଗତ ୫ବର୍ଷ ହେଲା ଜେଲ୍‌ରେ ଥିବା ଦୁଇଥର ଅଲିମ୍ପିକ୍ ପଦକ ବିଜେତା କୁସ୍ତିଯୋଦ୍ଧା ସୁଶିଲ କୁମାରଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସାକ୍ଷୀଙ୍କୁ ପ୍ରବର୍ତ୍ତାଇବା ଓ ଏହି ମକଦ୍ଦମାର ବିଚାରକୁ ବିଳମ୍ବିତ କରିବାର ଦକ୍ଷତା ଥିବାରୁ ଜଣେ ଅପରାଧିଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ତାଙ୍କ ଆଦେଶରେ କହିଛନ୍ତି। ପୂର୍ବରୁ ତାଙ୍କୁ ଦୁଇଥର ଜାମିନ ମିଳିଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟରେ ଜାମିନ ଆଦେଶକୁ ରଦ୍ଦ କରିଦିଆଯାଇଥିଲା। ଏବେ ପରିସ୍ଥିତି ବଦଳି ଯାଇଛି। ସୁଶିଲ କୁମାରଙ୍କ ମାଡରେ ମୃତ୍ୟୁବରଣ କରିଥିବା କନିଷ୍ଠ କୁସ୍ତିଯୋଦ୍ଧା ସାଗର ଧନକଡ଼ଙ୍କ ପିତା ଅଶୋକ ଧନକଡ଼ ଏଥିରେ ଆଉ ଅଂଶଗ୍ରହଣ କରୁନାହାନ୍ତି। ପରିସ୍ଥିତି ବଦଳିଯାଇଥିବାରୁ ସୁଶିଲଙ୍କୁ ଜାମିନ ଦେବାକୁ ତାଙ୍କ ଆଡଭୋକେଟ ସାନି ଆବେଦନ କରିଥିଲେ। ଏହାକୁ ଉଭୟ ଦିଲ୍ଲୀ ପୁଲିସ୍ ଓ ମୁଦେଇ ଅଶୋକ ଧନକଡ଼ ବିରୋଧ କରିବା ପରେ ଜାମିନ ଆବେଦନ ବାତିଲ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା ବୋଲି କୁହାଯାଉଛି।

### ଚର୍ଚ୍ଚାରେ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ

## ଜନ୍‌ସନ୍‌ଙ୍କ ଜାଆଁଳା ଭାଇ, ହର୍ମନ ଭ୍ରାତାଙ୍କୁ ସୁଯୋଗ







କେପଟାଉନ, ୧୧।୮ (ଏଜେନ୍ସି): ଆଗାମୀ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ ଓ ନାମିବ୍ୟା ବିପକ୍ଷ ଦିନିକିଆ ସିରିଜ ଲାଗି ମଙ୍ଗଳବାର ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବାମହାତୀ ସ୍ପିନର ବର୍ଜୋନ ଫର୍ଚୁଇନଙ୍କ ଘୋଷିତ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ଅଭିଜ୍ଞ ଅଲ୍‌ରାଉଣ୍ଡର ମାର୍କୋ ଜନସେନଙ୍କ ଜାଆଁଳା ଭାଇ ଡୁଆନ ଜନସନଙ୍କୁ ମଧ୍ୟ ନାମିବ୍ୟା ଗସ୍ତ ଲାଗି ସୁଯୋଗ ମିଳିଛି। ଫଳରେ ୨୬ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣ କରିବେ। ମାର୍କୋ ୨୦୨୧ରୁ ଦକ୍ଷିଣ ଆଫ୍ରିକା ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ଇତିମଧ୍ୟରେ ସେ ଦକ୍ଷିଣ ଆଫ୍ରିକା ପାଇଁ ୮୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ଭାଇ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ପାଇଛନ୍ତି। ମାର୍କୋଙ୍କ ଭଳି ଡୁଆନ ମଧ୍ୟ ସମାନ ବାମହାତୀ ଦ୍ରୁତ ବୋଲିଂ କରୁଥିବାବେଳେ ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର୍ ରହିଛନ୍ତି। ଅପରପକ୍ଷରେ ଘୋଷିତ ଦଳରେ କୋର୍ବିନ ବୋଶ୍‌ଙ୍କ ଭାଇ ଇଥାନଙ୍କୁ ମଧ୍ୟ ନିଆଯାଇଛି। ଅବଶ୍ୟ ଇଥାନ ପୂର୍ବରୁ ୨୦୨୫ରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଗୋଟିଏ ଦିନିକିଆ ମ୍ୟାଚ ଖେଳିସାରିଛନ୍ତି। ସେହିଭଳି ଆଉ ଏକ କୌତୁହଳ କଥା ହେଉଛି ଉଭୟ ଜୋର୍ଡାନ ଓ ରୁବିନ ହର୍ମନ ଭ୍ରାତାଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ମିଳିଛି। ଉଲ୍ଲେଖଯୋଗ୍ୟ ଅଗଷ୍ଟ ୨୮ରୁ ଆୟୋଜକ ଜିମ୍ବାୱେ, ନାମିବ୍ୟା ଓ ଦକ୍ଷିଣ ଆଫ୍ରିକାକୁ ନେଇ ତ୍ରି-ରାଷ୍ଟ୍ରୀୟ ସିରିଜ ଆରମ୍ଭ ହେବ।

## ଅଷ୍ଟ୍ରେଲୀୟ କ୍ରିକେଟର ହେନରିଚଙ୍କୁ ପର୍ତ୍ତୁଗାଲ ଦଳର ନେତୃତ୍ୱ



ଲିସବନ୍, ୧୧।୮ (ଏଜେନ୍ସି): ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର୍ ମୋଇସେସ ହେନରିଚଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆଗାମୀ ଆଇସିସି ଟି-୨୦ ବିଶ୍ୱକପ୍‌ର ୟୁରୋପୀୟ ଯୋଗ୍ୟତା ପର୍ଯ୍ୟାୟ ଲାଗି ମଙ୍ଗଳବାର ପର୍ତ୍ତୁଗାଲ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ପର୍ତ୍ତୁଗାଲ କ୍ରିକେଟ୍ ମହାସଂଘ ପକ୍ଷରୁ ଘୋଷିତ ୧୪ ଜଣିଆ ଦଳର ନେତୃତ୍ୱ ଭାର ହେନରିଚଙ୍କୁ ଦିଆଯାଇଛି। ୩୯ ବର୍ଷୀୟ ହେନରିଚ ଗତ ମାସରେ ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏହି ଡାହାଣହାତୀ ଅଲ୍‌ରାଉଣ୍ଡର ଅଷ୍ଟ୍ରେଲିଆ ପାଇଁ ୨୦୦୯ରୁ ୨୦୨୧ ପର୍ଯ୍ୟନ୍ତ ୪ଟି ଟେଷ୍ଟ, ୧୬ ଦିନିକିଆ ଓ ୨୪ ଟି-୨୦ ମ୍ୟାଚ୍ ଖେଳିଥିଲେ। ଏବେ ସେ ପର୍ତ୍ତୁଗାଲ ଦଳକୁ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରାଇବାର ଦାୟିତ୍ୱ ନେଇଛନ୍ତି। ରିପୋର୍ଟ ଅନୁଯାୟୀ ହେନରିଚଙ୍କ ଜନ୍ମ ୧ ଫେବୃଆରୀ ୧୯୮୭ରେ ପର୍ତ୍ତୁଗାଲର ଫଞ୍ଚଲ ସହରରେ ହୋଇଥିଲା। ତେବେ ସେ ଛୋଟ ଥିବାବେଳେ ହେନରିଚଙ୍କ ପରିବାର ଅଷ୍ଟ୍ରେଲିଆ ଚାଲିଯାଇଥିଲେ। ଯେଉଁଠାରେ ହେନରିଚଙ୍କ କ୍ରିକେଟ୍ କ୍ୟାରିୟର ଆଗକୁ ବଢ଼ିଥିଲା।

## ୨୦୨୭ ଦିନିକିଆ ବିଶ୍ୱକପ୍: ଆଫଗାନିସ୍ତାନକୁ ଯୋଗ୍ୟତା



ଡବ୍‌ଲିନ୍,୧୧।୮ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରି ଆଫଗାନିସ୍ତାନ ୧୦ମ ଦଳ ଭାବେ ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ୱେଷ୍ଟଇଣ୍ଡିଜ୍ ଓ ଆୟର୍ଲାଣ୍ଡକୁ ଏବେ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପଡ଼ିବ। ୨୦୨୭ ବିଶ୍ୱକପ୍ ୩ଟି ଦେଶରେ ଆୟୋଜିତ ହେଉଥିଲେ ମଧ୍ୟ ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହାପରେ ଆଇସିସି ମାନ୍ୟତାରେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଆଫଗାନିସ୍ତାନ ଏହି ମ୍ୟାଚ୍ ଜିତିବା ପରେ ଆଇସିସି ମାନ୍ୟତାରେ ୮ମ ସ୍ଥାନରେ ରହିବ। ଦୁଇ ଆୟୋଜକ ଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ପରେ ଆଉ ୮ଟି ଦଳ ଏଥିରେ ସାମିଲ ହେବେ। ସେଗୁଡିକ ହେଲେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନ। ନୂଆ ଫର୍ମାଟ ଅନୁଯାୟୀ ଏହି ୧୦ଟି ଦଳ ସୁପର-୧୨ଟି ଦଳ ମଧ୍ୟରେ ସ୍ଥାନ ପାଇଲେ। ଏଥିରେ ସ୍ଥାନ ପାଇବାକୁ ଥିବା ଅନ୍ୟ ଦୁଇଟି ଦଳକୁ କ୍ୱାଲିଫାୟର ଖେଳିବାକୁ ହେବ।

କ୍ୱାଲିଫାୟରରେ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ୨ଟି ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଟିମ୍, ୱାର୍ଲ୍ଡ କ୍ରିକେଟ ଲିଗ୍ ଓ ୱାର୍ଲ୍ଡକପ୍ କ୍ୱାଲିଫାୟର ପ୍ଲେଅଫ୍‌ର ୪ଟି ଲେଖାଏଁ ବା ମୋଟରେ ୧୦ଟି ଦଳକୁ ନେଇ କ୍ୱାଲିଫାୟର୍ସ ଖେଳାଯିବ। ଏହାର ବିଜେତା ସିଧାସଳଖ ସୁପର-୧୨'କୁ ଏକାଦଶ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ। ଏହା ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥସ୍ଥାନରେ ଥିବା ଦଳ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ନୂଆ ଫର୍ମାଟ ସୁପର ସିରିଜ୍ ଖେଳାଯିବ। ଏହାର ବିଜେତା ଶେଷ ଦଳ ଭାବେ ସୁପର-୧୨'ରେ ସ୍ଥାନ ପାଇବ। ଶେଷ ୨ଟି ସ୍ଥାନ ଲାଗି ୱେଷ୍ଟଇଣ୍ଡିଜ୍, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ନେଦରଲ୍ୟାଣ୍ଡସ, ଆମେରିକା ଓ ଯୁଗ୍ମ ଆୟୋଜକ ନାମ୍ବିଆ ତୀବ୍ର ମୁକାବିଲାର ସମ୍ମୁଖୀନ ହେବେ।

## ଶ୍ରୀଲଙ୍କାରେ ପ୍ରଥମଥର ଟେଷ୍ଟ ଖେଳିବେ ୧୨ ଭାରତୀୟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍ ଷ୍ଟାଡିୟମରେ ଆରମ୍ଭ ହେବାକୁଯାଉଛି। ଏଥିଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳ କଲମ୍ବୋରେ ଜୋରଦାର ଅଭ୍ୟାସ ଚଳାଇଛି। ଏଠାରେ ଘରୋଇ ଦଳ ବିପକ୍ଷରେ ଖେଳାଯାଇଥିବା ୩ ଦିନିଆ ଅଭ୍ୟାସ ମ୍ୟାଚକୁ ଜିତି ଭାରତ ମଧ୍ୟ ଭଲ ପ୍ରସ୍ତୁତି କରିନେଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଦୃଷ୍ଟିରୁ ଏହି ସିରିଜ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି। ଯେଉଁ ଦଳ କ୍ଲିନ୍ ସୁଇପ୍ କରିବ ସେହିଦଳ ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାର ଶ୍ରେଷ୍ଠ ଚାରିରେ ସ୍ଥାନ ପାଇପାରିବ। ଭାରତୀୟ ଦଳ ଉପରେ ନଜର ପକାଇଲେ ମାତ୍ର ୩ଜଣ ଖେଳାଳି ଶ୍ରୀଲଙ୍କା ମାଟିରେ ପୂର୍ବରୁ ଟେଷ୍ଟ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏହି ୩ଜଣ ହେଲେ ଲୋକେଶ ରାହୁଲ, ରବିନ୍ଦ୍ର ଜାଡେଜା ଏବଂ କୁଲଦୀପ ଯାଦବ। ଅନ୍ୟ କୌଣସି ଖେଳାଳି ପୂର୍ବରୁ ଶ୍ରୀଲଙ୍କାରେ ଟେଷ୍ଟ ଖେଳି ନାହାଁନ୍ତି। ଫଳରେ ଚଳିତ ଗସ୍ତରେ ୧୨ଜଣ ଭାରତୀୟ କ୍ରିକେଟର୍ ଶ୍ରୀଲଙ୍କା ମାଟିରେ ପ୍ରଥମଥର ଟେଷ୍ଟ ଖେଳିବାର ସମ୍ଭାବନା ରହିଛି। ୫୦ ଟେଷ୍ଟ ଖେଳିଥିବା ଋଷଭ ପନ୍ତ ଶ୍ରୀଲଙ୍କାରେ କେବେ ବି ଟେଷ୍ଟ ଖେଳିନାହାଁନ୍ତି।

ରାହୁଲ ଶ୍ରୀଲଙ୍କାରେ ପାଞ୍ଚଟି ଟେଷ୍ଟ ଖେଳିଛନ୍ତି। ଆଠ ଇନିଂସରେ ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ସହ ମୋଟ୍ ୨୬୮ ରନ କରିଛନ୍ତି। ସେହିଭଳି ଜାଡେଜା ଶ୍ରୀଲଙ୍କାରେ ଦୁଇଟି ଟେଷ୍ଟ ଖେଳି ମୋଟ୍ ୮୫ ରନ ଓ ୧୩ ୱିକେଟ ନେଇଛନ୍ତି। କୁଲଦୀପ କେବଳ ଗୋଟିଏ ଟେଷ୍ଟ ଖେଳି ମୋଟ ପାଞ୍ଚ ୱିକେଟ୍ ଅକ୍ତିଆର କରିଛନ୍ତି।

## ଟରୋଣ୍ଟୋ ମାଷ୍ଟର୍ସ: ସେମିରେ ସ୍ୱିଆଟେକ, ସ୍ୱିତୋଲିନା

ଟରୋଣ୍ଟୋ, ୧୧।୮ (ଏଜେନ୍ସି): ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସ ତଥା କାନାଡିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଆଟେକ ଓ ଏଲିନା ସ୍ୱିତୋଲିନା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୋଲାଣ୍ଡ ତାରକା ସ୍ୱିଆଟେକ ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୬-୨, ୬-୧ ସିଧାସଳଖ ସେଟରେ ରୁଷିଆର ଡାଏନା ଶାନାଇଦରଙ୍କୁ ପରାସ୍ତ କରିଥିଲେ। ଛଅଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସ୍ୱିଆଟେକ ସେମିଫାଇନାଲରେ ୟୁକ୍ରେନ ତାରକା ଏଲିନା ସ୍ୱିତୋଲିନାଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ସ୍ୱିତୋଲିନା ୩-୬, ୬-୦, ୬-୩ ସେଟରେ ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସ୍ୱିତୋଲିନା ଏଥିସହ ଦ୍ୱିତୀୟ ମହିଳା ଖେଳାଳି ଭାବରେ ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୧୦ଟି ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

### ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ

## ବାଳକ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଭୁବନେଶ୍ୱର,୧୧।୮ (ସମିସ): କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଆରମ୍ଭ ହୋଇଥିବା ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳକ ବିଭାଗ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ଜିଲ୍ଲା ସଂଘର ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କ ସହ ଭୁବନେଶ୍ୱର ଟିଟି ସଂଘର ଆମ୍ରନ ଦାସଙ୍କର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ସଂଘର ଦୁଇ ଖେଳାଳି ହିତେଶ ଅଗରୱାଲ ଓ ଅଭିଷେକ ଦାସ ପରସ୍ପର ସହ ଲଢ଼େଇ କରିବେ। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ଲିଗ୍‌ରେ ଜିଜ୍ଞାସୁ ନିଜ ଟିମ୍‌ର ରୀତେଶ ମହାପାତ୍ରଙ୍କୁ ୩-୦ରେ, ଆମ୍ରନ ୩-୦ରେ ଖୋର୍ଦ୍ଧାର ଆୟୁଷ୍ମାନ ପତିଙ୍କୁ, ଭୁବନେଶ୍ୱରର ହିତେଶ ଅଗରୱାଲ ୩-୨ରେ କଟକର ତମିମ ଉବୈଦଙ୍କୁ ଓ ଅଭିଷେକ ୩-୨ରେ କଟକର ସୟଦ ଅର୍ଶ ଅଲିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

### ଅଗଷ୍ଟ ୨୨ରେ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ଲେଭଲ୍ ମିଟ୍

## କଳିଙ୍ଗରେ ୧୮ ଇଭେଣ୍ଟରେ ହେବ ଲଢ଼େଇ

ଭୁବନେଶ୍ୱର, ୧୧।୮ (ସମିସ)



ଫାଇଲ୍ ଫଟୋ

ଚଳିତ ମାସ ୨୨ ତାରିଖରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ପ୍ରତିଯୋଗିତା ହେବ। ଏହି ଦିନିକିଆ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଲାଗି ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ମଙ୍ଗଳବାର ଇଭେଣ୍ଟ ତାଲିକା ଘୋଷଣା କରାଯାଇଛି। ମୋଟ୍ ଉପରେ କଳିଙ୍ଗରେ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ପ୍ରତିଯୋଗିତା ସାମିଲ ରହିଛି। ବିଶ୍ୱ ଆଥଲେଟିକ୍ସ ନିୟମ ଅନୁଯାୟୀ ସିଲଭର୍ ମିଟ୍ ପାଇଁ ଅତି କମରେ ୭୫,୦୦୦ ଆମେରିକୀୟ ଡଲାର (୬୧ ଲକ୍ଷ ୫୧ ହଜାର ଟଙ୍କା)ର ମୋଟ ପୁରସ୍କାର ପ୍ରଦାନ କରାଯିବ। ଗତବର୍ଷ ଏହି ସମାନ ଭେନ୍ୟୁରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିଲାଗି ନିୟମ ଅନୁଯାୟୀ ୨୫ ହଜାର ଡଲାରର ପୁରସ୍କାର ରହିଥିଲା। ସେହିଭଳି ସିଲଭର ଲେଭଲ୍‌ରେ ବିଜୟୀ ପ୍ରତିଯୋଗୀଙ୍କୁ କାଟାଗୋରୀ-ବି ପଏଣ୍ଟ ମିଳିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ରୁ ଜାପାନର ଆଇଚି-ନାଗୋୟାରେ ଗୁରୁତ୍ୱପୂର୍ଣ୍ଣ ଏସୀୟ କ୍ରୀଡା ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ କଳିଙ୍ଗ ପ୍ରତିଯୋଗିତାକୁ ଭାରତୀୟ କ୍ରୀଡ଼ାବିତ୍ ଅନ୍ତିମ ପ୍ରସ୍ତୁତି ଶିବିର ହେବ। ଭାରତର ପ୍ରାୟ ୬୦ ଜଣ ଖେଳାଳି, ପ୍ରଶିକ୍ଷକ ଏହି ଦିନିକିଆ ପ୍ରତିଯୋଗିତାରେ ସାମିଲ ହେବାର ଆଶା କରାଯାଉଛି। ପୋଲାଣ୍ଡର ସ୍ପାଟାରେ ବର୍ତ୍ତମାନ ତାଲିମ ନେଉଥିବା ଅଧିକାଂଶ ଭାରତୀୟ ଆଥଲେଟ୍ ଭୁବନେଶ୍ୱର ଫେରି ଶିବିରରେ ସେମାନଙ୍କର ପ୍ରସ୍ତୁତି ଜାରି ରଖିବେ ବୋଲି ଆଶା କରାଯାଉଛି। ଗ୍ଲାସଗୋରେ ଜାଭେଲିନ ଥ୍ରୋରେ କାଂସ୍ୟ ଜିତିଥିବା ଯଶବୀର ସିଂହ, ମୁରଲୀ ଶ୍ରୀଶଙ୍କର, ସର୍ବେଶ କୁମାର ପ୍ରମୁଖ କଳିଙ୍ଗରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏଠାରେ ନୀରଜ ଚୋପ୍ରା ଅଂଶଗ୍ରହଣ କରିବେ ନାହିଁ। ଅଗଷ୍ଟ ୨୧ରେ ଲୌସାନେ ଡାଇମଣ୍ଡ ଲିଗରେ ଅର୍ଶଦ ନଦୀମ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ରୁମେଶ ଥରଙ୍ଗା ପାଥିରାଗେଙ୍କ ବିପକ୍ଷରେ ନୀରଜ ପ୍ରତିଦ୍ୱନ୍ଦ୍ୱିତା କରିବା ନିଶ୍ଚିତ ହୋଇଛି।

### କଳିଙ୍ଗରେ ହେବାକୁ ଥିବା ଇଭେଣ୍ଟ

**ପୁରୁଷ**: ୧୦୦ ମିଟର, ୪୦୦ ମିଟର, ୮୦୦ ମିଟର, ୫୦୦୦ ମିଟର, ୧୧୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ୍ ଓ ଜାଭେଲିନ ଥ୍ରୋ।

**ମହିଳା**: ୧୦୦ ମିଟର, ୪୦୦ ମିଟର, ୧୫୦୦ ମିଟର, ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ୍ ଥ୍ରୋ ଓ ଜାଭେଲିନ ଥ୍ରୋ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS